

ଖେଳାଳିଙ୍କ ଭବିଷ୍ୟତ ସ୍ଥିର କରିପାରିବି ନାହିଁ ପୃଷ୍ଠା ୨


Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17


# ସଂଚାର THE SANCHAR


ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 283 | ଭାଗ ୩୨ | ସଂଖ୍ୟା୨୮୩ Bhubaneswar | Monday 6 January 2025 | Page 8 Rs. 4.00 ଭୁବନେଶ୍ୱର ସୋମବାର ୬ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ବଢ଼ିଲା ଇ-କେୱାଇସି ଅବଧି

**ଜାନୁଆରୀ ୩୧ ସୁଦ୍ଧା ପ୍ରକ୍ରିୟା ସାରିବାକୁ ନିର୍ଦ୍ଦେଶ**



**ଭୁବନେଶ୍ୱର,୫ା୧ (ସଂଚାର ବ୍ୟୁରୋ):** ଖାଦ୍ୟ ସୁରକ୍ଷା ବ୍ୟବସ୍ଥାରେ ସୁବିଧା ପାଉଥିବା ହିତାଧିକାରୀଙ୍କ ପାଇଁ ଇ-କେୱାଇସି ଅବଧି ବଢ଼ାଇଲେ ସରକାର। ପାଖ ଇପିଏସ କିମ୍ବା ରାସନ ଯୋଗାଣ କେନ୍ଦ୍ରରେ ଇ-କେୱାଇସି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର। ପୂର୍ବରୁ ଜାନୁଆରୀ ୧୫ ତାରିଖ ଯାଏ ଏହି ତାରିଖ ଥିଲା ବେଳେ ଆସନ୍ତା ୩୧ ଯାଏଁ ଅବଧି ବୃଦ୍ଧି କରାଯାଇଛି।

ନେଟୱର୍କ ସମସ୍ୟାରୁ ନେଇ ଫିଜିକାଲ ଭେରିଫିକେସନ୍ ନେଇ ବହୁ ସମସ୍ୟା ନେଇ ଆସିଥିଲା ଅଭିଯୋଗ। ଜାନୁଆରୀ ୫ ସୁଦ୍ଧା ଇ-କେଓ୍ୱାଇସି ଅପଡେଟ୍ ସରିବା ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ତେବେ ମନ୍ତ୍ରୀ କହିଥିଲେ ଯେ ଅପଡେଟ ପାଇଁ ଆଉ ୫ରୁ ୭ ଦିନ ସମୟ ଦିଆଯିବ । ଏନେଇ ସମସ୍ତ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଯୋଗାଣ ବିଭାଗ ଅତିରିକ୍ତ ସଚିବ ଚିଠି ଲେଖିଛନ୍ତି। ପ୍ରତି ପଞ୍ଚାୟତ ସ୍ତରରେ ଇ-କେୱାଇସି ବୃଦ୍ଧି ପାଇଁ ବ୍ୟାପକ ପ୍ରଚାର ପ୍ରସାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ଦ୍ଦିଷ୍ଟ ପୋର୍ଟାଲରେ ହିତାଧିକାରୀ ଇ-କେୱାଇସିର ଷ୍ଟାଟସ ପରଖି ପାରିବେ।

ଆହୁରି ୪୮ ଲକ୍ଷ ହିତାଧିକାରୀ ବାକି ଥିବାରୁ ଯୋଗାଣ ବିଭାଗ ବୈଠକରେ ବଡ଼ ନିଷ୍ପତ୍ତି ନିଆଯାଇଛି। ସମସ୍ତ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଯୋଗାଣ ବିଭାଗ ଅତିରିକ୍ତ ସଚିବଙ୍କ ଚିଠି ଲେଖିଛନ୍ତି। ପ୍ରତି ପଞ୍ଚାୟତ ସ୍ତରରେ ଇ-କେୱାଇସି ବୃଦ୍ଧି ପାଇଁ ବ୍ୟାପକ ପ୍ରଚାର ପ୍ରସାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଦୁ୍ୟତିକ ଓ ଛାପା ଗଣମାଧ୍ୟମ ସହ ସୋସିଆଲ ମିଡିଆରେ ଜୋରଦାର ହେବ କ୍ୟାମ୍ପେନ୍। ନିର୍ଦ୍ଦିଷ୍ଟ ପୋର୍ଟାଲରେ ଇ-କେୱାଇସିର ଷ୍ଟାଟସ ପରଖି ପାରିବେ ହିତାଧିକାରୀ। ମୋବାଇଲ ଓ ଆଧାର ନମ୍ବର ଦେଇ ଇ-କେୱାଇସିର ଷ୍ଟାଟସ ପରଖି ପାରିବେ ହିତାଧିକାରୀ। ଜାନୁଆରୀ ୧୫ ସୁଦ୍ଧା ଅନ୍ୟୁନ ୯୦ ପ୍ରତିଶତ ଇ-କେୱାଇସି ଅପଡେଟ୍ ଜରୁରୀ ବୋଲି କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩୪୧ଟି ଫେୟାର ପ୍ରାଇସ ସପ୍ ରହିଛି। ଜାନୁଆରୀ ୩୧ ସୁଦ୍ଧା ୧୦୦ଟି ଏଫ୍‌ପିଏସ୍‌କୁ ଅନଲାଇନରେ ପରିଣତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଫ୍‌ପିଏସ୍‌କୁ ଅନଲାଇନରେ ➪ପୃଷ୍ଠା-୬

# ଆଦିବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭୟବାଣୀ

## ଆଦିବାସୀଙ୍କ ଜଳ, ଜମି ଓ ଜଙ୍ଗଲ ସୁରକ୍ଷା ଦାୟିତ୍ୱ ନେଲେ ମୋହନ

- ଶହୀଦ ମାଧୋ ସିଂହ ହାତଖର୍ଚ୍ଚ ଯୋଜନାର ହେଲା ଶୁଭାରମ୍ଭ
- ୧.୬ ଲକ୍ଷ ଛାତ୍ରଛାତ୍ରୀ ପାଇଲେ ପ୍ରୋତ୍ସାହନ ରାଶି
- ମାଧୋ ସିଂହଙ୍କ ଅଣନାତି ଲୋକଶ୍ୱର ସିଂହ ବରିହା ସମ୍ବର୍ଦ୍ଧିତ



**ଭୁବନେଶ୍ୱର,୫ା୧ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଜି ବାର୍ଷିକ ଆଦିବାସୀ ମେଳାର ଉଦଘାଟନ କରିଛନ୍ତି। ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ ଉପଲକ୍ଷେ ଏହି ମେଳାକୁ ଚଳିତ ବର୍ଷ ଆଗୁଆ କରାଯାଇ ଜାନୁଆରୀ ୫ ରୁ ଜାନୁଆରୀ ୧୫ ପର୍ଯ୍ୟନ୍ତ ଆୟୋଜନ କରାଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏ ବର୍ଷ ପ୍ରବାସୀ ଭାରତୀୟମାନେ ଭୁବନେଶ୍ୱର ଆସିବେ ଏବଂ ଆଦିବାସୀ ସଂସ୍କୃତିର ସୁନ୍ଦରତା ଦେଖିବେ, ଜାଣିବେ ଓ ଅନୁଭବ କରିବେ। ଓଡିଶାର ସବୁ ଆଦିବାସୀମାନଙ୍କର ଏହି ମହାପର୍ବ ଏଥର ନିଶ୍ଚିତ ଭାବରେ ବିଶ୍ୱ ମଞ୍ଚରେ ପ୍ରସିଦ୍ଧି ଅର୍ଜନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶହୀଦ ମାଧୋ ସିଂହ ହାତଖର୍ଚ୍ଚ ଯୋଜନାର ଶୁଭାରମ୍ଭ କରି କହିଛନ୍ତି ଯେ, ଏହା ଦ୍ୱାରା ଆଦିବାସୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ବଢ଼ିବା ସହିତ ଡ୍ରପ ଆଉଟ୍ ହାର ମଧ୍ୟ କମିବାରେ ସହାୟକ ହେବ। ଯେଉଁ ଜନଜାତି ବର୍ଗର ଛାତ୍ରଛାତ୍ରୀ ଅଷ୍ଟମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ନବମ, ଏବଂ ଦଶମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ଏକାଦଶ ଶ୍ରେଣୀରେ ନାମ ଲେଖାଇବେ, ସେମାନଙ୍କ ପାଇଁ ଏକ ପ୍ରୋତ୍ସାହନ ରାଶି ଭାବରେ ଏକାକାଳୀନ ବାର୍ଷିକ ୫୦୦୦ ଟଙ୍କା ପ୍ରଦାନ କରାଯିବ।

ସମ୍ପୃକ୍ତ ଶ୍ରେଣୀରେ ନାମ ପଞ୍ଜୀକରଣ ହେବା ପରେ ନିୟମିତ କକ୍ଷରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏହି ଯୋଜନା ଦ୍ୱାରା ଉପକୃତ ହେବେ । ଆଜି ୧.୬ ଲକ୍ଷ ଛାତ୍ରଛାତ୍ରୀ ଏହି ପ୍ରୋତ୍ସାହନ ରାଶି ପାଇଲେ, ସମୁଦାୟ ୨ ଲକ୍ଷରୁ ଅଧିକ ଜନଜାତି ଛାତ୍ରଛାତ୍ରୀ ଏଥିରେ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।




ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସ୍ୱାଧୀନତା ସଂଗ୍ରାମରେ ଆଦିବାସୀଙ୍କ ତ୍ୟାଗ ଓ ବଳିଦାନ ଅତୁଳନୀୟ । ଭଗବାନ ବିର୍ସା ମୁଣ୍ଡା ଓ ଶହୀଦ ମଧୋ ସିଂହଙ୍କ ସଂଘର୍ଷ ଉପରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ । ଶହୀଦ ମାଧୋ ସିଂହଙ୍କ ସଂଘର୍ଷର କାହାଣୀ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଶହୀଦ ମାଧୋ ସିଂହ ଥିଲେ ବରଗଡ ଜିଲ୍ଲା ଘେଂସ ଅଞ୍ଚଳର ଜନଜାତି ବର୍ଗର ଜମିଦାର । ବ୍ରିଟିଶ ସରକାରଙ୍କ ଅତ୍ୟାଚାରକୁ ବିରୋଧ କରି ସେ ବିଦ୍ରୋହ ଘୋଷଣା କରିଥିଲେ । ୧୮୫୭ ମସିହାରେ ସେ ସମ୍ବଲପୁର ନିକଟସ୍ଥ ସଂଗଡା ଘାଟିରେ ଅନେକ ବ୍ରିଟିଶ ସୈନ୍ୟଙ୍କୁ ହତ୍ୟା କରିଥିଲେ। ➪ପୃଷ୍ଠା-୬

# ଜିତୁ-ଲେଲିନ୍ ମାନିଲେ 'ବଲ୍ଲେ ବଲ୍ଲେ'ରେ ଚାଲିଥିଲା





- ମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କୁ ନିଶାଣ କରି ହଟହଟା
- ବିବାଦୀୟ ଢାବାକୁ ଚଳାଉଥିବା ମାନିଲେ ବିଜେଡି ନେତା

**ଭୁବନେଶ୍ୱର,୫ା୧ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ବହୁ ଚର୍ଚ୍ଚିତ ବଲ୍ଲେ ବଲ୍ଲେ ଢାବା ପ୍ରସଙ୍ଗରେ ପୁଣିଥରେ ବିଜେଡି ଫଶିଛି । ପୂର୍ବରୁ ଏହି ଘଟଣାରେ ଦଳ ବଦନାମ ହୋଇଥିବାବେଳେ ଏବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଧର୍ମଶାଳା ବିଧାୟକ ଲିକୁ ସାହୁଙ୍କ ବଲ୍ଲେ ବଲ୍ଲେ ଭିତରକୁ ଟାଣି ବିଜେଡି ନିଜ ଚକ୍ରବ୍ୟୁହରେ ଛନ୍ଦିହୋଇ ଯାଇଛି ।

ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଓରଫ ଜିତୁ ଆଜି ଗଣମାଧ୍ୟମକୁ କହିଛନ୍ତି ଯେ ଶନିବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଧର୍ମଶାଳା ବିଧାୟକ ଲିକୁ ସାହୁ ବଲ୍ଲେ ବଲ୍ଲେ ଢାବାକୁ ଯାଇଥିଲେ। ହେଲେ ଏହି ଘଟଣାରେ ଆଦୌ କୌଣସି ସତ୍ୟତା ନଥିବା କୁହାଯାଉଛି । ସେହିଦିନ ମୁଖ୍ୟମନ୍ତ୍ରୀ ଯାଜପୁର ଗସ୍ତ ସମୟରେ କେବଳ କଳ୍ପତରୁ ଭବନକୁ ଯାଇଥିଲେ । ହେଲେ ଢାବା ଉପରେ ଲାଗିଥିବା କଳାଦାଗକୁ ଲିଭାଇବାକୁ ଯାଇ ଜିତୁ ନିଜେ ବିବାଦକୁ ଟାଣିହୋଇ ଯାଇଛି । ସେ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ତାଙ୍କରି ଅମଳରେ ହିଁ ବଲେ ବଲେ ଢାବା ଚଳାଯାଉଥିଲା ଓ ଏହା ଏକ ବଦନାମ ଢାବା ଥିଲା। ବିଜେଡିର ଆଉଜଣେ ମୁଖପାତ୍ର ଲେନିନ ମହାନ୍ତି ମଧ୍ୟ ଜିତୁଙ୍କ କଥା ଉପରେ ମୋହର ମାରିଛନ୍ତି ।

ଉଲ୍ଲେଖନୀୟ ଯେ ବଲ୍ଲେ ବଲ୍ଲେ ଢାବା ପୂର୍ବରୁ ବିବାଦରେ ରହିଥିଲା। ଯାଜପୁର ଜିଲ୍ଲାର ଏହି ଚର୍ଚ୍ଚିତ ଢାବା ଯଦିଓ ସରକାରୀ ଅର୍ଥରେ ନିର୍ମାଣ ହୋଇଥିଲା କିନ୍ତୁ ଏହାର ପରିଚାଳନା ଭାର ଜଣେ ବିଜେଡି ନେତ୍ରୀଙ୍କ ହାତରେ ରହିଥିବା ନେଇ ଚର୍ଚ୍ଚା ହୋଇଥିଲା । ବିଜେଡି ସରକାର କ୍ଷମତାରୁ ଯିବା ପରେ ପରେ ଢାବା ମାଲିକ ତୁରନ୍ତ ସ୍ଥାନ ଖାଲି କରିଥିଲେ। ସେତେବେଳେ ଏଭଳି ପ୍ରଚାର ହୋଇଥିଲା ଯେ କିଛି ଗଣମାଧ୍ୟମ ଏହାର ଲାଇଭ କଭରେଜ କରିବାକୁ ପଛାଇନଥିଲେ । ହେଲେ କିଛିଦିନ ଚର୍ଚ୍ଚାପରେ ସବୁକିଛି ଥମି ଯାଇଥିଲା। ବିବାଦୀୟ ଢାବାର ମାଲିକାଣି କୁହାଯାଉଥିବା ବିଜେଡି ନେତ୍ରୀ ଏହା ଉପରେ କୌଣସି ପ୍ରତିକ୍ରିୟା ରଖିନଥିବାବେଳେ ବିଜେଡି ବି ଏହି ବିବାଦରୁ ନିଜକୁ ଦୂରେଇ ରଖିଥିଲା ।

ଏବେ ମଉକା ଦେଖି ଚଉକା ମାରିବାକୁ ଉଦ୍ୟମ କରି ବିଜେଡି ନିଜେ ଫଶିଛି । ଜିତୁ କହିଛନ୍ତି ଯେ ଢାବାଟି ତାଙ୍କରି ସରକାର ଅମଳରେ ଚାଲିଥିଲା । ଏହାକୁ ସେତେବେଳେ କିଛି ଗଣମାଧ୍ୟମ ରଙ୍ଗଶାଳା ବୋଲି କହିଥିଲେ ଓ ଏହା ବିବାଦୀୟ ଥିଲା । ଏହି ବିବାଦୀୟ ଢାବାକୁ ମୁଖ୍ୟମନ୍ତ୍ରୀ କାହିଁକି ଗଲେ ଓ ଧର୍ମଶାଳା ବିଧାୟକଙ୍କୁ କାହିଁକି ସାଙ୍ଗରେ ନେଲେ ବୋଲି ସେ ସିଧାସଳଖ ପ୍ରଶ୍ନ କରିଛନ୍ତି ? ଜିତୁ ସ୍ୱୀକାର କରିଛନ୍ତି ଯେ ଏହା ତାଙ୍କ ସରକାର ଅମଳରେ ଚାଲିଥିଲା ଓ ବିବାଦୀୟ ମଧ୍ୟ ଥିଲା ।

ଏଥି ସହିତ ନିଜ ବୟାନରେ ଜିତୁ ପୁଣି କହିଛନ୍ତି ଯେ ବର୍ତ୍ତମାନ ଢାବାର ରଙ୍ଗ ➪ପୃଷ୍ଠା-୬

## ସନ୍ୟାସୀଙ୍କ ଶିଷ୍ୟ ହଂସୀତାଙ୍କ ଗଡ଼ଫାଦର



- ଏନଜିଓ କଳା ଟଙ୍କା ପାଇଁ କେସ !
- ୪ ଶହ କୋଟି ନେଇଥାନ୍ତେ ବିଜେଡି ନେତା
- ଭାଗ ନଛିଡିବାରୁ ବନ୍ଧାହେଲେ ହଂସୀତା

ଦେହରେ ମିନି ସ୍କର୍ଟ, ପାଦରେ ହାଇ ହିଲ ଜୋତା, ଆଖିରେ ବ୍ରାଣ୍ଡେଡ୍ ସନ ଗ୍ଲାସ। ସେ ଚାଲି ଯାଉଥିଲେ, ଯେ କେହିବି ହେଲେ ଚାହିଁ ରହୁଥିଲା। ଆଉ ଯେତେବେଳେ ୪ କୋଟି ଟଙ୍କାର କାରରୁ ଓହ୍ଲାଉଥିଲେ, ସେତେବେଳେ ମ୍ୟାଡାମଙ୍କୁ ରିସିଭ କରିବାକୁ ରେଡ୍ କାର୍ପେଟ ପଡୁଥିଲା । କେତେବେଳେ ଟ୍ରାଇଡେଣ୍ଟ ହୋଟେଲ ତ ଆଉ କେତବେଳେ ଗଲ୍ଫ କ୍ଲବରୁ ବାହାରୁଥିଲେ ମ୍ୟାଡାମ। ସୁଦୂର କଳାହାଣ୍ଡିର ନର୍ଲାରୁ ଆସି ସ୍ପାରେ କାମ କରୁଥିବା ମହିଳା ହଠାତ କେମିତି ଶହ ଶହ କୋଟିର ମାଲିକ ହେଲେ ତାକୁ ନେଇ ଖୋଳତାଡ଼ କରିବା ପରେ ଏବେ ନୂଆ ନୂଆ ତଥ୍ୟ ପୋଲିସକୁ ତାଜୁବ କରିଛି। ରିମାଣ୍ଡରେ ଆସିବା ପରେ ହୁଏତଃ ଅନେକ ତଥ୍ୟ ସାମ୍ନାକୁ ଆସିପାରେ । ହେଲେ ଏବେ ସ୍ପେଶାଲ କ୍ରାଇମ ୟୁନିଟ ହାତରେ ଯେଉଁ ସୁରାକ ଲାଗିଛି, ତାହା ଯଦି ସାମ୍ନାକୁ ଆସେ ତେବେ ରାଜ୍ୟ ରାଜନୀତିରେ ଆସିପାରେ ହଲଚଲ । ଆମେ କହୁଛୁ ସେହି ସନ୍ୟାସୀଙ୍କ ଏକଦା ଶିଷ୍ୟ ପାଲଟିଥିବା ପ୍ରତିଷ୍ଠିତ ବ୍ୟକ୍ତିଙ୍କ କଥା। ଯିଏ ଦିନେ ବିଜେଡି ପାୱାର କରିଡର ରେ ଥିଲେ ଗେହ୍ଲାପୁଅ । ନବୀନ ଓ ସନ୍ୟାସୀଙ୍କ ଆଶୀର୍ବାଦରେ ଦିଲ୍ଲୀ ଦରବାରରେ ବିଜେଡି ପକ୍ଷରୁ ପ୍ରତିନିଧିତ୍ୱ ମଧ୍ୟ କରିଥିଲେ । ପ୍ରତିଷ୍ଠିତ ଚେହେରା ଭାବେ ଜଣାଶୁଣା ଥିବାରୁ ଅନେକ ଫାଇଦା ମଧ୍ୟ ନେଇଥିଲେ । କିନ୍ତୁ ସବୁ ବିଗାଡି ଦେଇଥିଲେ କଳାହାଣ୍ଡିର ଝିଅ ହଂସୀତା ଅଭିଲିପ୍ସା। ହାଇ ହିଲ ଦେଖି ବାଇୟା ହୋଇଯାଇଥିଲେ ସନ୍ୟାସୀଙ୍କ ଶିଷ୍ୟ। ଏକାନ୍ତରେ ସମୟ କଟାଇବା ପାଇଁ ଦିନେ ଛଡା ଦିନେ ଦୁହେଁ ଟ୍ରାଇଡେଣ୍ଟ ରେ ମିଟିଂ ନାଁ ରେ ମିଶୁଥିଲେ । ପ୍ରାଇଭେଟ ସୁଇମିଂ ପୁଲରେ କ୍ୱାଲିଟି ଟାଇମ କଟାଉଥିଲେ। କିନ୍ତୁ ଏନଜିଓ ନାଁ ରେ ଆସିଥିବା ୫ ଶହ କୋଟି ଟଙ୍କାର କଳା ଟଙ୍କା କୁ ଧଳା କରିବା ପାଇଁ କୁଆଡେ ଏହି ସନ୍ୟାସୀ ଶିଷ୍ୟଙ୍କ ହଂସୀତାଙ୍କ ସହ ଭାଗ ଛିଡିନଥିଲା । କଥା ହୋଇଥିଲା ଏନଜିଓ ନାଁରେ ଆସିଥିବା ୫ ଶହ କୋଟି ଟଙ୍କାର୍ କଳା ଧନକୁ ଧଳା କରିଦେଲେ ୧ ଶହ କୋଟି ଟଙ୍କା ମିଳିବ । ପରେ କିନ୍ତୁ ହଂସୀତା ପରେ ୧ ଶହ କୋଟି ଡିଲ ରେ ରାଜି ନହୋଇ ଅଧିକ ଭାଗ ମାଗିଥିଲେ। ଆଉ ଏତିକିରେ ପ୍ରତିଷ୍ଠିତ ବ୍ୟକ୍ତି ବା ସନ୍ୟାସୀଙ୍କ ଶିଷ୍ୟଙ୍କଙ୍କ ବିପି ହାଇ ହୋଇଯାଇଥିଲା । ନିଜର ଜଣେ ଏକାନ୍ତ ଖାସ ଅନୁଗତଙ୍କ ସହାୟତାରେ ଇନ୍ଫୋସିଟି ଥାନାରେ ଏତଲା ପରେ ହଂସୀତା ଓ ତାଙ୍କ ପୁରୁଷ ବନ୍ଧୁ ଅନିଲଙ୍କୁ ବାନ୍ଧିଥିଲା ପୋଲିସ। ଆଉ ଏଥିପାଇଁ ମଧ୍ୟ କୁଆଡେ ଏକ ଭଲ ଆମାଉଣ୍ଟ ଥାନା ଲେଭୁଲରେ କାରବାର ହୋଇଥିଲା। କିନ୍ତୁ ପୁରା ଡ୍ରାମା ର ଡ଼ାଇରେକ୍ଟର ନିଜେ ସନ୍ୟାସୀ ହୋଇଥିବା ବେଳେ ତାଙ୍କର ଦୁଇ ଅନୁଗତଙ୍କ ସାହାଯ୍ୟରେ ସ୍କ୍ରିନ ପ୍ଲେ କରିଥିବା ଚର୍ଚ୍ଚା ଏବେ ଜୋର ଧରିଛି। ତେବେ ଚର୍ଚ୍ଚାର ବିଷୟ ହେଉଛି, ସାମାନ୍ୟ ପାର୍ଲରରେ କାମ କରୁଥିବା ଯୁବତୀ ଜଣଙ୍କ କୁଆଡେ ଏହି ସନ୍ୟାସୀ ଶିଷ୍ୟଙ୍କ ପାଇଁ କୋଟି କୋଟିର ମାଲିକ ହୋଇଛନ୍ତି। ରାଜଧାନୀରେ ଦୁଇ ଦୁଇଟି ଫ୍ଲାଟ ବେନାମୀ ନାଁ ରେ କିଣିଛନ୍ତି । ଏପରିକି ସନ୍ୟାସୀଙ୍କ ଶିଷ୍ୟଙ୍କ ଜରିଆରେ କୁଆଡେ କନ୍ଧମାଳ ର ଜଣେ ସାଂସଦ ପ୍ରାର୍ଥୀଙ୍କୁ ବିବାହ କରିଥିଲେ ହଂସୀତା। କିନ୍ତୁ ଭାଗ ନଛିଡିବାରୁ ଏବେ ଦୁହେଁ ଦୁହିଁଙ୍କ ଶତ୍ରୁ। ଏସବୁ କଥା ପ୍ରଘଟ ହେବା ପରେ ଏହି ପ୍ରତିଷ୍ଠିତ ଠକ ମଧ୍ୟ ଖୁବଶୀଘ୍ର ପୋଲିସ ସ୍କାନରକୁ ଆସିବା ଚର୍ଚ୍ଚା ଏବେ ଜୋର ଧରିଛି । ତେବେ ଦେଖିବାକୁ ବାକି ରହିଲା, ଧୋବ ଧାବଳିଆ ବାବୁ ଜଣଙ୍କ ଏଭଳି ପରିସ୍ଥିତିକୁ କିଭଳି ମ୍ୟାନେଜ କରୁଛନ୍ତି ।

## କୁକୁଡା ପରିବହନ:ଆରଏମ୍‌ସି ବାହାରେ ଟିକସ ମନା

**ଭୁବନେଶ୍ୱର,୫ା୧ :** କୁକୁଡା ପରିବହନ କରୁଥିବା ଯାନଗୁଡିକରୁ ନିୟମ ଅନୁଯାୟୀ କେବଳ ଆରଏମସି ସୀମା ପରିସରରେ ଟିକସ ଆଦାୟ କରାଯିବ। ଏହା ବାହାରେ କୁକୁଡା ପରିବହନ ଯାନଠାରୁ ଅର୍ଥ ଆଦାୟ ନକରିବାକୁ ଓଡିଶା କୃଷି ବିପଣନ ବୋର୍ଡ ପକ୍ଷରୁ ଆରଏମସି ସମ୍ପାଦକମାନଙ୍କୁ ପତ୍ରଲେଖି ଅବଗତ କରାଯାଇଛି ।



ରାଜ୍ୟରୁ ଉତ୍ପାଦିତ କୁକୁଡାକୁ ରାଜ୍ୟ ଭିତରେ ଓ ରାଜ୍ୟ ବାହାରକୁ ପରିବହନ କରୁଥିବା ବ୍ୟବସାୟୀମାନେ ରାସ୍ତାଘାଟରେ ଆରଏମସି ଜୁଲମର ଶିକାର ହେଉଥିବା ନେଇ ବାରମ୍ବାର ଅଭିଯୋଗ କରିଆସୁଥିଲେ । ବିଶେଷକରି ରାଜପଥରେ କୁକୁଡା ପରିବହନଗାଡିକୁ ଅଟକାଇ ଆରଏମସି କର୍ତ୍ତୃପକ୍ଷ ଟିକସ ଆଦାୟ କରିବା ଓ ଧମକ ଚମକ ଦେବା ଉଲ୍ଲେଖ କରିଥିଲେ । ଏହାକୁ ନେଇ ସେମାନେ ବିଭାଗୀୟ ମନ୍ତ୍ରୀ ଓ କୃଷି ବିପଣନ ପରିଷଦର ନିର୍ଦ୍ଦେଶକଙ୍କୁ ଭେଟି ଜଣାଇଥିଲେ । ଏ ନେଇ ବିଧାନସଭାରେ ପ୍ରଶ୍ନ ମଧ୍ୟ ଉଠିଥିଲା ।

ତେବେ ନିକଟରେ ଓଡିଶା ରାଜ୍ୟ କୃଷି ବିପଣନ ବୋର୍ଡ ସମସ୍ତ ଆରଏମ୍‌ସି ସମ୍ପାଦକମାନଙ୍କୁ ପତ୍ରଲେଖି କେବଳ ଆରଏମସି ପରିସରରେ କୁକୁଡା ବ୍ୟବସାୟୀ ଓ ପରିବହନ ଯାନଠାରୁ ଟିକସ ଆଦାୟ କରାଯିବ ବୋଲି ସ୍ପଷ୍ଟଭାବେ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଟିକସ ଆଦାୟ ସମୟରେ କର୍ମଚାରୀମାନେ ନିଜର ପରିଚୟପତ୍ରକୁ ବେକରେ ପକାଇବା ପାଇଁ କୁହାଯାଇଛି । ଫଳରେ ଏଣିକି ଆଉ ଆରଏମସି ଠାରୁ ଦୂରରେ ଥିବା ରାଜପଥ ଓ ଅନ୍ୟାନ୍ୟ ସ୍ଥାନରୁ ଟିକସ ଆଦାୟ ହୋଇପାରିବନାହିଁ ବୋଲି ସ୍ପଷ୍ଟ ହୋଇଥିବା କୁକୁଡା ➪ପୃଷ୍ଠା-୬

## ଗାଁର ବିକାଶରେ ଦେଶର ବିକାଶ



- ସବୁ ପଞ୍ଚାୟତରେ ନିରନ୍ତର ସ୍ୱଚ୍ଛ ପାନୀୟ ଜଳ ପହଞ୍ଚାଇବା ଜରୁରୀ
- ନବଜାତ ଶିଶୁ ଓ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା
- ପଞ୍ଚାୟତରେ ରୋଜଗାରକୁ ବ୍ୟବସ୍ଥିତ କରିବାକୁ ଯୋଜନା ହେଉ
- ସୁଭଦ୍ରା ଯୋଜନା ସହାୟତାର ସଦୁପଯୋଗ ପାଇଁ ପରାମର୍ଶ

**ସମ୍ବଲପୁର,୫ା୧ (ସଂଚାର ବ୍ୟୁରୋ):** ଗାଁର ବିକାଶ ହେଲେ ଦେଶର ବିକାଶ ହେବ । ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିକଶିତ ଭାରତ ଗଠନର ଯେଉଁ ଲକ୍ଷ୍ୟ ରଖିଛନ୍ତି, ତାହା କେବଳ ଗାଁର ସାମଗ୍ରିକ ବିକାଶ ଦ୍ୱାରା ହିଁ ସମ୍ଭବ ହେବ । ଗାଁର ବିକାଶ ନ ହେଲେ ବିକଶିତ ଭାରତର ସ୍ୱପ୍ନ ପୂରଣ ହୋଇପାରିବ ନାହିଁ ବୋଲି ରବିବାର ସମ୍ବଲପୁର ଠାରେ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା "ଲୋକାଲ୍ ଚମ୍ପିଆନ୍" ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ସେ କହିଛନ୍ତି ଆମ ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥା ଏକ ମଜଭୁତ୍ ବ୍ୟବସ୍ଥା । ଗ୍ରାମାଞ୍ଚଳର ବିକାଶ ତଥା ଗାଁରେ ବସବାସ କରୁଥବା ଲୋକମାନଙ୍କର ଜୀବନଜୀବିକାରେ ପରିବର୍ତ୍ତନ ଆଣିବାରେ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗ୍ରାମ ପଞ୍ଚାୟତଗୁଡ଼ିକ ମଧ୍ୟରେ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ସୁସ୍ଥ ପ୍ରତିଯୋଗିତା କରିବାର ଲକ୍ଷ୍ୟ ନେଇ ଲୋକାଲ୍ ଚମ୍ପିଆନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଗ୍ରାମୀଣ ବିକାଶ ପାଇଁ ଭାରତ ସରକାର ଓ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ଗୁଡିକର କିପରି ସଠିକ୍ ପରିଚାଳନା ହେବ, ସେ ଲକ୍ଷ୍ୟ ନେଇ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ ହୋଇଛି । ସ୍ଥାନୀୟ ନେତୃତ୍ୱ, ଜନପ୍ରତିନିଧିଙ୍କ ଭୂମିକା ଓ ଆଞ୍ଚଳିକ କାର୍ଯ୍ୟକୁ ଗୁରୁତ୍ୱ ଦେଇ ଲୋକାଲ୍ ଚମ୍ପିଆନ ପ୍ରଶିକ୍ଷଣ ହେଉଛି । ସମ୍ବଲପୁର ଜିଲ୍ଲା ଗ୍ରାମାଞ୍ଚଳର ପାନୀୟ ଜଳ, ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାର ଓ ଅନ୍ୟା ନ୍ୟ ଉପରେ ଯେଉଁ ଦୀର୍ଘମିଆଦୀ ଯୋଜନା ହେବ, ତା'ର ମୂଳ ଆଧାର ପଞ୍ଚାୟତିରାଜ ବ୍ୟବସ୍ଥା ହେବ ।

ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସରପଞ୍ଚ, ସମିତି ସଭ୍ୟ ଓ ପଞ୍ଚାୟତ ସହ ଜଡ଼ିତ ସମସ୍ତଙ୍କୁ ୧୦ଟି ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ । ଶ୍ରୀ ପ୍ରଧାନ କହିଛନ୍ତି ସବୁ ଗ୍ରାମ ପଞ୍ଚାୟତରେ ନିରନ୍ତର ଭାବେ ସ୍ୱଚ୍ଛ ପାନୀୟ ଜଳ ପହଞ୍ଚାଇବା ପାଇଁ ଯୋଜନା ହେଉ। ନବଜାତ ଶିଶୁ ଓ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟକୁ ବିଶେଷ ପ୍ରାଥମିକତା ଦିଆଯାଉ। ଶିଶୁର ଜନ୍ମରୁ ଆରମ୍ଭ କରି ଦ୍ୱାଦଶ ପଢିବା ପର୍ଯ୍ୟନ୍ତ ସେମାନଙ୍କୁ ➪ପୃଷ୍ଠା-୬



### କାନ ଡେରିଥା

ରଙ୍ଗଶାଳା ଏବେ ଧର୍ମଶାଳା ହେଲା
ପୂର୍ବେ ଚାଲିଥିଲା ଲୀଳା
ବଲେ ଢ଼ାବାରେ ରଙ୍ଗ ଚାଲିଥିଲା
ଏବେ ଯେ ବୁଡ଼ିଲା ଭେଳା
ପଶିଗଲା ଶକ୍ତ କୀଳା...
ଜନ ବଦଳରେ ଦେହ ସେବା କରି
ମସ୍ତି କରୁଥିଲେ ଭୋଳା

■ ଦେବାଶିଷ

# ପ୍ରଦୂଷଣ ବୋର୍ଡକୁ ପ୍ରଦୂଷିତ କରୁଛନ୍ତି ବିଜେଡି ମାର୍କା ବାବୁ

- ଦପ୍ତର ପାଲଟିଛି ପିଟିସନ ତିଆରି କାରଖାନା
- ମୁହଁ ଲୁଚାଇଲେଣି ମହିଳା କର୍ମଚାରୀ

**ଭୁବନେଶ୍ୱର,୫ା୧ (ସଂଚାର ବ୍ୟୁରୋ):** ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ଥିବା ବିଜେଡି ମାର୍କା ବାବୁମାନେ ମାନେ ଏବେ ବୋର୍ଡକୁ ପ୍ରଦୂଷିତ କରିବାରେ ଲାଗିଛନ୍ତି । ନିଜ ନିଜ ଚେଲାଚାମୁଣ୍ଡାଙ୍କୁ ଲଗାଇ ପିଟିସନ ପକାଇବା ସହିତ ତାହା କିଭଳି ପ୍ରକାଶିତ ହେବ ତାହାର ବ୍ୟବସ୍ଥା ବି କରୁଛନ୍ତି । ଏଥିଯୋଗୁଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କେବଳ ବଦନାମ ହେଉନାହିଁ ମହିଳା କର୍ମଚାରୀମାନେ ମଧ୍ୟ ମୁଣ୍ଡ ଟେକି ଚାଲିପାରୁନଥିବା ଆଲୋଚନା ହେଉଛି ।

State Pollution Control Board, Odisha
ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା

ସୂଚନା ଅନୁଯାୟୀ ବୋର୍ଡରେ କିଛି ବିଜେଡି ମାର୍କା ଯନ୍ତ୍ରୀ ଓ ବାବୁ ରହିଛନ୍ତି । ଏମାନେ ପୂର୍ବ ସରକାର ସମୟରେ ଅଖଣ୍ଡ କ୍ଷମତା ଉପଭୋଗ କରୁଥିଲେ । ନୂଆ ସରକାର ଆସିବାପରେ କାଳେ ସେମାନଙ୍କ ହାତରୁ କ୍ଷମତା ଚାଲିଯିବ ସେଥିପାଇଁ ଏବେ ପିଟିସନକୁ ଅସ୍ତ୍ର କରିଛନ୍ତି । ସବୁଠାରୁ ବଡକଥା ହେଲା ପିଟିସନରେ ଦପ୍ତରର କିଛି ମହିଳାଙ୍କ କଥା ଉଲ୍ଲେଖ କରିବା ସହିତ ଏଥିରେ କାହାର ନାଁ ଗାଁ ନଥିବେଳେ ତାହା କିଭଳି ପ୍ରକାଶିତ ହେବ ତାହାର ବ୍ୟବସ୍ଥା ବି କରୁଛନ୍ତି । ଏଥିଯୋଗୁଁ ପ୍ରଦୂଷଣ ବୋର୍ଡ ବଦନାମ ହେବାରେ ଲାଗିଛି । କିଛି କର୍ମଚାରୀଙ୍କ ପରିବାର ନାଁରେ ଅପପ୍ରଚାର ହେଉଥିବାରୁ ସେମାନେ ବି ମୁଣ୍ଡଟେକି ଚାଲିପାରୁ ନାହାନ୍ତି । ମହିଳା କର୍ମଚାରୀମାନେ ତ ଟାହି ଟାପରାର ଶିକାର ହେଲେଣି। ତେବେ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ଯେ କିଛି ଯନ୍ତ୍ରୀଙ୍କ ପଦୋନ୍ନତି ରୋକିବାପାଇଁ ବୋର୍ଡରେ ଆଉ କିଛି ଯନ୍ତ୍ରୀ ଏଭଳି ଖେଳ କରୁଛନ୍ତି । ଗୋଟିଏ ଗୋଷ୍ଠି ନିଜର କିଛି ଅନୁଗତ ଠିକାଦାରଙ୍କ ବ୍ୟବହାର କରି ମିଛ ପିଟିସନ ତିଆରି କରିବା ସହିତ ତାହାକୁ ଗଣମାଧ୍ୟମରେ ପହଞ୍ଚାଇ ଦେଉଛନ୍ତି । ଏହା କିଭଳି ପ୍ରଚାର ପ୍ରସାର ହେବ ତାହାର ବ୍ୟବସ୍ଥା ବି କରୁଛନ୍ତି । ସବୁଠାରୁ ବଡ କଥା ହେଲା ଦପ୍ତରରେ ଏଭଳି ପାଲା ଚାଲିଥିବାବେଳେ ବୋର୍ଡର ଅଧ୍ୟକ୍ଷ ଥିବା ମୁଖ୍ୟ ଶାସନ ସଚିବ କିମ୍ବା ବୋର୍ଡର ସଦସ୍ୟ ସଚିବ ଅହେତୁକ ନିରବତା ଅବଲମ୍ବନ କରୁଛନ୍ତି । ମହିଳା କର୍ମଚାରୀଙ୍କ ପ୍ରତି ଅତ୍ୟନ୍ତ ଅପମାନସୂଚକ ମନ୍ତବ୍ୟ ଦିଆଯାଇ ପିଟିସନ ପଡୁଥିବାବେଳେ ଏହାର ସତ୍ୟାସତ୍ୟ ନେଇ ମଧ୍ୟ କୌଣସି ଠୋସ୍ ତଦନ୍ତ କରାଯାଉ ନାହିଁ। ଗଣମାଧ୍ୟମରେ ପ୍ରକାଶ ପାଇଲା ପରେ ବି ସମସ୍ତେ ନିରବତା ଅବଲମ୍ବନ କରୁଛନ୍ତି ।

ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଅଧିନରେ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ଦପ୍ତରରେ ପ୍ରାୟତଃ କ୍ଷମତାକୁ ନେଇ ଯନ୍ତ୍ରୀ ଓ ବାବୁମାନଙ୍କ ମଧ୍ୟରେ ଲଢେଇ ହୋଇଥାଏ । ହେଲେ ବର୍ତ୍ତମାନ ତାହା ଅତ୍ୟନ୍ତ ନିମ୍ନ ସ୍ତରକୁ ଯାଇଥିବାରୁ ପ୍ରଦୂଷଣ ବୋର୍ଡ ବଦାନମ ମୁଣ୍ଡାଇବାରେ ଲାଗିଛି । ବିଭାଗୀୟ ମନ୍ତ୍ରୀ, ବୋର୍ଡର ଅଧ୍ୟକ୍ଷ ଥିବା ମୁଖ୍ୟ ଶାସନ ସଚିବ କିମ୍ବା ବୋର୍ଡର ସଦସ୍ୟ ସଚିବ ଏଥିରେ ହସ୍ତକ୍ଷେପ ନକଲେ କେବଳ ବୋର୍ଡ ବଦନାମ ହେବନାହିଁ, ସରକାର ମଧ୍ୟ ଆଗାମୀ ଦିନରେ ବଦନାମର କାଗଠଗଡାରେ ଛିଡାହୋଇଯିବେ । କିଛି କର୍ମଚାରୀଙ୍କ ➪ପୃଷ୍ଠା-୬

## ଆଜିଠୁ ୪ ଦିନିଆ ଓଡ଼ିଶା ଗସ୍ତରେ ଜୟଶଙ୍କର

**ଭୁବନେଶ୍ୱର,୫ା୧ (ସଂଚାର ବ୍ୟୁରୋ):** ଆସନ୍ତାକାଲିଠୁ ଓଡିଶା ଗସ୍ତରେ ଆସୁଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର। ଚାରି ଦିନିଆ ଓଡିଶା ଗସ୍ତରେ କେନ୍ଦ୍ରମନ୍ତ୍ରୀ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ସାମିଲ ହେବେ। ସେ ସପତ୍ନୀକ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ରାଜଧାନୀ ଭୁବନେଶ୍ୱର ଓ କୋଣାର୍କରେ ତାଙ୍କର ରହଣୀର ବ୍ୟବସ୍ଥା ହୋଇଛି । ଜୟଶଙ୍କର ଆସନ୍ତାକାଲି ଅପରାହ୍ନରେ ନୂଆଦିଲ୍ଲୀରୁ ବାହାରି ସନ୍ଧ୍ୟା ସୁଧା ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବେ। ବିମାନ ବନ୍ଦରରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ବିଧାୟକ ଓ ବରିଷ୍ଠ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିବେ । ଏହା ପରେ ଭୁବନେଶ୍ୱରରୁ ସିଧାସଳଖ ସଡ଼କ ପଥରେ କୋଣାର୍କ ଯିବେ କେନ୍ଦ୍ରମନ୍ତ୍ରୀ । କୋଣାର୍କ ଇକୋ-ରିଟ୍ରିଟରେ ସେ ରାତ୍ରିଯାପନ କରିବେ । ମଙ୍ଗଳବାର ସକାଳେ ➪ପୃଷ୍ଠା-୬

## ଏଡ଼େ ଭାଗ୍ୟ ମୋର କାହିଁରେ କାଳିଆ

**ବାସନ୍ତୀ ଲତା ଜେନା**

ଏଡ଼େ ଭାଗ୍ୟ ମୋର କାହିଁରେ କାଳିଆ
ବଡ଼ ଦାଣ୍ଡ ଧୂଳି ହେବି
ତୋ ଭକ୍ତ ଚରଣେ ଲାଗି ରହି ଥିବି
ଭାଗ୍ୟବାନ ମଣୁ ଥିବି
ଏଡ଼େ ଭାଗ୍ୟ ମୋର କାହିଁରେ କାଳିଆ
ସେବକ ହୋଇ ପୂଜିବି
ବିଶ୍ୱାବସୁ ପରି ପୂଣ୍ୟ ନାହିଁ ମୋର
ନିତି ଦିନ ସେବୁ ଥିବି
ଶବରୀଙ୍କ ପରି ନାହିଁ ମୋ ବିଶ୍ୱାସ
କୁଟିରେ ଅନାଇ ଥିବି
କଷା ଫଳ ଫିଙ୍ଗି ମିଠା ଖୁଆଇବି
ନିଜକୁ ଧନ୍ୟ ମଣିବି
ସୁଦାମାନଙ୍କ ପରି ବନ୍ଧୁତା ନାହିଁ ମୋ
ଖୁଦ ଭଜା ଖୁଆଇବି
ବିଦୁରଙ୍କ ପରି ବନ୍ଧୁ ନୁହେଁ ମୁଁଯେ
ଶାଗ ପଖାଳ ବାଢ଼ିବି
ଧୀବରଙ୍କ ପରି ଯୋଗ୍ୟତା ନାହିଁ ମୋ
ଶ୍ରୀଚରଣ ଧୋଇଦେବି
ବଳରାମ ଦାସ ଭକ୍ତି ମୋର ନାହିଁ
ରଥ ଅଟକାଇ ଦେବି
ଯୁଧିଷ୍ଠିର ଭଳି ଭକ୍ତି ନାହିଁ ମୋର
ପାଖେ ପାଖେ ରହି ଥିବି
ଅର୍ଜୁନଙ୍କ ପରି ସଖା ନୁହେଁ
ମୁଁ ଯେ ଗୀତାର ତତ୍ତ୍ୱ ଶୁଣିବି
କୁବୁଜାଙ୍କ ପରି ଭାଗ୍ୟ ନାହିଁ ମୋର
ଚନ୍ଦନ ପାଟି କରିବି
ଦାସିଆଙ୍କ ପରି ଶ୍ରଦ୍ଧା ନାହିଁ ମୋର
ଶ୍ରୀଫଳଟେ ଯାଚି ଦେବି
ତୋହରି ସଂସାରେ ଅଧମ ନାରୀ ମୁଁ
ତୋର କୃପା ଚାହୁଁ ଥିବି
ତୁଳସୀ ଚନ୍ଦନ କରିଦେ କାଳିଆ
ତୋ ସେବାରେ ଲାଗୁ ଥିବି
ମାଟି କଳସୀଟେ କରି ଦିଅ ପ୍ରଭୁ
ତୋ ଶ୍ରୀମୁଖ ଦେଖୁ ଥିବି
ଦୁବ କୁସୁମରେ ସଜାଇ ହୋଇଣ
ତୋ ମନକୁ ମୋହୁ ଥିବି
ମାଟିର ଦୀପାଳି କରିଦେ କାଳିଆ
ସଞ୍ଜ ସକାଳେ ଜଳିବି
ଏଡ଼େ ଭାଗ୍ୟ ମୋର ସତେ ହେବ ପ୍ରଭୁ
ତୋ ବଦନ ଦେଖୁ ଥିବି
ମାଟିର ମଣିଷ ମାଟିରେ ମିଶିବି
ଗାଉଥିବି ତୋର ନାମ
ଭଜନ କିର୍ତ୍ତନେ ନାମ ଉଚ୍ଚାରଣେ
ଶେଷ ତିର୍ଥ ସ୍ୱର୍ଗ ଧାମ
**ଗାନ୍ଧୀନଗର, ନବରଙ୍ଗପୁର**



## ଏକତାର ସୂତ୍ରେ ବାନ୍ଧରେ

**ଡଃ ନାରାୟଣ ଚନ୍ଦ୍ର ସେନାପତି**

ବିଶାଳକାୟ ହସ୍ତୀ ଭୟ କରେ
ଯେବେ ଦେଖେ ବାଉଁଶ ବୁଦା
ପାଞ୍ଚ ଆଙ୍ଗୁଠି ମିଶିଗଲେ
ହାତ ଦେଖାଏ ତାର ପ୍ରକୃତ ମସୁଧା
ଦଳେ ଲୋକଙ୍କୁ ଦେଖିଲେ
ଥରି ଉଠେ ଶକ୍ତିର କମାଣ
ଯୋଡ଼ାକୁ ଘୋଡା ସରି ନୁହଁ ଉକ୍ତି କୁ
କେହି କ'ଣ କରିପାରେ ବାରଣ ?
ଏକର ସାମର୍ଥ୍ୟଠାରୁ
ଅନେକର ଯୋଡା ଛନ୍ଦ
କଠିନ ଓ ସବଳ
ଶତ୍ରୁ ଭୟ କରେ
ଶକ୍ତିମାନ ମଥା ନୁଆଁଏ
ଏକତାର ସୂତ୍ର ଏମିତି ସଭିଙ୍କୁ
ବାନ୍ଧେ ଛନ୍ଦେ ଯେ
ସ୍ନେହ ମମତା ଏସବୁ
ଆନନ୍ଦରେ ହୁଅନ୍ତି ବିହ୍ୱଳ ଆଉ ପାଗଳ।
ସେଦିନ ଏକତା ଯୋଗୁଁ
ମୋ ଦେଶ ହୋଇଥିଲା ସ୍ୱାଧୀନ
ଏଇ ଏକତା ଯୋଗୁଁ ଯେକୌଣସି
ଦେଶର ଖେଳାଳି ଦଳ
ସାଉଁଟି ଥାଆନ୍ତି କେତେ ଯେ ସ୍ୱର୍ଣ୍ଣ
ମଣିଷ ସିନା ଅମାନିଆଁ ହୋଇ
ଭାଙ୍ଗି ଦିଏ ଏକତା
ହେଲେ ପିପିଲିକା ଆଉ ପକ୍ଷୀ ଦଳ କହୁଥାନ୍ତି
ଅମାନିଆ ହୁଅ ନା ରେ
ଯଦି ଜିତିବାକୁ ଚାହଁ
ଏକତାର ସୂତ୍ରେ ବାନ୍ଧରେ।
**ଜମ୍ବୁରା, କେନ୍ଦୁଝର**



## ଜନନୀ ଜନ୍ମଭୂମି

**ପ୍ରତାପ କିଶୋର ରାଉତ**

ମୋ ଜନମ ଭୂମି ସୁଷମା ଶାଳିନୀ
ବିଶ୍ୱେ ଅତୁଳନୀୟ
ସରଗଠୁ ବଡ କୀରତି ତାହାର
ଅତୁଲ୍ୟ ତା ପରିଚୟ ।୧।

ତାର ନଦ ନଦୀ ସବୁଜ ବନାନୀ
ଦିଶଇ କେଡ଼େ ସୁନ୍ଦର
ସେନେହ ସୁତାରେ ବାନ୍ଧିଛି ସଭିଙ୍କୁ
ଲାଗେ ଏକ ପରିବାର ।୨।

ବୀର ସନ୍ତାନର ମାଟି ଅଟେ ଏହି
ବିରଭୋଗ୍ୟା ବସୁନ୍ଧରା
ମୁକୁତା କୀରିଟ ମଥାରେ ବହିଛି
ଶିରୀ ଚିର ମନୋହରା ।୩।

ସାଗର ସଲୀଳ ପାଦ ଧୋଇ ଦିଏ
ମନ୍ଦ୍ର ମଧୁର ସ୍ୱରେ
କୋଟି ସନ୍ତାନକୁ ବାନ୍ଧିଅଛି ସେଯେ
ସେନେହ ମମତା ଡୋରେ।୪।

ଜଗତର ନାଥ କାଳିଆ ସାଆନ୍ତ
ଶ୍ରୀକ୍ଷେତ୍ର ମାଟିରେ ରହି
ବିଶ୍ୱକୁ ଦେଉଛି ଅମୀୟ ଆଶୀଷ
ମମତାର ଭାବ ବହି।୫।

ଏହି ମାଟି ମୋର ଭାଗ୍ୟ ଗଢିଅଛି
ମୋପାଇଁ ଏହା ଚନ୍ଦନ
କୋଟି ନମସ୍କାର ତାର ଚରଣରେ
କରୁଛି ତାର ବନ୍ଦନ ।୬।

ଶେଷ ବେଳେ ଏଇ ମାଟି ମଶାଣୀରେ
ଜଳୁଥିବ ମୋର ଜୁଇ
ଏଇ ଅଟେ ମୋର ମାଟିର ବୈକୁଣ୍ଠ
ତାପାଇଁ ଗର୍ବିତ ମୁହିଁ ।୭।
**ତେନ୍ତୁଳିପଦୀ , ହାଟଡିହି , କେନ୍ଦୁଝର**





## ମହାବାହୁ

**ବିଷ୍ଣୁ ପ୍ରସାଦ ମିଶ୍ର**

ନୀଳ କନ୍ଦରର ଚକା ବଇଠିରେ
ଚକନୟନହେ ଚଉଦିଗେ ବାନାକୁ ଉଡ଼ାଇ
ଚାହିଁଅଛ ଚକାଆଖି
ଭକ୍ତ ମନ ବୁଝିବାର ପାଇଁ, ,
ମୁଁ କି ହେବି ଦାସିଆ ଓ ବିଦୁରର ପରି
ଅବା ସେଇ ବନ୍ଧୁ ମହାନ୍ତି'ର ସମ
ସାଲବେଗ ଠାରୁ ହୀନଟିଏ ମୁଁଯେ'
ଶୁଣିବ ମୋ ଦୁଃଖ କି'ବା ହେ କଳା ଗୋସାଇଁ।।

ବାଲି ରଥ ଗଢ଼ିନାହିଁ
ଗଢ଼ିନାହିଁ ଅବା କାଠରଥ
ଆଶା ଆଉ ଆଦର ସମର୍ପି
ମନରଥେ ବସାଇଛି ସରାଗେ ସପନେ, ,
ନାହିଁ ମୋର ରାଧା ପରି ଭାବ
ମୀରା ପରି ତ୍ୟାଗର ନିକାଷ୍ଠା
ତୁଳସୀର ପରି ତପ ନିଷ୍ଠା
ସତେ ଅବା ପାଇବି ମୁଁ ତୁମକୁ କେସନେ।।

ଜନ୍ମ ଦେଲ ଏ ମରତ ଧାମେ
ଖେଳିବାକୁ ମର ଶରୀର'ଟେ
କର୍ମେ ଭୂଲି ଜପ ତପ ନିଷ୍ଠା
କର୍ତ୍ତବ୍ୟ'ରେ ଖେଳିଖେଳି
ମରିବାକୁ ପଡ଼ିବ ନିଶ୍ଚୟ, ,
ମନେ ନ ରଖି କପଟ
ଦୟାର ସାଗର 'ତୁମେ'
ଦୟାବହି କୃପାନେତ୍ରେ ଟିକେ ଅନାଇଲେ
ଯମଦଣ୍ଡେ 'ମହାବାହୁ' ନଥିବ ମୋ ଭୟ।
**ରଥଶର୍ମା କଲୋନୀ, କୋରାପୁଟ**
**ମୋବାଇଲ୍: ୯୧୨୪୦୪୯୧୨୯**



## ତୁ ହେଇଯା

**ସ୍ୱାଗତିକା ସାହୁ**

ତୁ କଦାକାର ହେବାକୁ ଚାହୁଁଛୁ ଯଦି
ତୁ ହେଇ ଯା.....
ଏକ ନଷ୍ଟ ଚରିତ୍ରର ନାୟକ
ତୋତେ କିଏ ବା ରୋକି ପାରିବ
ନା ସମୟ ନା ତୋ ଅଦମ୍ୟ ତୃଷ୍ଣା
ନା ଆକଟର ସୀମା ସରହଦ...
ତୋ ସାମ୍ରାଜ୍ୟର ଏକଛତ୍ର ସମ୍ରାଟ ତୁ...!

ତୁ ସରିବାକୁ ଚାହୁଁଛୁ ଯଦି
ଅନାୟସେ ସରିଯା....
ପୁରୁଷ ନାମରେ କଳଙ୍କିତ ପ୍ରତିନିଧି ଟେ
ତୋ ଦେହ ଦେଉଳଟା ପାପର ସବାର
ପୂଣ୍ୟର ଚିରାଗ ତୋ ପାଇଁ ବନ୍ଦ
ନାରୀ ବାସ୍ନା ର କାମୁକ ପୁରୁଷ ତୁ....

ନାରୀର ମଙ୍ଗ ଧରି,
ହେବାକୁ ଚାହୁଁ ତୁ ବଳୀୟାନ
ତୁ ବଳୀୟାନ ହେଇଯା....
ବଦଳେଇ ଦେ ତୋ ଗ୍ରହ ନକ୍ଷତ୍ର ସବୁ
ନୀଳ କଇଁ ଆଖି ଭରି ପାଇଯା ସୁଖ
ନାରୀ ମେଳରେ ବାନିଯା ତୁ
ସହସ୍ର ଗୋପୀଙ୍କ କୃଷ୍ଣ !!

ତୁ ଯଦି ଉପଭୋଗ କରିବାକୁ ଚାହୁଁଛୁ
ଉପଭୋଗ କରିଯା....
କାରଣ ନା ଥିବ ଏ ବଳ ବା ବୟସ
ଅସମୟେ ଦେଇ ଯିବେ ଧୋକା
ଆଉ ଚାହୁଁ ଥିବୁ ଆଁ ଫାଡ଼ି...
ନଥିବ ସେ ପୌରଷତତ୍ତ୍ୱ ର ବୀଜ
ନଥିବ ନିଜ ପରିବାର....
ସାଙ୍ଗ ସାଥି ବା ସହୋଦର
ଅବା କେଉଁ ଈଶ୍ୱରଙ୍କ ଭବ୍ୟ ଅବଦାନ
ଥିବ ଖାଲି ଏକ ନଷ୍ଟ ଚରିତ୍ରର
ପେଣ୍ଟାଏ ସ୍ୱରଲିପି...
ମନରେ ଅସଂଖ୍ୟ ଭୟ ନେଇ
ଘୁରିବୁଲୁଥା....
ବୋଧେ ଭାଗ୍ୟଦେବୀ
ଏବେ ଅପ୍ରସନ୍ନ....!!
**ଉମରକୋଟ, ନବରଙ୍ଗପୁର**



# ପ୍ରତିଶୋଧ



**ସାଗର କୁମାର ପରିଡ଼ା**

ପାହାଡ଼ ପର୍ବତ ଘେରା ବଣ ମୁଲକ। ଯୁଆଡେ ଦେଖିବ ସିଆଡେ ବିଭିନ୍ନ ପ୍ରକାରର ଜଙ୍ଗଲୀ ଗଛ ବିଶେଷ କରି ଶାଳଗଛ ଆଉ ଶାଳଗଛ। ସେହି ଶାଳଜଙ୍ଗଲରେ ବିଭିନ୍ନ ପକ୍ଷୀମାନଙ୍କର ରାବିବା ଶବ୍ଦ ସେହି ନିଃଶବ୍ଦ ପରିବେଶକୁ ବେଳେବେଳେ କୋଳାହଳମୟ କରି ଦେଉଥାଏ। ସେହି ଜଙ୍ଗଲର ପାଦ ଚଲା ବାଟରେ ଆଉ କିଛି ବାଟ ଗଲେ ଅରଣ୍ଡା ପାହାଡ଼ ପଡେ, ସେହି ପାହାଡ଼ରୁ ଝରି ଆସୁଥାଏ ଝରଣାଟିଏ କୁଳୁକୁଳୁ ନାଦ କରି। ଯାହାର ଶବ୍ଦ ଅଶାନ୍ତ ମନକୁ ଶାନ୍ତ କରିବା ପାଇଁ ଯଥେଷ୍ଟ। ଏହିପରି ଏକ ସୁନ୍ଦର ମନୋରମ ପ୍ରାକୃତିକ ଶୋଭାରାଜିରେ କାଇଞ୍ଚପୁର ଗାଁଟିଏ। ଗାଁର ଲୋକମାନେ ପ୍ରାୟ ଅଧିକାଂଶ କୃଷି କାର୍ଯ୍ୟ କରି ଜୀବିକା ନିର୍ବାହ କରନ୍ତି। ଏଇ କିଛି ଦିନ ହେଲା ଗାଁ ନିକଟରେ ରେଲୱେ ଲାଇନ ଯାଇଛି। ଗାଁ ଲୋକମାନେ ପାଖ ଗମରମୁଣ୍ଡି ଷ୍ଟେସନରୁ ନିଜ ଗନ୍ତବ୍ୟ ସ୍ଥଳକୁ ଯିବା ଆସିବା କରନ୍ତି। ସେହି ଗାଁରେ ଧନୁ ମୁଣ୍ଡାର ଘର। ଘରଟି ମାଟିରେ ତିଆରି ହୋଇଥାଏ, ଘରର ଉପର ଖପରରେ ଛାଆଣି ହୋଇଛି। ସେହି ଘରେ ଧନୁ ମୁଣ୍ଡା ତାର ସ୍ତ୍ରୀ ନେତି ମୁଣ୍ଡା ଏବଂ ଝିଅ ମୀତା ମୁଣ୍ଡା ସହିତ ରହୁଥିଲା।

ହସଖୁସିରେ ନିଜ ବିଲରେ କାମ କରି ତାର ଗୁଜୁରାଣ ମେଣ୍ଟାଉ ଥିଲା ଧନୁ। ସେ ଅନେକ ସ୍ୱପ୍ନ ଦେଖିଥିଲା ନିଜ ଝିଅକୁ ନେଇ, କିପରି ଭଲ ପାଠ ପଢ଼ାଇ ତାର ଝିଅକୁ ବଡ ମଣିଷ କରିବ ସେଇ ଚିନ୍ତାରେ ସେ ସବୁବେଳେ ବ୍ୟସ୍ତଥାଏ। ନେତି ବି ସବୁବେଳେ ଧନୁକୁ ସବୁ କାମରେ ସାହାଯ୍ୟ କରୁଥାଏ। ଧନୁ ତା ଝିଅର ନାଁ ଗାଁ ସ୍କୁଲରେ ଲେଖେଇଥିଲା। ତା ଝିଅ ଏବେ ସପ୍ତମ ଶ୍ରେଣୀରେ ପଢୁଛି। ମନଦେଇ ପଢୁଛି ବୋଲି ମାଷ୍ଟ୍ରେ ଧନୁକୁ ଦିନେ କୁଆଡେ କହିଥିଲେ। ସେଇଦିନୁ ତା ମନ ଭାରି ଖୁସି। ତେଣୁ ସ୍କୁଲରୁ ଫେରିବା ପରେ ଧନୁ ମୁରୁଖ ହେଲେ ମଧ୍ୟ ଆଜି ଇସ୍କୁଲରେ କଣ ପଢ଼ାହେଲା ବୋଲି ନିଜ ଝିଅକୁ ପଚାରେ, ଝିଅଟି ବିଭିନ୍ନ ପ୍ରକାର ଗପ ଯେପରିକି କୁମ୍ଭିର, ମାଙ୍କଡ଼, କଇଁଛ, ଠେକୁଆ ଗପ ତା ବାପା, ମାଙ୍କୁ କୁହେ। ଝିଅ ଠାରୁ ଗପ ଶୁଣି ସ୍ୱାମୀ ସ୍ତ୍ରୀଙ୍କର ଖୁସି କହିଲେ ନସରେ। ଧନୁ ବେଳେବେଳେ ସାପ୍ତାହିକ ହାଟରୁ ତା ଝିଅ ଏବଂ ସ୍ତ୍ରୀ ପାଇଁ ନୂଆ ନୂଆ ପୋଷାକ କିଣିଆଣେ। ସେ ସବୁବେଳେ ତା ପରିବାରକୁ ଖୁସିରେ ରଖିବାକୁ ଚେଷ୍ଟାକରେ। ।

ହଠାତ ଦିନେ ତାର ହସଖୁସିର ପରିବାରରେ ଦୁଃଖର କଳାବାଦଲ ଛାଇ ହୋଇଗଲା। ଯେତେବେଳେ ଧନୁ ଅପରାହ୍ନରେ କ୍ଷେତରୁ ଆସି ଦେଖିଲା ଯେ, ତା ଝିଅ ସ୍କୁଲରୁ ଘରକୁ ଆସିନି। ସେ ଭାବିଲା ବୋଧେ ତାର ସାଙ୍ଗମାନଙ୍କ ଘରକୁ ଯାଇଥିବ ତେଣୁ ସେ ତାର ସାଙ୍ଗ ମାନଙ୍କ ଘରକୁ ଗଲା ପଚାରିଲା ମୀତା ବିଷୟରେ ସମସ୍ତେ ମନାକଲେ। ତାପରେ ତା ସ୍ତ୍ରୀ ଓ ସେ ବିଦ୍ୟାଳୟ ରେଲୱେ ଷ୍ଟେସନ ସବୁଆଡେ ଖୋଜିଲେ। ହେଲେ କେଉଁଆଡ଼େ କିଛି ଖୋଜଖବର ଝିଅଟି ବିଷୟରେ ମିଳିଲା ନାହିଁ। ସବୁ ଆଡୁ ଧନୁ ନିରାଶ ହୋଇଗଲା। କିଛି ଗାଁ ଲୋକଙ୍କୁ ସାଥିରେ ଧରି ସେ ଜଙ୍ଗଲର ଝରଣା କୂଳରେ ଝିଅଟିକୁ ଖୋଜୁ ଥିଲା, ସେହି ସମୟରେ ପାଖ ଗାଁରେ ଚୋରି ହୋଇଥିବା ଖବର ପାଇ ପୋଲିସ ଜିପ ସେହି ବାଟ ଦେଇ ଯାଉଥିଲା। ଏତେ ଲୋକଙ୍କୁ ଦେଖି ଗାଡ଼ିଟି ସେହିଠାରେ ଅଟକି ଗଲା। ପୋଲିସ ବାବୁ ଗାଡ଼ିରୁ ବାହାରକୁ ବାହାରି ପଚାରିଲେ, ଏତେ ଲୋକ ଏଠାରେ କଣ କରୁଛ ?ବୋଧେହୁଏ ଜଙ୍ଗଲରୁ ଶିକାର କରୁଛ।

ରାଗରେ ଲୋକମାନଙ୍କୁ ତାଗିଦ କରିବାକୁ ଲାଗିଲେ ପୋଲିସ ବାବୁ। ଏହି କଥା ଦେଖି ଧନୁମୁଣ୍ଡା ଡରିଡରି ପୋଲିସ ବାବୁଙ୍କ ପାଖକୁ ଗଲା, ବେକରେ ପଡ଼ିଥାଏ ତାଉଲିଆଟିଏ, ଗଛ ଲତାର କଣ୍ଟା ବାଜି ସେଇଟା ଚିରି ଯାଇଥାଏ। ଆଖିରେ ଆଖିଏ ଲୁହ। ମୁହଁରେ ଦୁଃଖର ଚିହ୍ନ ବାରିହୋଇପଡୁଥାଏ। ତା ସ୍ତ୍ରୀ ମଧ୍ୟ ସେହି ସମ ଅବସ୍ଥା। ହାତ ଯୋଡ଼ିଲା ଧନୁ କହିଲା ତାର ଦୁଃଖ, ବେଦନାର କଥା ଆଜ୍ଞା ମୋର ଝିଅଟି ମୀତା ସ୍କୁଲକୁ ଯାଇଥିଲା ହେଲେ କାଲିଠୁ ତାକୁ ଆମେ ଆଉ ପାଉନୁ, 'ଦୁଇଦିନ ହେଲାଣି ଝିଅଟିକୁ ଖୋଜି ଖୋଜି ଆମେ ସ୍ୱାମୀ ସ୍ତ୍ରୀ ଦୁଇଟା ନୟାନ୍ତ ହୋଇଗଲୁଣି। ବିଦ୍ୟାଳୟ ଠାରୁ ଆରମ୍ଭ କରି ରେଲୱେ ଷ୍ଟେସନ ଯାଏ ଏପରିକି ଗାଁ କୂଅମୂଳ ପୋଖରୀ ତୁଠ ବି ବାଦ ଦେଇନୁ। କିନ୍ତୁ ବାବୁ ଝିଅର କିଛି ଖବର ମିଳୁନି। ସାଙ୍ଗ ସାଥି କେହି ବି କିଛି କହିପାରୁ ନାହାନ୍ତି, ଆମକୁ ଦୟା କରନ୍ତୁ ସାହେବ କାନ୍ଦି କାନ୍ଦି ଧନୁମୁଣ୍ଡା ପୋଲିସ ବାବୁଙ୍କୁ ଗୁହାରି କରୁଥିଲା'। ତା ସହିତ ଗାଁ ଲୋକମାନେ ମଧ୍ୟ। ଏତେ ସରଳ ନୀରିହ ଲୋକମାନଙ୍କୁ କାକୁତି ମିନତୀ ହେବାର ଦେଖି ପୋଲିସ ବାବୁ ଧନୁ ମୁଣ୍ଡାକୁ ସାଥିରେ ଧରି ନିଜେ ଝିଅଟିକୁ ଖୋଜିବାକୁ ବାହାରିପଡ଼ିଲେ ଏବଂ ସବ ଇନସପେକ୍ଟରଙ୍କୁ ପାଖ ଗାଁ କୁ ପଠାଇଲେ। ପ୍ରଥମେ ପୋଲିସ ବାବୁ ବିଦ୍ୟାଳୟରେ ଯାଇ ପହଞ୍ଚିଲେ ସାରଙ୍କୁ ଏବଂ ମୀତାର ସାଙ୍ଗ ସାଥି ମାନଙ୍କୁ ତାହା ବିଷୟରେ ପଚାରିଲେ।

ପୋଲିସ ବାବୁ-ଆଚ୍ଛା ପିଲାମାନେ ମୀତା ବିଦ୍ୟାଳୟ ଛୁଟି ପରେ କାହା ସାଥିରେ ଘରକୁ ଯାଉଥିଲା।

ପିଲାମାନେ- ସାର ରୀତା ସାଥିରେ।

ପୋଲିସ ବାବୁ-ରୀତା କିଏ ଏଠାକୁ ଆସ ?

ରୀତା ଆସିଲା

ପୋଲିସ ବାବୁ-ଆଚ୍ଛା ତୁମେ କହିଲା ମୀତା କୁଆଡେ ଗଲା

ରୀତା-ମୁଁ ଜାଣିନି ସାର

ପୋଲିସ ବାବୁ -କୁହ ନହେଲେ ତୁମକୁ ଥାନାକୁ ନେଇଯିବି।

ରୀତା ଡରିଗଲା ଏବଂ ସତ କଥା କହିବାକୁ ଲାଗିଲା, ମୀତା ମୋଠାରୁ କୋଡିଏ ଟଙ୍କା ନେଇଥିଲା ବାରମ୍ବାର ମାଗିବା ସ୍ୱତ୍ତ୍ୱେ ମଧ୍ୟ ଦେଉନଥିଲା, ତେଣୁ ମୁଁ ତାକୁ କୋଳି ଖାଇବା ନାଁ ରେ ପାଖ ଗାଁ ର ଚାଣ୍ଡାଳ ପାଖରେ ବନ୍ଦୀ କରି ରଖିଛି। ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ ଯେ ଏତେ ଛୋଟ ପିଲା ଏଡ଼େ ବଡ଼ କାମ କିପରି କରିପାରେ। ତଥାପି ପୋଲିସ ବାବୁଙ୍କୁ ସାଥିରେ ଧରି ସେମାନେ ଚାଣ୍ଡାଳ ରହୁଥିବା ଗାଁରେ ପଂହଁଚିଲେ। ଚାଣ୍ଡାଳ ବରଗଛ ମୂଳେ ବସିଥାଏ, ତା ଚାରି ପାଖରେ ବିଭିନ୍ନ ପ୍ରକାର ମଶାଣି ଜିନିଷ ପଡ଼ିଥାଏ। ଦେଖିବାକୁ ଭାରି ବିକଟାଳ ରୂପ ଚଣ୍ଡାଳର। ତା ପାଖରେ ଥାଏ କାଳି ମନ୍ଦିର।

ପୋଲିସ ବାବୁ-ତମେ ଚାଣ୍ଡାଳ

ଚାଣ୍ଡାଳ- ହଁ ଆଜ୍ଞା

ପୋଲିସ ବାବୁ-ତୁମେ ଏଠି କଣ କରୁଚ ?

ମୁଁ ଏଇଠି ରୁହେ ଶବ ପୋଡେ ଚାଣ୍ଡାଳ କହିଲା, ତମେ ସେ ଛୋଟ ଝିଅ ମୀତାକୁ କେଉଁଠି ଲୁଚାଇ ରଖିଛ ?

ଚାଣ୍ଡାଳ ଆଶ୍ଚର୍ଯ୍ୟ ହୋଇ ମୁଁ ତ କିଛି ବୁଝି ପାରୁନି ଆପଣ କଣ କହୁଛନ୍ତି।

କିଛି ବୁଝି ପାରୁନ!

ସେ ଝିଅ ମୀତା କାହିଁ?

ଠିକ ଏହି ସମୟରେ କେଉଁ ଏକ ଝିଅ କାନ୍ଦଣା ଶୁଭିଲା।

ସମସ୍ତେ କାନ୍ଦଣା ଆଡେ ଚାଲିଲେ ଦେଖିଲେ ମୀତାର ଗୋଡ ହାତ ବନ୍ଧା ହୋଇଛି। ସେ କାଳି ମନ୍ଦିର ପଛପଟେ ପଡ଼ିଛି। ଧନୁ ସାଙ୍ଗେ ସାଙ୍ଗେ ଧାଇଁ ଯାଇ ତା ଝିଅର ହାତ ଗୋଡ ଖୋଲିଦେଲା। ତା ଆଖିର ପଟି ଖୋଲି ଦେଲା। ଆଖିରୁ ଲୁହ ବୋହିଯାଉଛି ଧନୁ ମୁଣ୍ଡାର ପଚାରିଲା ଆଲୋ ମା ତୁ ଏଠାକୁ କେମିତି ଆସିଲୁ। ଝିଅଟି କହିଲା ମୋ ଆଖିରେ କପଡା ବାନ୍ଧି ଏଠାକୁ କିଏ ନେଇ ଆସିଛି ମୁଁ ଜାଣିନି। ଆଉ ଏଇ ପଛପଟ ଘରେ ବନ୍ଦ କରି ମୋତେ ରଖିଥିଲେ। ତମ ସମସ୍ତଙ୍କ ପାଟି ଶୁଣି ଜୋରରେ କାନ୍ଦିଲି ବାପା। ପୋଲିସ ବାବୁ ଚାଣ୍ଡାଳକୁ ଧରି ପିଲା ଚୋରି ଅଭିଯୋଗରେ ପୋଲିସ ଭ୍ୟାନରେ ବସାଇବାକୁ ନେଉଥିବା ସମୟରେ ଲୋକମାନଙ୍କର ମାର ମାର ଶବ୍ଦ ପରିବେଶକୁ କୋଳାହଳମୟ କରି ଦେଇଥାଏ। ଏହି ସମୟରେ ରୀତାର ବାପା ସରମ ମୁଣ୍ଡା ଆସି ଚାଣ୍ଡାଳ କାନରେ କହୁଥିଲା ; ତୁ ସେଦିନ ମୋତେ ଏଇଠି ଅପମାନ ଦେଇଥିଲୁନା, ମୋ ମାର ଶବକୁ ପୋଡିବାକୁ ଦେଇନଥିଲୁ ନା ସେଥିପାଇଁ ଆଜି ତୋର ଏ ଅବସ୍ଥା। ଏହି ସମୟରେ ପୋଲିସ ବାବୁ ଚଣ୍ଡାଳକୁ ଧରି ଜିପରେ ବସାଇବାକୁ ଭିଡୁଥାନ୍ତି। ଗାଁ ଲୋକମାନେ ମିତାକୁ ଧରି ଗାଁ ଅଭିମୁଖେ ଯାଉଥାନ୍ତି। ସରମ ମୁଣ୍ଡା ଗାଁ ଆଡେ ଆନନ୍ଦରେ ଚାଲିଛି ଯୁଦ୍ଧ ଜିତିଗଲା ଭଳି, ପଶ୍ଚିମ ଦିଗରେ ସୂର୍ଯ୍ୟ ବୁଡିବାକୁ ବସିଲେଣି। ଜଙ୍ଗଲର ପକ୍ଷୀମାନେ ନୀଡ଼କୁ ଫେରୁଥାନ୍ତି। ଆଉ ଚାଣ୍ଡାଳ ବିଚରା ଚାହିଁ ରହିଥାଏ ମଶାଣି ଆଡ଼କୁ ଲୋତକ ପୂର୍ଣ୍ଣ ନୟନରେ।

**ରାଇଘର, ନବରଙ୍ଗପୁର**

# ଏ ମୋତେ ଭୁଲି ଯିବନି ତ



**ଜୟଶ୍ରୀ ପଟ୍ଟନାୟକ**

ସ୍ୱାମୀ ତାପସଙ୍କ ସାର୍ଟ ବୋତାମ ଲଗଉ ଲଗଉ ଏପଟ ସେପଟ ଟିକେ ଅନେଇକି ରୁମର କବାଟ ପାଖକୁ ଆଉଜାଇ ସ୍ୱାମୀଙ୍କୁ ଚୁପି ଚୁପି କହିଲା ସିପ୍ରା -ଏ ମୋତେ ଭୁଲି ଯିବନି ତ ? ଭୁଲିଗଲେ ମୋର ଆଉ ସଂସାରରେ ନିଜର ବୋଲି କେହି ନାହାନ୍ତି ଯାହାକୁ ମୁଁ ମୋ ମନର କଥା ଗୋଟି ଗୋଟି କରି କହିପାରିବି। ତୁମେ ତ ଜାଣ ତୁମ ସାଥିରେ ଆସିଲା ଦିନ ଠାରୁ ମା' ଘର ଦିନେ ବି ଫୋନ କରିନାହାଁନ୍ତି। ସେମାନଙ୍କ ମନରେ ଥିଲା ବୋଧେ ଏଇ କଥା। ଦେଲୁ ନାରୀ ହେଲୁ ପାରି। ବୋଉ ଏ ପ୍ରସ୍ତାବରେ ରାଜି ନ ଥିବାରୁ ସୁନା ରୁପା ଶାଢ଼ୀ କି ବାଟ ଖର୍ଚ୍ଚ କିଛି ବି ଦେଇନଥିଲା। ତାର ଭାବିବାର ଥିଲା ସେଦିନ ଝିଅ ବିଦା ସରିଲେ ବେଦି ମୁହଁ ପୋଡ଼ା। ହେଲେ ବି ସବୁ ଜାଣିକି ଅଭିନୟ କରିଛି ମୋ ସହିତ। ଭାଇ ମାନେ ଯାହା ଯେମିତି କିଛି କିଛି ଦେଇକି ବିଦା କରିଦେଲେ। ଭାଇ ବାହାଘର ଭୋଜିରେ ମୋ ବାହାଘର ହୋଇଗଲା। ମୋତେ ଲାଗେ ମୁଁ ବୋଧେ ଝିଅ ହୋଇ ଜନ୍ମ ହେବା ଦିନ ଏହିସବୁ କଥା କପାଳରେ ଲେଖି ଆଣିଥିଲି। ବୋଉ ମୋର ଆଠ ମଙ୍ଗଳା ଦିନ କିଛି ବି ଭାର ପଠେଇଲାନି ଶାଶୁଘରକୁ। ମୋତେ କିଛି କହିଲେନି ଶାଶୁ କାରଣ ତମେ ପଇସା ଦେଇ ଗୁଡ଼ିଆ ହାତରେ ସବୁ ମିଠା ପ୍ରସ୍ତୁତ କରିଥିଲ। ଆଠ ମଙ୍ଗଳାରେ ବୋଉ ଘରକୁ ବୁଲିବାକୁ କୋଠା ମାଡ଼ିରେ ଯାଉଛୁ କହି ବାହାରି ପଡ଼ିଲ ମୋତେ ନେଇକି ହେଲେ ବୋଉ ଘର ବଦଳରେ ଆମେ ଯାଇଥିଲେ ଶିଖରଚଣ୍ଡୀ ମନ୍ଦିର। କହିଲ - ବୋଉ ରାଗିଛନ୍ତି ଯେତେବେଳେ କାହିଁକି ଯିବା ତୁମ ଘରକୁ? କିଛି କଥା ବୋଉ କହିଲେ ତୁମେ କନ୍ଦା କଟା କରିବା। ସେହିଦିନ ଭାବିଲି ଭଗବାନ ବୋଲି କିଛି ଶକ୍ତି ଅଛି ଦୁନିଆରେ ଯିଏ ପଠେଇଛନ୍ତି ତୁମକୁ ମୋ ପାଖକୁ ସେହି ରୂପରେ। ଭାବିଲେ ଆଶ୍ଚର୍ଯ୍ୟ ଲାଗେ ବାପା ମାଆ କାହିଁକି ଜନ୍ମ ଦିଅନ୍ତି ଝିଅକୁ କେଜାଣି। ଯଦି ଝିଅ ମନ କଥା ବୁଝିବାରେ ଅକ୍ଷମ। ତୁମେ ଏବେ ଚାଲିଯିବ କର୍ମ କ୍ଷେତ୍ରକୁ। ଯୋଉଠି ସେନା ବାହିନୀ ର ତୋପ ଗୁଳି ବର୍ଷଣ ଶବ୍ଦରେ ଘର ସଂସାର ସବୁ ଭୁଲି ହୋଇଯାଏ। ସ୍ତ୍ରୀ ସହିତ ବିତେଇଥିବା ମଧୁର ମୁହୂର୍ତ୍ତ ବି ଭୁଲି ହୋଇଯାଏ। ଏପଟେ ସ୍ତ୍ରୀ ଘରର କୋଣ ଅନୁକୋଣ କୁ, ସମସ୍ତଙ୍କ ସହିତ ସମ୍ପର୍କ ଯୋଡ଼ି ବଂଚିଲା ବେଳକୁ ମନେ ପଡ଼ିଯାଏ ବାହାଘରର ସେହି ଯୁଗ୍ମ ଜୀବନର କଥା। ଫୋଟୋ ଟିଏ ଦେଖି ମନ ବୁଝେଇଲା ବେଳକୁ ମନେ ପଡ଼ିଯାଏ ପଦେ କଥା ଏଇ ତୁମେ ମୋତେ ଭୁଲି ଯିବନି ତ ? କାରଣ ବହୁତ ଚେଷ୍ଟା କଲେ ବି ସୀମାରେ ଫୋନ ଦେଖାଏ ନଟ ରିଚେବୁଲ। ତାପରେ ମନ ଚୌହଦୀ ରେ ଘୋଟିଯାଏ ଭାବନାର କଳା ବାଦଲ। ଏତିକି କଥା ଶୁଣୁ ଶୁଣୁ ରୁମାଲ ରେ ବୋହି ଆସୁଥିବା ଲୁହକୁ ପୋଛିଦେଲେ ତାପସ। ଜୀବନ ଥିଲା ଯାଏଁ ତୁମେ ମୋର ଏତିକି କଥା ଦେଉଛି ସିପ୍ରା କହି ଗଭୀର ଚୁମ୍ବନ ଟିଏ ସିପ୍ରାର ମୁଖମଣ୍ଡଳରେ ଆଙ୍କି ଦେଲେ। ଆଉ ଏତିକି ବେଳେ ଶାଶୁଙ୍କ ବୋହୂ ଡାକରେ ସମ୍ବିତ ଫେରିଲା ସିପ୍ରାର। ଲାଗୁଥିଲା ଯେମିତି ଅସରାଏ ବର୍ଷାରେ ଭିଜୁଥିଲା ତାର ଦେହ ଆଉ ମନ। ବର୍ଷା ଛାଡ଼ିଗଲା ପରେ ସ୍ମୃତିକୁ ପାଥେୟ କରି ବଞ୍ଚିଲା ପରି ସ୍ୱାମୀ ତାପସଙ୍କ ହାତରୁ ହାତ ଛଡ଼ାଇ କାମରେ ଯୋଗ ଦେଲା

**ଗଙ୍ଗନଗର, ଭୁବନେଶ୍ୱର**



# ଗଡ଼ଖାଇ ପ୍ରତି ନିଘା ନାହିଁ

**କଟକ,୫।୧(ସଂଚାର ବ୍ୟୁରୋ):** ପ୍ରବାସୀ ଆସିବେ ବୋଲି ସଜେଇ ହେଉଛି କଟକ ସହର । ହେଲେ ଐତିହାସିକ ବାରବାଟୀ ଦୁର୍ଗ ପାଖରେ ଥିବା ଗଡଖାଇକୁ କେହି ପଚାରୁ ନାହାଁନ୍ତି । ଦଳ ଓ ଆବର୍ଜନାରେ ଭର୍ତ୍ତି । ହେଲେ ଏଥିପ୍ରତି କାହାର ନିଘା ନାହିଁ । ସେପଟେ ସିଏମ୍‌ସି କମିଶନର କହିଛନ୍ତି ଏବେ ଏହାର ସୌନ୍ଦର୍ଯ୍ୟୀକରଣ ପାଇଁ ସେମିତି କିଛି ଯୋଜନା ନାହିଁ। ସଜେଇ ହେଉଛି ୧୪ଶହ ବର୍ଷ ପୁରୁଣା ସହର କଟକ । ପ୍ରବାସୀ ଭାରତୀୟ ଓଡ଼ିଶା ଆସିବେ ଏବଂ କଟକର ପାଞ୍ଚଟି ସ୍ଥାନ ବୁଲିବେ, ସେଥିରୁ ଗୋଟିଏ ହେଉଛି ଐତିହାସିକ ବାରବାଟୀ ଦୁର୍ଗ । ହେଲେ ଦୁର୍ଗ ପାଖରେ ଥିବା ଐତିହାସିକ ଗଡ଼ଖାଇ ଅବହେଳିତ ହୋଇ ପଡ଼ିରହିଛି । ଯୋଜନା ଥିଲା, ଦଳ ବାହାରିବ, ଆଲୋକିକରଣ ହେବ, ଏବଂ ବୋଟିଂ ସୁବିଧା କରାଯିବ । ହେଲେ ଗଡ଼ଖାଇର ଅବସ୍ଥା ଦେଖିଲେ ଆପଣ ବୁଝି ପାରୁଥିବେ କାମ କେମିତି ଚାଲିଛି । ପ୍ରବାସୀ ଯେତବେଳେ ଗଡ଼ଖାଇକୁ ଦେଖିବେ କଣ ଭାବିବେ ? କଣ ଏମିତି ନିଆଯାଉଛି ଆମ ଐତିହାସିକ ସ୍ଥଳୀର ଯତ୍ନ ? ବାରବାଟୀ ଦୂର୍ଗ ସଜେଇ ହେଇଛି, କିନ୍ତୁ ଅବହେଳିତ ଗଡ଼ଖାଇ ? ଏନେଇ ସିଏମ୍‌ସି କମିଶନର କହିଛନ୍ତି ଏହାର ରକ୍ଷଣାବେକ୍ଷଣ ପାଇଁ ସେମିତି କିଛି ଯୋଜନା ନାହିଁ ।

# ଶିଳ୍ପ ଓ ବ୍ୟବସାୟର ହବ୍ ହେବ ସମ୍ବଲପୁର

ସମ୍ବଲପୁରର ମୂଳ ଅର୍ଥନୀତି ହେଉଛି ବାଣିଜ୍ୟ

ଶିଳ୍ପ ସମେତ ସ୍ଥାନୀୟ ନାଗରିକଙ୍କ ଇଜ୍ ଅଫ୍ ଲିଭିଂକୁ ପରିବର୍ତ୍ତନ କରିବା

ଏକବିଂଶ ଶତାବ୍ଦୀରେ ଆଧୁନିକ ଓ ଶିଳ୍ପଭିତ୍ତିକ ସହର ହେବ ସମ୍ବଲପୁର





**ସମ୍ବଲପୁର,୫।୧(ସଂଚାର ବ୍ୟୁରୋ):** ସମ୍ବଲପୁରର ଅପାର ସମ୍ଭାବନାକୁ ଉପଯୋଗ କରି ଜିଲ୍ଲାକୁ ଶିଳ୍ପ ଓ ବ୍ୟବସାୟର ପେଣ୍ଠସ୍ଥଳିରେ ପରିଣତ କରିବା ପାଇଁ ଆମେ ଯୋଜନା କରିବା ଦରକାର ବୋଲି ରବିବାର ସମ୍ବଲପୁର ଠାରେ ଚାମ୍ବର ଅଫ୍ କମର୍ସ ବୈଠକରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସମ୍ବଲପୁରରେ ଥିବା ଶିଳ୍ପ ଓ ବ୍ୟବସାୟର ସମ୍ଭାବନା ଉପରେ ଆଲୋକପାତ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି କଳା, ସଂସ୍କୃତି ଓ ପୁରାତନ ସଭ୍ୟତାର ସହର ହେଉଛି ସମ୍ବଲପୁର । ସମ୍ବଲପୁରର ମୂଳ ଅର୍ଥନୀତି ହେଉଛି ଟ୍ରେଡ଼ିଂ ବା ବାଣିଜ୍ୟ । ଜିଲ୍ଲାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏଠାରେ କେବଳ ଶିଳ୍ପ ନୁହେଁ ବରଂ ସ୍ଥାନୀୟ ନାଗରିକଙ୍କ ଇଜ୍ ଅଫ୍ ଲିଭିଂକୁ ପରିବର୍ତ୍ତନ କରିବା ପାଇଁ ପଡିବ । ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାର ସହ ସଡ଼କପଥ ଭିତ୍ତିଭୂମିକୁ ମଜଭୂତ୍ କରିବା ପାଇଁ ପଡିବ । ସମ୍ବଲପୁରରେ ବ୍ୟବସାୟର ବାତାବରଣ ତିଆରି କରିବା, ଶିଳ୍ପ କ୍ଷେତ୍ରର ଅଭିବୃଦ୍ଧି ପାଇଁ ପ୍ରୟାସ କରିବା ତଥା ଜିଲ୍ଲାର ଅର୍ଥନୀତିକୁ ମଜଭୂତ୍ କରିବା ଦିଗରେ ଚାମ୍ବର୍ ଅଫ କମର୍ସର ଅବଦାନ ଅତୁଳନୀୟ । ତେବେ ଏଠାରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହଯୋଗୀ ହୋଇ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସମ୍ବଲପୁରର ପୁରୁଣା ଅଯୋଧ୍ୟା ସାଗର ବନ୍ଧକୁ 'ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରୋଜେକ୍ଟ' ଅଧୀନରେ ବିକଶିତ କରିବାର କଳ୍ପନା କରାଯାଇଛି । ହୀରାକୁଦ ବନ୍ଧର ନବୀକରଣ ପାଇଁ ସରକାର କାର୍ଯ୍ୟ କରୁଛନ୍ତି। ଦେବ୍ରୀଗଡ଼ ଅଭୟାରଣ୍ୟ ସମେତ ସମ୍ବଲପୁରର ପର୍ଯ୍ୟଟନ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ପର୍ଯ୍ୟଟକଙ୍କ ସଂଖ୍ୟା ବଢାଇବା ପାଇଁ ଉଦ୍ୟମ ଜାରି ରହିଛି । ଏଥିରେ ଚାମ୍ବର ଅଫ୍ କମର୍ସ ମଧ୍ୟ ସହଯୋଗୀ ହେବା ଦରକାର । ଏକବିଂଶ ଶତାବ୍ଦୀରେ ସମ୍ବଲପୁରକୁ ଆଧୁନିକ ଓ ଶିଳ୍ପଭିତ୍ତିକ ସହରରେ ପରିଣତ କରିବା ଦିଗରେ ଚାମ୍ବର ଅଫ୍ କମର୍ସ ଏକ ଅଗ୍ରଣୀ ଭୂମିକା ନିର୍ବାହ କରିବା ଦରକାର ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି ।

## ଟ୍ୱିନ୍ ସିଟି କ୍ରାଇମ୍

### ଘରେ ପଶି ମୋବାଇଲ ନେଇଗଲା ଚୋର



**ଭୁବନେଶ୍ୱର,୫।୧(ସଂଚାର ବ୍ୟୁରୋ):** ଏୟାରପୋର୍ଟ ଥାନା ପୁଲିସ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଗମୋହନ ପାଢୀ ୟୁନିଟ-୬ ଅନ୍ତର୍ଗତ ଭୀମପୁର ଏରିଆରେ ରୁହନ୍ତି । ଗତ ତା୨ ରିଖ ମଧ୍ୟାହ୍ନରେ ଅଭିଯୁକ୍ତ ଏବଂ ତାଙ୍କର ଜେନ ସହଯୋଗୀ ଅଭିଯୋଗକାରୀଙ୍କ ଘରେ ପଶି ତାଙ୍କ ମୋବାଇଲ ଫୋନକୁ ଚୋରିକରୀ ନେଇଯିବା ସହ ପରେ ତାହାକୁ ବିକ୍ରି କରି ବିକ୍ରି ଟଙ୍କାକୁ ପରସ୍ପର ମଧ୍ୟରେ ବାଣ୍ଟି ନେଇଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ ଏବଂ ଏହି ମାମଲାରେ ପୂର୍ବରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗତ ତା ୨୫ରିଖ ଦିନ କୋର୍ଟ ଚାଲାଣ କରିଥିବା ବେଳେ, ତାଙ୍କ ନିକଟରୁ ୩୦୦୦ଟଙ୍କା ଏବଂ ଏକ ଚୋରା ମୋବାଇଲ ଫୋନ ଜବତ କରିଥିଲେ। ଏହି ମାମଲାର ଅଧିକ ତଦନ୍ତ ଚାଲିଥିବା ବେଳେ ପୁଲିସ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଇସ୍କନ ବସ୍ତିରୁ କାବୁ କରିବାରେ ସକ୍ଷମ ହୋଇଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ ନିଜ ଦୋଷ ସ୍ୱୀକାର କରିଥିଲେ । ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ନୟାପଲ୍ଲୀ ଥାନାରେ ଏକ ମାମଲା ରହିଥିବା ତଦନ୍ତ ବେଳେ, ଜଣା ପଡିଛି ।

### ବିହାରୀ ଲୁଟେରାଙ୍କ ନଜରରେ ଓଡ଼ିଶା



**ଭୁବନେଶ୍ୱର,୫।୧(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ପାଣିକୋଇଲିରେ ଥିବା ସୁନା ଦୋକାନରୁ ଡକାୟତି ଓ ଗୁଳିମାଡ଼ ଘଟଣା ସାରାରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଏତେ ବଡ କାଣ୍ଡ କେମିତି ଘଟିଲା ତାହା ଆଲୋଚନାର ବିଷୟ ହୋଇଛି । ଅନ୍ୟପଟେ ଏହି ଘଟଣାର ଖୋଳତାଡ ଚଳାଇଛି ଏସଟିଏଫ। ଆଜି ଏସଟିଏଫର ୩ ଜଣିଆ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ପାଣିକୋଇଲିର ପଣ୍ଡା ଅଳଙ୍କାରରୁ ଲୁଟ୍ ପାଇଁ ଗୁଳିମାଡ଼ ଘଟଣାର ଏସଟିଏଫ୍ ତଦନ୍ତ ଚଳାଇଛି । ଏସଟିଏଫର ତିନିଜଣିଆ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତକୁ ଜୋରଦାର କରିଛନ୍ତି । ଦୋକାନର ସିସିଟିଭି ଫୁଟେଜ୍ ଏବଂ ଦୋକାନୀଙ୍କ ଏତଲା ଆଧାରରେ ଦୋକାନ ଭିତର ଓ ବାହାର ପଟେ ଯାଞ୍ଚ କରିଛନ୍ତି । ଦୋକାନ କର୍ମଚାରୀଙ୍କୁ ପଚରାଉଚରା କରାଯାଇଛି । ଫେରାର୍ ଡକାୟତ ମାନଙ୍କୁ ଧରିବା ପାଇଁ ପୋଲିସ ଜିଲ୍ଲାର ବିଭିନ୍ନ ସ୍ଥାନରେ ଜାଲ ବିଛାଇଛି । ସାଇଣ୍ଟିଫିକ୍ ଟିମ୍‌ର ମଧ୍ୟ ସହାୟତା ନିଆଯାଇଛି । କିନ୍ତୁ ପ୍ରାଥମିକ ତଦନ୍ତରୁ ଯାହା ଜଣାପଡିଛି, ତାହା ଚମକାଇ ଦେଲା ଭଳି । ଲୁଟ୍ ଓ ଗୁଳିକାଣ୍ଡ ଘଟାଇଥିବା ଡକାୟତମାନେ ବିହାର ଛାପ୍ରା ଜିଲ୍ଲାର । ଜବତ ହୋଇଥିବା ପାନକାର୍ଡ ଓ ଆଧାରକାର୍ଡରୁ ଏହା ସ୍ପଷ୍ଟ ହେଉଛି। ତେବେ ଧୂର୍ତ୍ତ ଲୁଟେରା ଓଡ଼ିଶା ନମ୍ବର ଗାଡିରେ ଆସି ଲୁଟ୍ କରିବା ସହ ଗୁଳିମାଡ କରିଥିଲେ । ଇଲି ପଣ୍ଡାସାହିସ୍ଥିତ ତାଙ୍କ ଘରେ ପହଞ୍ଚିବା ପରେ ସୃଷ୍ଟି ହୋଇଥିଲା ଶୋକାକୁଳ ପରିବେଶ । ପରିବାର ଲୋକଙ୍କ କାନ୍ଦବୋବାଳିରେ ପରିବେଶ ଫାଟି ପଡିଥିଲା । କୋରେଇ ବିଧାୟକ ଆକାଶ ଦାସ ନାୟକ ନୀଳମାଧବଙ୍କ ଘରେ ପହଞ୍ଚି ସମବେଦନା ଜଣାଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି । ତେବେ ପାଣିକୋଇଲି ଥାନା ଏବଂ ଯାଜପୁର ଏସପିଙ୍କ ଅଫିସଠାରୁ ମାତ୍ର ୫୦୦ ମିଟର ଦୂରରେ ଲୁଟ୍ ହୋଇଥିବାରୁ ପୋଲିସର ଦକ୍ଷତା ନେଇ ପ୍ରଶ୍ନ ଉଠିଛି । ରାଜ୍ୟରେ ବଢ଼ିଚାଲିଛି ଅଣ ଓଡିଆ ଲୁଟେରାଙ୍କ ଆତଙ୍କରାଜ । ୨୦୨୩ ମେ' ୧୫ ତାରିଖରେ ଯାଜପୁର ରୋଡ଼ ସେନକୋ ଗୋଲଡ଼ରେ ମଧ୍ୟ ଘଟିଥିଲା ଏଭଳି ସଶସ୍ତ୍ର ଡକାୟତି । ସେତେବେଳେ ଯାଜପୁର ପୋଲିସ ଏହାର ଟେର ପାଇନଥିଲା କିମ୍ବା କୌଣସି ସୁନା ଗହଣା ଜବତ କରିପାରିନଥିଲା ।

● ଜ୍ଞାନେଶ୍ୱର ମୁଳେଙ୍କୁ 'ନୀଳିମାରାଣୀ ସାହିତ୍ୟ ସମ୍ମାନ' ପ୍ରଦାନ

# 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଉଦ୍‌ଘାଟିତ



**ଭୁବନେଶ୍ୱର,୫।୧(ସଂଚାର ବ୍ୟୁରୋ):** ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ'ର ପକ୍ଷରୁ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଓ 'କାଦମ୍ବିନୀ ପତ୍ରିକାହାଟ' ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଶିଷ୍ଟ ମରାଠୀ ସାହିତ୍ୟିକ ଡ. ଜ୍ଞାନେଶ୍ୱର ମୁଳେଙ୍କୁ ଚଳିତବର୍ଷର ସମ୍ମାନଜନକ 'ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା । ପୁରସ୍କାର ସ୍ୱରୂପ ତାଙ୍କୁ ୧୦ଲକ୍ଷ ଟଙ୍କାର ନଗଦ ଅର୍ଥରାଶି, ରୌପ୍ୟ ଫଳକ, ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା । ସମ୍ମାନ ଗ୍ରହଣ କରି ଡ. ମୁଳେ କହିଲେ, ସାହିତ୍ୟର ମୂଲ୍ୟ ହେଉଛି ସ୍ୱତନ୍ତ୍ରତା, ସମତା ଓ ନ୍ୟାୟ । ଗୋଟିଏ ଭାଷା ସହ ଅନ୍ୟ ଭାଷାକୁ ଯୋଡ଼ିବା, ଗୋଟିଏ ସଂସ୍କୃତିକୁ ଅନ୍ୟ ସଂସ୍କୃତି ସହ ଯୋଡ଼ିବା, ଗୋଟିଏ ଅଞ୍ଚଳ ସହ ଅନ୍ୟ ଏକ ଅଞ୍ଚଳକୁ ଯୋଡ଼ିବା ଏବଂ ମୋଟାମୋଟି ଉପରେ ମାନବକୁ ପରସ୍ପର ସହ ଯୋଡ଼ିବା ହେଉଛି ସାହିତ୍ୟ । କାଦମ୍ବିନୀ ଦୀର୍ଘ ୨୫ବର୍ଷ ଧରି ଏହି କାର୍ଯ୍ୟ କରିଆସୁଥିବାରୁ ଡ. ମୁଳେ କାଦମ୍ବିନୀକୁ ଧନ୍ୟବାଦ ଦେଇଥିଲେ । ଓଡ଼ିଶା ସହ ତାଙ୍କର ଦୀର୍ଘ ଦିନର ସମ୍ପର୍କ ରହିଆସିଥିବା ସେ କହିଥିଲେ । କାଦମ୍ବିନୀ ପୁରସ୍କାର ରାଶିକୁ ନେଇ ସେ ଅନୁଦାନ ହିସାବରେ ଜମା କରି ଏହାକୁ ଭଲ ସମାଜସେବା କରୁଥିବା ବ୍ୟକ୍ତି, ଉତ୍କୃଷ୍ଟ ସାହିତ୍ୟ ସୃଷ୍ଟି କରୁଥିବା ବ୍ୟକ୍ତି, ପ୍ରଶାସନ କ୍ଷେତ୍ରରେ ଭଲ କାମ କରୁଥିବା ବ୍ୟକ୍ତି ଓ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ନାରୀଙ୍କୁ ପ୍ରତିବର୍ଷ ୨୫ ହଜାର ଲେଖାଏଁ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ । ମୁଖ୍ୟ ଅତିଥି ଭାବେ ଇନ୍ଦିରା ଗାନ୍ଧୀ ଜାତୀୟ କଳାକେନ୍ଦ୍ରର ସଦସ୍ୟ ସଚିବ ଡ. ସଚ୍ଚିଦାନନ୍ଦ ଯୋଶୀ 'କିଟ୍ ଓ କିସ୍ ପରିଦର୍ଶନ କରି ଏହାର ପ୍ରଶଂସା କରିଥିଲେ । ସେ କହିଲେ, ଭବିଷ୍ୟତରେ ଯଦି କେହି ଭାରତର ବିଶ୍ୱବିଦ୍ୟାଳୟ ବିଷୟରେ ଇତିହାସ ଲେଖେ, ସେଥି ମଧ୍ୟରୁ ପ୍ରଥମ ୫ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ଆସିବ ।' ଏଥିପାଇଁ ସେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ପୁଣି ଆଳୁ ସଂକଟ ଆସୁନି ଗାଡ଼ି, ମହଙ୍ଗା ହେଲା ଦର



**ଭୁବନେଶ୍ୱର,୫।୧(ସଂଚାର ବ୍ୟୁରୋ):** ଓଡିଶାର ପିଛା ଛାଡୁଆ ଆଳୁ ସଂକଟ। ରାଜ୍ୟରେ ଆଳୁ ସଂକଟ ପାଇଁ ସରକାର ଓ ବିରୋଧୀ ପରସ୍ପରକୁ ଦୋଷ ଦେଉଛନ୍ତି । କିନ୍ତୁ ସରକାର ଓ ବିରୋଧୀଙ୍କ ବୟାନବାଜି ଭିତରେ, ପୁଣି ଥରେ ଆଳୁ ଦର ଉପରମୁହାଁ ହୋଇଛି। ଏହାକୁ ନେଇ ଲୋକଙ୍କ ଭିତରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଆସୁନି ଆଳୁ ଗାଡି। ପୁଣି ବଢ଼ିଲା ଦର । କଟକରେ ଆଳୁ କିଲୋକୁ ୪୦ଟଙ୍କା ଥିବା ବେଳେ ଭୁବନେଶ୍ୱରରେ ଆଳୁ କିଲୋ ୪୦ ଟଙ୍କା ରହିଛି । ସେହିପରି ବ୍ରହ୍ମପୁରରେ ଆଳୁ କିଲୋ ୩୫ ଟଙ୍କା ଥିବା ବେଳେ ରାଉରକେଲାରେ ଆଳୁ କିଲୋ ୩୫ ଟଙ୍କା ରହିଛି ।ରାଜ୍ୟର ପ୍ରମୁଖ ଅଞ୍ଚଳରେ ଏ ହେଉଛି ଆଜିର ଆଳୁଦର । ଏହି ଦରକୁ ଦେଖିଲେ ସ୍ପଷ୍ଟ ଜଣାପଡୁଛି ପୁଣି ଥରେ କେମିତି ଦାମ୍ ବଢ଼ିଯାଇଛି । ଦୁଇ ଦିନ ତଳେ ଆଳୁ କିଲୋପିଛା ୩୦ ଟଙ୍କା ଦାମରେ ବିକ୍ରି ହେଉଥିବାବେଳେ ଏବେ ହଠାତ୍ ପୁଣି ଥରେ ୪୦ଟଙ୍କାରେ ପହଁଚିଛି । ପୁଣି ଥରେ ଆଳୁ ଦର ବୃଦ୍ଧି ପାଇବାରୁ ଗ୍ରାହକଙ୍କ ଭିତରେ ଅସନ୍ତୋଷ ଦେଖିବାକୁ ମିଳିଛି । ଗ୍ରାହକଙ୍କ ଭିତରେ ଅସନ୍ତୋଷ ବଢୁଥିବାବେଳେ ଦୁଇ ଦିନ ହେଲା ଆଳୁ ଗାଡି ଆସିନଥିବାରୁ ଦର ବଢ଼ିଛି ବୋଲି କହିଛନ୍ତି ବ୍ରହ୍ମପୁର ବ୍ୟବସାୟୀ । ଛତ୍ରବଜାର ବ୍ୟବସାୟୀ ସଂଘ ସଭାପତି କହିଛନ୍ତି, ୟୁପିରୁ ଯେଉଁ ଆଳୁ ଆସୁଥିଲା କ୍ଷତି ହେଉଥିବାରୁ ତାହା ଆଉ ଆସୁନାହିଁ । ପଶ୍ଚିମବଙ୍ଗ ଆଳୁ ଗାଡି ଛାଡୁନାହିଁ। ଯାହାଫଳରେ ଏମିତି ସମସ୍ୟା ଦେଖାଦେଇଛି । ଦୋକାନୀ ବି ଚିନ୍ତାରେ ପଡିଛି। ଗୋଟିଏ ପଟେ ରାଜ୍ୟରେ ଆଳୁ ଦର ନିୟନ୍ତ୍ରଣରେ ଅଛି ବୋଲି ସରକାର କହୁଛନ୍ତି । ଅନ୍ୟପଟେ ମାତ୍ର ଦୁଇ ଦିନରେ କିଲୋପିଛା ଦର ୫ରୁ ୧୦ଟଙ୍କା ବଢିବା, ଖାଉଟିଙ୍କୁ ଚିନ୍ତାରେ ପକାଇଛି । ପ୍ରଶ୍ନ ଉଠୁଛି, ଆଉ କେତେ ଦିନ ଆଳୁ ଦର ବୃଦ୍ଧି ଯୋଗୁଁ କ୍ଷତି ସହିବେ ଖାଉଟି ? ସରକାର ଏ ବିଷୟରେ ଅବଗତ ଅଛନ୍ତି ନାଁ ସବୁ ଜାଣିଶୁଣି ଚୁପ୍ ବସିଛନ୍ତି ?

### ଘରେ ପଶି ମା' ଶିଶୁଙ୍କୁ ମରଣାନ୍ତକ ଆକ୍ରମଣ

**ଭୁବନେଶ୍ୱର,୫।୧(ସଂଚାର ବ୍ୟୁରୋ):** ରାଜ୍ୟରେ ବିଗିଡ଼ି ଯାଇଛି ଆଇନଶୃଙ୍ଖଳା ବ୍ୟବସ୍ଥା। ପୁଲିସକୁ ଯେମିତି କାହାରି ଡର ନାହିଁ । କେଉଁଠି ହତ୍ୟା ପୁଣି କେଉଁଠି ଲୁଟ୍‌ପାଟ। ରାଜଧାନୀରୁ ଉପାନ୍ତ ଓଡ଼ିଶା, କେଉଁଠି ବି ସୁରକ୍ଷା ଉପରେ ଭରସା ନାହିଁ । କାରଣ କେତେବେଳେ କାହା ଉପରେ କିଏ ଆକ୍ରମଣ କରିବ, ତା'ର କୌଣସି ଗ୍ୟାରେଣ୍ଟି ନାହିଁ। ପ୍ରାୟ ପ୍ରତିଦିନ କେଉଁଠି ନା କେଉଁଠି ରକ୍ତପାତ ଘଟୁଛି । ଆଜି ଯେମିତି ଭୁବନେଶ୍ୱରର ସାଲିଆସାହିରେ ଘରେ ପଶି ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି । ବିଳମ୍ବିତ ରାତି ପ୍ରାୟ ୧.୪୦ ରେ ସାତଜଣ ଯୁବକ ମିଶି ସାଲିଆସାହିର ରିନା ମହାନ୍ତିଙ୍କୁ ମରଣାତ୍ମକ ଆକ୍ରମଣ କରିବା ସହ ୫ ବର୍ଷର ଛୋଟ ଝିଅ ଉପରେ ମଧ୍ୟ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି ।

## ବ୍ରାଉନ୍‌ସୁଗର ଟଙ୍କାରେ ଦୁଇ ଭାଇଙ୍କ ମଉଜ



**ଭଦ୍ରକ,୫।୧(ସଂଚାର ବ୍ୟୁରୋ):** ବ୍ରାଉନ୍‌ସୁଗର ଟଙ୍କାରେ ମଉଜ କରୁଥିଲେ ଦୁଇ ଭାଇ ! ଲଗଜୁରିୟସ୍ ଗାଡ଼ି ଚଢୁଥିଲେ ଓ ନାମୀଦାମୀ ଡ୍ରେସ୍ ପିନ୍ଧୁଥିଲେ। ବଡ଼ବଡ଼ ହୋଟେଲରେ ଟଙ୍କା ଉଡାଉଥିଲେ। ଏମିତିକା ଦୁଇ ଭାଇଙ୍କୁ ବାନ୍ଧିଛି ଭଦ୍ରକ ଟାଉନ୍ ଥାନା ପୁଲିସ୍। ଏଥିସହ ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କାର ବ୍ରାଉନ୍‌ସୁଗର ଜବତ କରିଛି। ଭଦ୍ରକ ସହରାଞ୍ଚଳ ଥାନା ଅଧୀନ ଚରମ୍ପା ବରାଳ ପୋଖରୀ ଗାଁର କାହ୍ନୁ ଚରଣ ନାୟକ ଓ କାଳନ୍ଦୀ ନାୟକ। ଉଭୟ ପେସାରେ ବ୍ରାଉନ୍‌ସୁଗର ବେପାରୀ। ଏମାନେ ନିୟମିତ ବ୍ରାଉନ୍‌ସୁଗର ଆଣି ଭଦ୍ରକ ଟାଉନ୍ ଓ ଆଖପାଖ ଅଞ୍ଚଳକୁ ଚାଲାଣ କରନ୍ତି। ଯାହା ରୋଜଗାର କରନ୍ତି, ସେହି ଅର୍ଥରେ ମସ୍ତି କରନ୍ତି। ଦାମୀ ଡ୍ରେସ୍ ପିନ୍ଧନ୍ତି, ଆରାମ ଦାୟକ ଗାଡ଼ି କିଣି ଅୟସ୍ କରନ୍ତି। ମୌଜ ମଜଲିସ୍‌ରେ ଦିନ କାଟୁଥିଲେ। ହେଲେ ଏ ସମ୍ପର୍କରେ ଅବକାରୀ ବିଭାଗ ବା ପୁଲିସ୍ କେହି ଟେର ପାଉନଥିଲେ। ଗତ ଶୁକ୍ରବାର ଦୁଇ ଭାଇ ଏକ କାର ବାଉନ୍‌ସୁଗର ଧରି ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଆସୁଥିଲେ। ଭଦ୍ରକ ଏସ୍‌ପିଙ୍କ ନିର୍ଦ୍ଦେଶରେ ଟାଉନ୍ ଥାନା ପୁଲିସ୍ ସେମାନଙ୍କୁ ଟ୍ରାକ୍ କରିଥିଲା। ବ୍ରାଉନ୍‌ସୁଗର ଧରି ଆସୁଥିବା ବେଳେ ମାଡ଼ି ବସିଥିଲା ପୁଲିସ୍। ଉଭୟଙ୍କ ଗିରଫ କରିବା ସହିତ ୯.୬୦ ଗ୍ରାମ ବ୍ରାଉନ୍‌ସୁଗର ଜବତ କରିଥିଲା।

## ଅନ୍ୟ ଜିଲ୍ଲା ଅପେକ୍ଷା ଝାରସୁଗୁଡ଼ା ଆଗରେ



**ଝାରସୁଗୁଡ଼ା,୫।୧ (ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ଜିଲ୍ଲା ବହୁ ପୁରାତନ ସଭ୍ୟତା ଓ ଭାଷାଭାଷୀର ଜିଲ୍ଲା । ଶିଳ୍ପ ସମୃଦ୍ଧ ଏହି ଜିଲ୍ଲାକୁ ପ୍ରଗତି ପଥରେ ନେବାର ଲକ୍ଷ୍ୟ ରଖି ଆମ ସମସ୍ତଙ୍କୁ ବ୍ୟକ୍ତିଗତ ସ୍ତରରେ ଦାୟିତ୍ୱ ନେବାକୁ ହେବ ବୋଲି ରବିବାର ଝାରସୁଗୁଡ଼ା ଜିଲ୍ଲା ପ୍ରତିଷ୍ଠା ଦିବସ ଓ ଜିଲ୍ଲା ମହୋତ୍ସବ ଦୁଲଦୁଲି -୨୦୨୫ରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଝାରସୁଗୁଡ଼ା ଜିଲ୍ଲାର ପ୍ରତିଷ୍ଠା ଦିବସ ଅବସରରେ ଆଜି ୭୦ କୋଟି ଟଙ୍କା ବ୍ୟୟରେ ଓଡ଼ିଶାର ସରକାରଙ୍କ ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ଏବଂ ଅନ୍ୟ ବିଭାଗ ଦ୍ୱାରା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲା ମହୋତ୍ସବ ଦୁଲଦୁଲି -୨୦୨୫ ଅବସରରେ ଏକ ମେଗା ରକ୍ତଦାନ ଶିବିର ବି ଆୟୋଜନ ହୋଇଛି । ଜିଲ୍ଲା ପ୍ରଶାସନ ତରଫରୁ ପଞ୍ଚପଡ଼ା ଠାରେ ଏନଏଲସି ତଲବିରା ସିଏସଆର୍ କାର୍ଯ୍ୟକ୍ରମ ଅଧୀନରେ ଅସହାୟ ବୟସ୍କମାନଙ୍କ ପାଇଁ ଏକ ବୃଦ୍ଧାଶ୍ରମ ଉଦଘାଟିତ ହୋଇଛି। ଏହାସହ ଏମ୍ସ ଫାଉଣ୍ଡେସନ ତରଫରୁ ଅଙ୍ଗଦାନ ଆରମ୍ଭ ହୋଇଛି, ଯାହା ସ୍ୱାଗତଯୋଗ୍ୟ। ସେ କହିଛନ୍ତି ଯୁବବସ୍ଥାରୁ ମୁଁ ଝାରସୁଗୁଡାକୁ ଅତି ନିକଟରୁ ଦେଖିଛି । ଝାରସୁଗୁଡ଼ାବାସୀଙ୍କ ଆଶୀର୍ବାଦ କାରଣରୁ ଆଜି ଡବଲ ଇଞ୍ଜିନ ସରକାର ହେଇଛି । ଝାରସୁଗୁଡ଼ା ଜିଲ୍ଲା ଅନ୍ୟ ଜିଲ୍ଲା ଅପେକ୍ଷା ବହୁତ ଆଗରେ ଅଛି ।

## ବାଘ ଛାଲ ଚାଲାଣରେ ରାଜସ୍ଥାନ ଲିଙ୍କ୍



**ଦେବଗଡ,୫।୧ (ସଂଚାର ବ୍ୟୁରୋ):** ବାରକୋଟ ବନାଞ୍ଚଳ ଗୋଳାବନ୍ଧ ନିକଟରେ ଥିବା ରାଜସ୍ଥାନୀ ଢାବାରେ ବାଘ ଛାଲ ବିକ୍ରି ପାଇଁ ଲକ୍ଷାଧିକ ଟଙ୍କାର ଡିଲ ଚାଲିଥିବା ସମୟରେ ମାଡିବସିଲା ବନବିଭାଗ। ଅଭିଯୁକ୍ତଙ୍କ ଠାରୁ ଗୋଟିଏ କଲରାପତ୍ରିଆ ବାଘ ଛାଲ ସମେତ ଦୁଇଟି ବାଇକ ଏବଂ ୫ ଟି ମୋବାଇଲ ଜବତ ହୋଇଛି। ଗିରଫ ହୋଇଥିବା ୭ ଜଣ ଅଭିଯୁକ୍ତଙ୍କ ମଧ୍ୟରେ ରାଜସ୍ଥାନ ଜୋଧପୁର ଜିଲାର ଅଶୋକ ବିଶ୍ନୋଇ, ଅଜୟପାଲ ବିଶ୍ନୋଇ, ଅନୁଗୁଳ ଜିଲ୍ଲା ପାଲଲହଡା ଥାନା ସାନବାଗଦର୍ହି ଗାଁର ବିରବର ନାହାକ, ଦେବଗଡ ଜିଲ୍ଲା ବାରକୋଟ ଥାନା ରଜାମୁଣ୍ଡା ଗାଁର ମାନସିଂ ବରି, ଝରବାହାଲ ଗାଁର ରମେଶ ଚନ୍ଦ୍ର ନାଏକ, ଗୁରୁସଙ୍ଗ ଗ୍ରାମର ରାଜେନ୍ଦ୍ର ରଣା, ଠିଆନାଳ ଗାଁର କର୍ମୁ ନାଏକ ରହିଥିବା ଜଣାପଡିଛି। ତେବେ କଲରାପତ୍ରିଆ ବାଘକୁ କେଉଁ ଜଙ୍ଗଲରେ ହତ୍ୟା କରାଯାଇଥିଲା ଏବଂ ଏହା ପଛରେ ଆଉ କେଉଁ ମାନେ ସାମିଲ ଅଛନ୍ତି ସେନେଇ ଅଧିକ ଖୋଳତାଡ ଜାରି ରହିଛି। କଲରାପତ୍ରିଆ ବାଘ ଶିକାରୀ ଏବଂ ଛାଲ ବିକ୍ରି ଘଟଣାରେ ଆହୁରି ୧୦ ଜଣରୁ ଅଧିକ ଅଭିଯୁକ୍ତ ସାମିଲ ଥିବା ଅନୁମାନ କରାଯାଉଛି । ରାଜ୍ୟ ବାହାରକୁ ଏହି ରାକେଟର ଚେର ଲମ୍ବିଥିବା ବେଳେ ଖୁବଶିଘ୍ର ଅନ୍ୟ ଅଭିଯୁକ୍ତ ମଧ୍ୟ ଧରା ପଡିବେ ବୋଲି ବନବିଭାଗ ଠାରୁ ଜଣାପଡିଛି । ତଦନ୍ତ ଜାରି ରହିଥିବାରୁ ଅଧିକ ସୂଚନା ଦେବା ପାଇଁ ବନବିଭାଗ ମନା କରିଛି ।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ଶୀତ ଉତ୍ସବ'




**ଭୁବନେଶ୍ୱର,୫।୧ (ସଂଚାର ବ୍ୟୁରୋ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୬ତମ ପ୍ରତିଷ୍ଠା ଦିବସ ଅବସରରେ ସାହିତ୍ୟ ଓ ସଂସ୍କୃତି ଭିତ୍ତିକ ବାର୍ଷିକ କାର୍ଯ୍ୟକ୍ରମ 'ଶୀତ ଉତ୍ସବ-୨୦୨୫' ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହାର ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟଅତିଥି ଭାବେ ଯୋଗଦେଇମନଲୋଭା ଓ ମାର୍ମିକ ପରିବେଶରେ ଆୟୋଜିତ ଶୀତ ଉତ୍ସବକୁ ପ୍ରଶଂସା କରିଥିଲେ। ଋତୁ ଅନୁସାରେ ପରଂପରା ଓ ଭିନ୍ନ ଭିନ୍ନ ପର୍ବପର୍ବାଣି ମାଧ୍ୟମରେ ଆମ ସଂସ୍କୃତି ପ୍ରତିଫଳିତ ହୋଇଥାଏ ବୋଲି ସେ କହିଥିଲେ। ବରିଷ୍ଠ ସଂଗୀତଜ୍ଞ ପଣ୍ଡିତ ହରମୋହନ ଖୁଣ୍ଟିଆ ବଶିଷ୍ଟ ଅତିଥି ଭାବେ ଯୋଗଦେଇ ସଂଗୀତର ସ୍ୱର ଓ ରାଗ ମାଧ୍ୟମରେ ପ୍ରକୃତିକୁ ଉପଭୋଗ କରିବାରେ ଶାଶ୍ୱତ ଓ ଚିରନ୍ତନ ଆନନ୍ଦ ମିଳିଥାଏ ବୋଲି କହିଥିଲେ। ବରିଷ୍ଠ ସାହିତ୍ୟ, ସମାଲୋଚକ ଓ ଶିକ୍ଷାବିତ୍ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ଉତ୍ସବରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକୃତିକୁ ନେଇ ଆୟୋଜିତ ମନୋଜ୍ଞ ଶୀତ ଉତ୍ସବ ପ୍ରକୃତି ଓ ସଂସ୍କୃତି ମଧ୍ୟେର ରହିଥିବା ନିବିଡ଼ ସମ୍ପର୍କକୁ ପ୍ରତିପାଦିତ କରୁଛି ବୋଲି କହିଥିଲେ। କୁଳପତି ପ୍ରଫେସର ସ୍ୱାଇଁ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ସଂଗୀତ ମାଧ୍ୟମରେ ଆମର ଆଧ୍ୟାତ୍ମବାଦୀ ଚେତନାର ବିକାଶ ହୋଇଥାଏ ଓ ଏହା ଆମକୁ ପ୍ରକୃତି ସହ ଆତ୍ମାକୁ ସଂଯୋଗ କରି ଈଶ୍ୱରଙ୍କର ନିକଟତର କରିଥାଏ ବୋଲି କହିଥିଲେ। ବିଶିଷ୍ଟ ଐତିହାସିକ ତଥା ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଅମିୟ କୁମାର ପଟ୍ଟନାୟକ ଶୀତଉତ୍ସବ ଉଭୟ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କର ସାଂସ୍କୃତିକ ଚେତନାକୁ ସାହିତ୍ୟ, ସଂଗୀତ ଓ ନୃତ୍ୟ ମାଧ୍ୟମରେ ପ୍ରତିବିମ୍ବିତ କରିବାର ଏକ ସ୍ମରଣୀୟ ମୁହୂର୍ତ୍ତ ବୋଲି ମତଦେଇ ଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ସମ୍ବାଦପତ୍ରିକା 'ସଂସ୍କୃତି' ଓ 'ଷ୍ଟୁଡେଣ୍ଟ କ୍ୟାଲେଣ୍ଡର' ଲୋକାର୍ପିତ ହୋଇଥିଲା। ଉତ୍ସବରେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିବାବେଳେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର, ସାହିତ୍ୟ ଓ ସାଂସ୍କୃତିକ ଅଧିବେଶନରେ ଡ. ଜ୍ଞାନରଞ୍ଜନ ପ୍ରଧାନ ଓ ଡ. ଧୀରଜ କୁମାର ମହାପାତ୍ର ଏବଂ ଡ. ଇତିଶ୍ରୀ ସାହଙ୍କ ନିର୍ଦ୍ଦେଶନାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମର୍ଦ୍ଦଳ ବିଭାଗ ପକ୍ଷରୁ ଲୋକସଂଗୀତ, ହିନ୍ଦୁସ୍ତାନୀ କଣ୍ଠ ସଂଗୀତ ବିଭାଗ ପକ୍ଷରୁ ଶୀତର ଗୀତ, ତବଲା ବିଭାଗ ପକ୍ଷରୁ ତାଳଯାତ୍ରା, ଓଡ଼ିଶୀ କଣ୍ଠ ସଂଗୀତ ବିଭାଗ ପକ୍ଷରୁ ଝୁଲଣ ଓ ଚାପଯାତ୍ରା ସଂଗୀତ, ଓଡ଼ିଶୀ ନୃତ୍ୟ ବିଭାଗ ପକ୍ଷରୁ ଗଣେଶ ବନ୍ଦନା ଓ ଶିବସ୍ତୁତି ଓ ବ୍ୟାବହାରିକ କଳା ବିଭାଗ ପକ୍ଷରୁ ଶୀତବସ୍ତ୍ରକୁ ନେଇ ଫ୍ୟାଶନ ଶୋ' ଆୟୋଜିତ ହୋଇଥିଲା।

## ମ୍ୟାପ୍ ପବ୍ଲିକେସନ ଅଫିସରୁ ମିଳୁନି ତଥ୍ୟ

**ଭୁବନେଶ୍ୱର,୫।୧ (ସଂଚାର ବ୍ୟୁରୋ):** ରାଜ୍ୟ ମ୍ୟାପ ପବ୍ଲିକେସନ ଅଫିସରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। କିନ୍ତୁ ଏ ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଲେ ମଧ୍ୟ ମିଳୁନାହିଁ। ବାରମ୍ବାର ଅପିଲ କଲେ ମଧ୍ୟ ତଥ୍ୟ ଦେବାକୁ ରାଜି ନୁହଁନ୍ତି ଅଧିକାରୀ। ଖୋଲାଖୋଲି ଭାବେ ଏହା ସୂଚନା ଅଧିକାର ଆଇନର ଉଲଂଘନ କରୁଛି ବୋଲି ଅଭିଯୋଗ କରି ମ୍ୟାପ ପବ୍ଲିକେସନ ଅଫିସରେ ଆରମ୍ଭ ହୋଇଛି ଧାରଣା। ଗତ ଚାରି ଦିନ ହେଲା ସୂଚନା ଅଧିକାର କର୍ମୀ ମନୋରଂଜନ ଜେନା ମ୍ୟାପ ପବ୍ଲିକେସନ ଅଫିସରେ ଧାରଣା ଦେଇଛନ୍ତି। କିନ୍ତୁ ତାଙ୍କ ସହ କୌଣସି ଅଧିକାରୀ ଆଲୋଚନା କରୁନଥିବା ବେଳେ ସମସ୍ୟାର ସମାଧାନ ମଧ୍ୟ କରାଯାଉନାହିଁ ବୋଲି ଅଭିଯୋଗ ହେଉଛି।



# ସ୍କୁଲ ପିଲାଙ୍କ ପୋଷାକ ବଣ୍ଟନରେ ଦୁର୍ନୀତି ଅଭିଯୋଗ

## ମିଶନ ଶକ୍ତି ବଦଳରେ ଘରୋଇ କମ୍ପାନୀ ପ୍ରୀତି



**ଆଳି,୫।୧(ସଂଚାର ବ୍ୟୁରୋ):** ସ୍କୁଲ ପୋଷାକ ବିତରଣରେ ଚଞ୍ଚକତା । ବ୍ଲକ ସ୍ତରରେ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପୋଷାକ ଯୋଗାଣ ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଛି। କେନ୍ଦ୍ରାପଡ଼ା ଆଳି ବ୍ଲକର ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ଭେଣ୍ଡର ଚୟନରେ ଦୁର୍ନୀତି କରାଯାଉଥିବା ଅଭିଯୋଗ ଆଣିଛନ୍ତି ଏସଏଚଜି ମହିଳା । ପୋଷାକ ବିତରଣର ଦାୟିତ୍ୱର ୮୦ଭାଗ ଘରୋଇ କମ୍ପାନୀକୁ ଦିଆଯାଉଛି । ଆଳି ବ୍ଲକରେ ସ୍କୁଲପିଲାଙ୍କ ପୋଷାକ ଓ ଜୋତା ବଣ୍ଟନରେ ବ୍ଲକ ପ୍ରଶାସନର ମନମାନି। ସରକାରୀ ନିୟମ ବାହାରକୁ ଯାଇ, ପୋଷାକ ବିତରଣ ଦାୟିତ୍ୱ ଦିଆଯାଉଥିବା ଅଭିଯୋଗ ଆଣିଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା। ନିୟମ କହୁଛି, ବିଦ୍ୟାଳୟ ଗୁଡ଼ିକୁ ପୋଷାକ ଯୋଗାଇବା କାମ କରିବେ ମିଶନ ଶକ୍ତି ମହିଳା । ହେଲେ ଆଳିରେ ମିଶନ ଶକ୍ତି ବଦଳରେ ଘରୋଇ କମ୍ପାନୀ ଓ ବସ୍ତ୍ରାଳୟକୁ ପୋଷାକ ବିତରଣ ଦାୟିତ୍ୱ ଦିଆଯାଉଛି । ଶିକ୍ଷା ବିଭାଗର ଦୁଇଟି ଚିଠି ହିଁ ଏହା ସ୍ପଷ୍ଟ କରିଛି । ଚିଠିରେ ଦର୍ଶାଯାଇଛି, ଗତବର୍ଷ ସେପ୍ଟେମ୍ବରରେ ପୋଷାକ ଯୋଗାଇବା ପାଇଁ ବ୍ଲକ ପକ୍ଷରୁ ୧୯ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଚୟନ କରାଯାଇଥିଲା । ଏନେଇ ଜିଲ୍ଲା ଶିକ୍ଷା ବିଭାଗକୁ ଚିଠି ମଧ୍ୟ ଲେଖା ଯାଇଥିଲା । କିନ୍ତୁ ଜିଲ୍ଲା ଶିକ୍ଷା ବିଭାଗ ଜାରି କରିଥିବା ଚୂଡ଼ାନ୍ତ ତାଲିକାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଜିଲ୍ଲା ଶିକ୍ଷା ବିଭାଗ ଓ ବ୍ଲକ ପକ୍ଷରୁ ପ୍ରସ୍ତୁତ ତାଲିକାରେ ତାଳମେଳ ରହୁନାହିଁ। ଆଳି ବ୍ଲକର ୧୮୪ଟି ବିଦ୍ୟାଳୟରେ ପ୍ରାୟ ୧ଲକ୍ଷ ୪୦ହଜାର ଛାତ୍ରଛାତ୍ରୀ ଅଛନ୍ତି । ୨ ହଜାର ପିଲାଙ୍କ ପାଇଁ ପୋଷାକ ଯୋଗାଇବା ଦାୟିତ୍ୱ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମିଳିଛି । ସେପଟେ ସାମଲ ଏଣ୍ଟରପ୍ରାଇଜର୍ସକୁ ୭୭ଟି ଏବଂ ଶ୍ରୀମନ୍ଦିର ବସ୍ତ୍ରାଳୟକୁ ୬ଟି ସ୍କୁଲ ପିଲାଙ୍କ ପାଇଁ ୟୁନିଫର୍ମ ଯୋଗାଇବା ଦାୟିତ୍ୱ ଦିଆଯାଇଛି ।

### ପରକୀୟା ପାଇଁ ସ୍ତ୍ରୀଙ୍କୁ ମାରିଲା

**ମୋହନା,୫।୧(ସଂଚାର ବ୍ୟୁରୋ):** ପରକ୍ରିୟା ପ୍ରୀତିରୁ ଘଟିଛି ଏକ ଅଭାବନୀୟ କାଣ୍ଡ। କାଲେମା ଗାଁ ପାଖ ଏକ ଜଙ୍ଗଲ ସ୍ତ୍ରୀଙ୍କୁ ପଥରରେ ଛେଚି ହତ୍ୟା କରିଛି ସ୍ୱାମୀ। ଫଳରେ ଅନାଥ ହୋଇଛନ୍ତି ଚାରି ସନ୍ତାନ। ଏହିପରି ଏକ ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲା ଅଡବା ଥାନା ଅଧୀନ ଗୁଲୁବା ପଞ୍ଚାୟତ କାଲେମା ଗାଁରେ। ମୃତ ଲକ୍ଷ୍ୟହିରାଙ୍କ ଭାଇ ପ୍ରମୋଦଙ୍କ କହିବା ମୁତାବକ, ଲକ୍ଷ୍ୟହୀରା ଦୀର୍ଘ ୧୫ ବର୍ଷ ତଳେ ନିଜ ମାମୁଁ ପୁଅ ଧର୍ମେନ୍ଦ୍ର ନାୟକଙ୍କୁ ଭଲ ପାଇ ବାହା ହୋଇଥିଲେ । ହେଲେ ଲକ୍ଷହିରାଙ୍କ ପରିବାର ଏହି ବିବାହରେ ଏକମତ ନ ଥିଲେ। ଇତି ମଧ୍ୟରେ ସେମାନଙ୍କ ୪ଟି ସନ୍ତାନ ହୋଇଥିଲା। ତେବେ ଚାରି ମାସ ହେଲା ଧର୍ମେନ୍ଦ୍ରଙ୍କ ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ରହିଥିବା ସ୍ତ୍ରୀ ଲକ୍ଷହିରା ଜାଣିବାକୁ ପାଇଥିଲେ। ଏନେଇ ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ ପାଟତୁଣ୍ଡ ଲାଗି ରହୁଥିଲା। ଏପରିକି ଧର୍ମେନ୍ଦ୍ର ସ୍ତ୍ରୀଙ୍କୁ ମାରପିଟ୍ କରୁଥିବା ଅଭିଯୋଗ ହୋଇଛି। ନେଇ ଲକ୍ଷହିରା କିଛିଦିନ ତଳେ ବାପ ଘରକୁ ଚାଲି ଆସିଥିଲେ। ଗାଁରେ ବୁଝାବୁଝି ପରେ ଧର୍ମେନ୍ଦ୍ର ସ୍ତ୍ରୀ ଲକ୍ଷହିରାଙ୍କୁ ଘରକୁ ନେଇଥିଲେ। ପରେ ଗାଁରେ ପୁଣି କଳହ ହୋଇଥିଲା।

## ଜୀବନ ଅମୃତ ଅନୁଚିନ୍ତା

ମାତୃଶକ୍ତି-ସୃଷ୍ଟି ଆରମ୍ଭ ହୁଏ ଶବ୍ଦରୁ, ଶବ୍ଦରୁ ନାଦ, ନାଦରୁ ବ୍ରହ୍ମ, ବ୍ରହ୍ମରୁ ଶକ୍ତି, ଶକ୍ତିରୁ ହିଁ ସୃଷ୍ଟି। ଏ ସୃଷ୍ଟିକୁ ସୃଷ୍ଟି କରିଛି ସେହି ଶକ୍ତି, ରୂପାନ୍ତରରେ ଯିଏ ମାତୃଶକ୍ତି।


SANCHAR
ସଂଚାର

୪

ସୋମବାର ୬ ଜାନୁଆରୀ ୨୦୨୫, ଭୁବନେଶ୍ୱର

Monday 6 January 2025 Bhubaneswar


# ଚିନ୍ତାରେ ସଡ଼କ ସୁରକ୍ଷା

ଜାନୁଆରୀ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ରାଜ୍ୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହେଉଛି। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ରାଜ୍ୟରେ ସଡ଼କ ଦୁର୍ଘଟଣାକୁ ହ୍ରାସ କରାଯିବା ନେଇ ଲୋକମାନଙ୍କ ଭିତରେ ସଚେତନତା ସୃଷ୍ଟି କରାଯିବା ସହ ଟ୍ରାଫିକ ନିୟମ ପାଳନ ପାଇଁ ଉପଦେଶ ଦିଆଯାଉଛି। ସେହିପରି ଜାନୁଆରୀ ୧୧ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଦେଶରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ସଚେତନତା ଅଭାବରୁ ଦ୍ରୁତ ଗତିରେ ଗାଡ଼ି ଚାଳନା ଓ ବିଭିନ୍ନ ଅସାବଧାନତା ପାଇଁ ଦିନକୁ ଦିନ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ତଥ୍ୟ ମୁତାବକ ବିଶ୍ୱରେ ସଡ଼କ ଦୁର୍ଘଟଣା କ୍ଷେତ୍ରରେ ଭାରତ ସବୁଠାରୁ ଆଗୁଆ। ବିଶ୍ୱରେ ପ୍ରତିବର୍ଷ ୧.୩୫ ନିୟୁତ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବାବେଳେ ପ୍ରତିଦିନ ୩ ହଜାରରୁ ଅଧିକ ଗୁରୁତର ଭାବେ ଆହତ ହେଉଛନ୍ତି। ସେହିପରି ବିଶ୍ୱ ଅର୍ଥନୈତିକ ମୂଲ୍ୟାୟନ ଅନୁଯାୟୀ ସଡ଼କ ଦୁର୍ଘଟଣା ଜନିତ କ୍ଷୟକ୍ଷତି ବାର୍ଷିକ ୫୧୮ ବିଲିଅନ ଡଲାର। ଆତ୍ୟାଧୁନିକ ବିଜ୍ଞାନ ଉପଯୋଗରେ ସଡ଼କ ସୁରକ୍ଷା ପାଇଁ ନିକଟରେ ଓଡ଼ିଶା ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଆଇଆଇଟି ମାଡ୍ରାସ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛି। ଅଭିନବତାକୁ ସୁରକ୍ଷା କ୍ଷେତ୍ରରେ ପ୍ରୟୋଗ କରିବାର ଏହି ସାଧୁ ଉଦ୍ୟମ ସମୟୋପଯୋଗୀ, ପ୍ରଶଂସନୀୟ ଓ ସ୍ୱାଗତଯୋଗ୍ୟ। ଏଥିରେ ମୁଖ୍ୟତଃ ୪-ଇ ମଡ଼େଲ ଉପଯୋଗରେ ଯୋଜନା ପ୍ରସ୍ତୁତ ହୋଇଛି। ଏହି ମଡ଼େଲର ପ୍ରତିଟି ଇଂରାଜୀ ଅକ୍ଷର ଇ-ଇଞ୍ଜିନିୟରିଂ ବା ଯାନ୍ତ୍ରିକ ବିଜ୍ଞାନ, ଏନଫୋର୍ସମେଣ୍ଟ ବା ପ୍ରବର୍ତ୍ତନ, ଏମର୍ଜେନ୍ସି କେୟାର ବା ଜରୁରୀକାଳୀନ ସେବା ଓ ଏଜୁକେଶନ ବା ଶିକ୍ଷା। ତାତ୍ତ୍ୱିକ ଦୃଷ୍ଟିରୁ ଏହା ସର୍ବାଦୌ ଉପଯୋଗୀ ମନେ ହେଉଥିଲେ ମଧ୍ୟ ବାସ୍ତବତା ପ୍ରତି ଅଧିକ ଯତ୍ନଶୀଳ ହେଲେ ଯୋଜନାର ସୁଫଳ ଆହୁରି ପ୍ରଭାବଶାଳୀ ଓ ବିସ୍ତାରିତ ବୋଲି ବିଶେଷଜ୍ଞ ମହଲରୁ ମତ ପ୍ରକାଶ ପାଇଛି। ସରକାରୀ ତଥ୍ୟ ଅନୁଯାୟୀ, ଆମ ଦେଶରେ ଦୈନିକ ୪୭୪ ବା ପ୍ରତି ତିନି ମିନିଟରେ ଜଣେ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରୁଛନ୍ତି। ଏଥିରେ ଦେଶର ମୋଟ ଘରୋଇ ଉତ୍ପାଦର ୩-୫% ନଷ୍ଟ ହେଉଛି। ଏହାର ନିରାକରଣ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଯେ ହାତ ବାନ୍ଧି ବସିଛନ୍ତି ତା ନୁହେଁ। ସରକାରୀ ଲ ସହିତ ବେସରକାରୀ ସଂଗଠନ, ବ୍ୟକ୍ତିବିଶେଷ ଏ ଦିଗରେ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି। ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ବ୍ୟସ୍ତବହୁଳ ସ'ଡ଼କ ପଥଗୁଡ଼ିକୁ ଦୁଇଥାକିଆରୁ ଆଠଥାକିଆ କରାଯାଉଛି। ଟ୍ରାଫିକ ସମସ୍ୟା ଏଡ଼ାଇବା ଲାଗି ବହୁଳ ପୁଞ୍ଜି ବିନିଯାଗରେ ଓଭରବ୍ରିଜ, ଫ୍ଲାଏଓଭର ନିର୍ମାଣ ହେଉଛି। ଦ୍ରୁତଗତିରେ ଗାଡ଼ି ଚାଳନାକୁ ନିରୁତ୍ସାହିତ କରିବା ଲାଗି ଜାତୀୟ / ରାଜ୍ୟ ରାଜପଥ ପାର୍ଶ୍ୱରେ ସ୍ପିଡ ଇଣ୍ଡିକେଟର ଓ ସ୍ପିଡ ବ୍ରେକର ବ୍ୟବସ୍ଥା ରହିଛି। ତଥାପି ସଡ଼କ ଦୁର୍ଘଟଣା ହ୍ରାସ ପାଇବା ବଦଳରେ ବଢ଼ିବାରେ ଲାଗିଛି। ଏହାଫଳରେ କେତେକ ଅଦୃଶ୍ୟ କାରକ ରହିଥିବାରୁ ସଡ଼କ ଦୁର୍ଘଟଣା ନିୟନ୍ତ୍ରଣ ଆସିପାରୁନାହିଁ। ସଡ଼କ ଦୁର୍ଘଟଣା ପଛରେ ମୁଖ୍ୟ କାରଣ ହେଉଛି ଯାନବାହାନ ସଂଖ୍ୟା ବୃଦ୍ଧି। ବିଶ୍ୱର ତୃତୀୟ ବୃହତ୍ତମ ସଡ଼କ ଭିତ୍ତିଭୂମି ବିଶିଷ୍ଟ ରାଷ୍ଟ୍ର ଭାରତରେ ଗମନାଗମନ ଓ ପରିବହନ ପାଇଁ ସଡ଼କ ହିଁ ମୁଖ୍ୟ ଅବଲମ୍ବନ ବା ମାଧ୍ୟମ ୬୦% ହୋଇ ଆସିଛି। ଆମ ଦେଶ ୧୯୫୧ ମସିହାରେ ମୋଟ ପଞ୍ଜୀକୃତ ଯାନବାହନ ସଂଖ୍ୟା ୩ଲକ୍ଷ ୬ ହଜାର ଥିବାବେଳେ ଏହା ଏବେ ବାର୍ଷିକ ହାରାହାରି ୧ କୋଟି ୮୦ ହଜାର ୩୬ ଲକ୍ଷ ହାରରେ ବଢ଼ି ୨୦୨୨ ସୁଦ୍ଧା ୩୫ କୋଟି ୪୦ ଲକ୍ଷ ୧୮ ହଜାରରେ ପହଞ୍ଚିଛି। ୨୦୨୪ ସୁଦ୍ଧା ଏହା ଆନୁମାନିକ ୪୦ କୋଟି ଟପି ଯାଇପାରେ। ସେଥିମଧ୍ୟରୁ ପଞ୍ଜୀକୃତ ଦୁଇଚକିଆ ଯାନ ସଂଖ୍ୟା ୨୦୨୨ ସୁଦ୍ଧା ୨୬ କୋଟି ୩୩ଲକ୍ଷ ୭୮ ହଜାର। କେବଳ ୨୦୨୩-୨୪ ଆର୍ଥିକ ବର୍ଷରେ ସମଗ୍ର ଦେଶରେ ୧୮ ନିୟୁତ ଦୁଇଚକିଆ ଯାନ ବିକ୍ରି ହୋଇଥିଲା। ଓଡ଼ିଶାରେ ୨୦୨୦ ସୁଦ୍ଧା ୯୧ ଲକ୍ଷ ୧୬ ହଜାର ପଞ୍ଜୀକୃତ ଯାନ ଥିବାବେଳେ ଚାରିବର୍ଷ ଭିତରେ ତାହା କେତେ ବୃଦ୍ଧି ପାଇଥିବା ଅନୁମେୟ। ଏକଦା ମୋଟରଯାନ ଆମ ଆବଶ୍ୟକତା ଥିଲା। କିନ୍ତୁ ଏହା ଏବେ ପ୍ରତିଷ୍ଠା, ଆଭିଜାତ୍ୟ ଓ ଆତ୍ମସମ୍ମାନ ପ୍ରତୀକ ପାଲଟି ଯାଇଛି। କିଏ କେତେ ବିଳାସପୂର୍ଣ୍ଣ ଓ ବ୍ୟୟବହୁଳ ଗାଡ଼ି କିଣି ପାରୁଛି ତାହା ଏବେ ପ୍ରତିଯୋଗିତାର ରୂପ ନେଇଛି। ଏପରିକି ପରିବାରର ଲୋକ ସଂଖ୍ୟା ଠାରୁ ଗାଡ଼ି ସଂଖ୍ୟା ବଢ଼ିବାରେ ଲାଗିଛି। ଯୁବପିଢ଼ିଙ୍କ ପାଇଁ ଦୁଇଚକିଆ ଯାନ ସତେଯେପରି ଏକ ଅପରିହାର୍ଯ୍ୟ ଆବଶ୍ୟତା ହୋଇଯାଇଛି। ଭାରତୀୟଙ୍କ ଏହି ମାନସିକତାର ସୁଯୋଗ ନେଇ ଭାରତୀୟ ବଜାରରେ ଦିନକୁ ଦିନ ବହୁଦେଶୀୟ ବିଳାସପୂର୍ଣ୍ଣ ଓ ବ୍ୟୟବହୁଳ ମୋଟରଯାନ ନିର୍ମାତା ସଂଖ୍ୟା ବଢ଼ିବାରେ ଲାଗିଛି। ଭାରତରେ ଏବେ ପ୍ରତିଦିନ ୫୩୭୦୦ ଗାଡ଼ି ପଞ୍ଜୀକୃତ ହେଉଛି। ବ୍ୟାଙ୍କ ଓ ଘରୋଇ ଫାଇନାନ୍ସ କମ୍ପାନୀ ମାନଙ୍କର କୋହଳ ଋଣ ବ୍ୟବସ୍ଥାକୁ ଏହାର କାରଣ ରୂପ ବିଚାର କରାଯାଇପାରେ। ୨୦୨୨ରେ ଦୁଇଚକିଆ ଯାନ ଦୁର୍ଘଟଣା ସଂଖ୍ୟା ଥିଲା ୩୨.୯ ହଜାର। ଗତ ପାଞ୍ଚ ବର୍ଷ ଭିତରେ ଓଡ଼ିଶାରେ କିଶୋର ମାନଙ୍କ ଗାଡ଼ି ଚାଳନା ଯୋଗୁଁ ୩୫୦ ସଡ଼କ ଦୁର୍ଘଟଣା ଘଟି ୨୫ଟି ମୃତ୍ୟୁ ହୋଇଛି। ଯୁବପିଢ଼ି ଗାଡ଼ି ଚଳାଇବାର ଉନ୍ମାଦକୁ ନିରୁତ୍ସାହିତ କରିବା ଲାଗି ୧୮ ବର୍ଷରୁ କମ ବୟସର ଚାଳକଙ୍କୁ ଲାଇସେନ୍ସ ପ୍ରଦାନ ନକରିବା ଲାଗି ନିୟମ ରହିଛି। ଏଥିପାଇଁ ଜରିମାନା ବ୍ୟବସ୍ଥା ମଧ୍ୟ କରାଯାଇଛି। କେବଳ ଓଡ଼ିଶାରେ ଚଳିତ ବର୍ଷ ଅଦ୍ୟାବଧି ୩୫୦ରୁ ଊର୍ଦ୍ଧ୍ୱ ଗାଡ଼ି ଜବତ ହେବା ସହିତ ୪ଲକ୍ଷ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଜୋରିମାନା ଆଦାୟ ହୋଇସାରିଛି। ଏହି ପୃଷ୍ଠଭୂମିରେ ୪-ଇ ମଡ଼େଲର ଇଞ୍ଜିନୟରିଂ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ସଡ଼କ ଦୁର୍ଘଟଣାର କାରଣ ମାନଙ୍କ ମଧ୍ୟରୁ ୬୦% ହେଉଛି ନିଶାସକ୍ତ ଗାଡ଼ି ଚାଳନା। ନିଶାସେବନ କରି ଚାଳକ ଆସନରେ ବସିଲେ ଗାଡ଼ି ଷ୍ଟାର୍ଟ ନ ହେବାର ଯେଉଁ ବ୍ୟବସ୍ଥା ଏବେ ବ୍ୟୟବହୁଳ ଗାଡ଼ିରେ ଉପଲବ୍ଧ ତାହା ସବୁ ଗାଡ଼ିରେ ବାଧ୍ୟତାମୂଳକ କରାଗଲେ ସଡ଼କ ଦୁର୍ଘଟଣା ଅନେକାଂଶରେ ହ୍ରାସ ପାଇପାରନ୍ତା।

# ବାର୍ଦ୍ଧକ୍ୟରେ ଏକଲାପଣ-ଏକ ଅସହଜ ଅନୁଶୀଳନ



**ରାଜେଶ କୁମାର ତ୍ରିପାଠୀ**



ପରିବାର ଭିତରେ ଏବଂ ସମାଜରେ ବୃଦ୍ଧ ତଥା ବୟୋଜ୍ୟେଷ୍ଠ ମାନଙ୍କୁ ଆଦର ପୂର୍ବକ ଗ୍ରହଣ କରିବା ଏବଂ ସମ୍ମାନ ଦେବାଆମର ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସେମମାନଙ୍କ ପ୍ରତି ଆମର ଶ୍ରଦ୍ଧା ଈଶ୍ୱରଙ୍କ ପ୍ରତି ଆମର ଏକ ପବିତ୍ର ସେବାଭାବରେ ବିବେଚନା କରାଯାଏ। ସଂଯୁକ୍ତ ବା ଯୌଥ ପରିବାର ବ୍ୟବସ୍ଥାରେ ଏହା ଚିରାଚରିତ ପ୍ରଥା ଭଳି ଥିଲା। ସେ ବ୍ୟବସ୍ଥାରେ ଗୋଟେ ଘରର ଛାତ ତଳେ ତିନି ପିଢ଼ି ଏକା ସମୟରେ ରହୁଥିଲେ। ଜେଜେ ଜେଜେମା, ବାପା ମା - କକା ଖୁଡି, ପିଉସୀ ଆଉ ପିଲାମାନେ।କେତେକ କ୍ଷେତ୍ରରେ ଜେଜେ ଜେଜେମାଙ୍କ ପୂର୍ବ ପିଢ଼ି ମଧ୍ୟ ଜୀବିତ ଥିଲେ ସେମାନଙ୍କୁ ଠାକୁର ସମ ଘରେ ସଯତ୍ନରେ ରହିବାର ଦେଖା ଯାଉଥିଲା। ସଂଯୁକ୍ତ ପରିବାର ବ୍ୟବସ୍ଥା ଆମକୁ ବଳିଦାନ, ସ୍ନେହ, ସହଯୋଗ, ନିସ୍ୱାର୍ଥପରତା ଶିଖାଉଥିବା ବେଳେ ସଦସ୍ୟମାନଙ୍କ ମଧ୍ୟରେ ସମ୍ପର୍କର ବ୍ୟାପକତା ଭଳି ମହତ ସାମାଜିକ ଗୁଣକୁ ସଫଳରୂପ ଦେବାରେ ଗରୁତ୍ୱପୁର୍ଣ୍ଣ ଭୂମିକା ନେଉଥିଲା।ଦ୍ରୁତ ସହରୀକରଣ ଏବଂ ବ୍ୟକ୍ତିଗତ ଆକାଂକ୍ଷା ଯୋଗୁଁ କେବେଠୁ ଯୌଥ ପରିବାର ବ୍ୟବସ୍ଥା ଭାଙ୍ଗି ଯାଇଛି।ଆଜି କାଲି ସାତ ସପନ ହୋଇଛି ଯୌଥ ପରିବାରଟିଏ। ସଭିଏଁ ଚାହାନ୍ତି ଏକାରହି ଶାନ୍ତିରେ କାଟିବୁ ଦିନ। କିଏ କାହିଁକି କାହା ବୋଝ ନେବ। ତେଣୁ ମୁଁ, ମୋ ସ୍ତ୍ରୀ ଏବଂ ମୋ ପିଲାଙ୍କୁ ନେଇ ସମାଜରେ ତିଆରି ହେଲା ଏକକ ପରିବାର ସଂସ୍କୃତି।

ଗୋଟେ ପଟେ ସାମଜିକ ପ୍ରତିଷ୍ଠା ପାଇଁ ହେଉ କି ନିଜ ପିଲାମାନଙ୍କୁ ଶିକ୍ଷା ଏବଂ ବୃତ୍ତି ନିୟୋଜନ ପାଇଁ ବଡ ସହର ତଥା ବିଦେଶକୁ ପଠାଇବାର ଇଚ୍ଛା ହେଉ ; କିନ୍ତୁ ଶେଷରେ ବାପା ମା ମାନେ ବୟସ ଗଡ଼ିଲେ ଏକଲା ଜୀବନ କାଟିବାକୁ ଏକ ପ୍ରକାର ବାଧ୍ୟ ହୋଇପଡୁଛନ୍ତି।ଅନ୍ୟପଟେ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ କ୍ରମାଗତ ସୁଧାର ଏବଂ ଡାକ୍ତରୀ ବିଜ୍ଞାନରେ ପାରଦର୍ଶିତା କାରଣରୁ ମଣିଷର ଆୟୁ ବୃଦ୍ଧି ଘଟୁଛି।ଏହା ଫଳରେ ପିଲାଙ୍କ ଠୁ ଅଣଦେଖା ହୋଇ ବୃଦ୍ଧାବସ୍ଥାରେ ଅଧିକ ଦିନ ନିଜକୁ ବଞ୍ଚାଇବା କଷ୍ଟକର ହୋଇ ପଡୁଛି। ଦେଖିବାକୁ ଗଲେ ସାମ୍ପ୍ରତିକ ପରିସ୍ଥିତିରେ ବରିଷ୍ଠ ନାଗରିକଙ୍କ ଅବସ୍ଥା ଅତ୍ୟନ୍ତ ଜଟିଳ ହୋଇପଡ଼ିଛି କାରଣ ଯୁବପିଢ଼ି ଆଜି ବରିଷ୍ଠ ନାଗରିକମାନଙ୍କୁ ଏକ ବୋଝ ଏବଂ ଜବରଦସ୍ତି ଲଦି ଦିଆଯାଉଥିବା ଦାୟିତ୍ୱ ଭାବରେ ଦେଖୁଛନ୍ତି।ହେଲେ କହିବା କାହାକୁ; ଅନେକାଂଶରେ ଏ ପରିବର୍ତ୍ତିତ ସଂସ୍କୃତିର ଜନକ ଯେ ଆଜିର ବରିଷ୍ଠ ନିଜେ।

ସନ୍ତାନ ମୋହରେ ସେମାନଙ୍କ ଅଜଣାତରେ ସେମାନେ ନିଜ ପିଲା ମାନଙ୍କୁ ସ୍ୱ କୈନ୍ଦ୍ରିକ କରି ଗଢ଼ି ତୋଳିଛନ୍ତି। ହେଲେ କିଏ ଜାଣିଥିଲା ତାଙ୍କୁ ହିଁ ଭୋଗିବାର ଅଛି ବାର୍ଦ୍ଧକ୍ୟର ହତାଦର ଆଉ ଏକକ ପରିବାରର ଏକଲା ପଣ।ଶୁଣିବାକୁ କଟୁ ନିଶ୍ଚିତ ହେଲେ ନିରିଖୀ ଦେଖିଲେ ଏହାହିଁ ସତ।

ଗ୍ରହଣ କରିବା ନକରିବା ଆମର ନିଜର ବିଚାର ଉପରେ ନିର୍ଭର କରେ।ଆମକୁ ଲାଗୁଛି ଏହି ପ୍ରସଙ୍ଗରେ ଏବେ ଭୁଲ ଠିକର ତର୍ଜମାର ଆବଶ୍ୟକତା ରହିଛି।ନହେଲେ ଆଜିର ଆହ୍ୱାନ କାଲି ପାଇଁ ବି ଆହ୍ୱାନ ହୋଇ ରହିବ। ଆଜି ଆମ ଘରେ ଆମ ବାପା ମା ବୃଦ୍ଧ ବୟସରେ ଏକଲା ପଣର ଶିକାର, ହତାଦରରେ ଦୁଃଖୀ; ଆଉ କାଲି ଆମେ ଆମପିଲାଙ୍କ ଆଖିରେ ନିଜକୁ ଅଦରକାରୀ ଭାବେ ଦେଖି ସମୟକୁ ଦୋଷ ଦେବା। ଆମକୁ ଭିତରକୁ ଯାଇ ବୁଝିବାକୁ ହେବ। ବିଭିନ୍ନ ଅବସ୍ଥାରେ ବିଭିନ୍ନ ଅବସ୍ଥାରେ ଜନ୍ମ ହୋଇଥିବା ବ୍ୟକ୍ତିମାନେ ଯେଉଁପରିସ୍ଥିତି ଦେଇ ବଞ୍ଚୁଥିବେ ତାହା ଉପରେ ଆଧାର କରି ସେମାନଙ୍କର ମତ ରହିଛି। ସମୟ ଅନୁସାରେ ଜୀବନର ଧାରାକ୍ରମାଗତ ଭାବେ ବଦଳୁଛି। ସମସ୍ତେ ତାଙ୍କ ମାର୍ଗରେ ବଞ୍ଚିବାକୁ ଏବଂ ଆଚରଣ କରିବାକୁ ଚାହାଁନ୍ତି ଏବଂ ତାଙ୍କ ମୂଲ୍ୟବୋଧଏବଂ ଦୃଷ୍ଟିକୋଣକୁ କେହି ବୁଝାମଣା କରିବାକୁ ଚାହାଁନ୍ତି ନାହିଁ। ଯୁବ ଏବଂ ବୟସ୍କ ପିଢ଼ି ମଧ୍ୟରେ ମନୋଭାବ କିମ୍ବାବୁଝାମଣାର ଅଭାବ ଆଜିର ପ୍ରସଙ୍ଗ ନୁହଁ। ଦଶକ ଦଶକ ଧରି ଏହି ପାର୍ଥକ୍ୟ ରହିଆସିଛି। ଏହି ବିଭେଦ ପିଢ଼ିର ବ୍ୟବଧାନକୁ ବୃଦ୍ଧି କରିଛି ଏବଂ ଏହା ଦିନକୁ

> **ଅନେକ କ୍ଷେତ୍ରରେ ଦେଖିଲେ ଢଳିଲା ବେଳର ଏ ଏକଲାପଣର ରୂପକାର ଯେ ଆଜିର ବରିଷ୍ଠ ନିଜେ ଏକଥାକୁ ମାନିବାକୁ ହେବ।ତିନି ଚାରି ଦଶକ ତଳେ ନିଜ ତଥା ନିଜ ପିଲାଙ୍କ ପ୍ରଗତି ପାଇଁ ଆଜିର ବରିଷ୍ଠ ସମାଜ ହିଁ ନିଜ ଯୁବ ଅବସ୍ଥାରେ ନିଜ ଗାଁ, ଅଞ୍ଚଳ, ପରିବାର ଆଡୁମୁହଁ ବୁଲାଇ ନେଇଥିଲେ। ସନ୍ତାନ ମୋହରେ ସେମାନଙ୍କ ଅଜଣାତରେ ସେମାନେ ନିଜ ପିଲାମାନଙ୍କୁ ଏହି ସ୍ୱାର୍ଥ ସର୍ବସ୍ୱ କୁଟିଳ ଜୀବନ ବ୍ୟବସ୍ଥା ସହ ଯୋଡିବାର ପ୍ରମୁଖ ଭୂମିକାରେ ରହିଲେ।**

ଦିନ ବ୍ୟାପକ ହେବାରେ ଲାଗିଛି। ଏହି ବ୍ୟବଧାନ ବର୍ତ୍ତମାନ ଆମ ଜୀବନକୁ ଭୁଲ ଉପାୟରେ ପ୍ରଭାବିତ କରିବା ଆରମ୍ଭ କରିଛି।ବିଭିନ୍ନ ପ୍ରକାରର ଧାରଣା, ଦୃଷ୍ଟିକୋଣ ଏବଂ ମତାମତ ରହିବା ସର୍ବଦା ଭଲ। ଏହା ସୂଚିତ କରେ ଯେ ଆମେ କିପରି ବିକାଶ ଏବଂ ଅଗ୍ରଗତି କରୁଛୁ କିନ୍ତୁ ବେଳେବେଳେ ଏହା ଚିନ୍ତାଜନକ ହୋଇଯାଏ ଯେତେବେଳେ କିଛି ମୌଳିକ ପ୍ରସଙ୍ଗ, ଜୀବନ ଶୈଳୀ ଏବଂ ଧାରଣା ଉଭୟ ପିଢ଼ି ଦ୍ୱାରା ଗ୍ରହଣୀୟ ହୁଏ ନାହିଁ।

ଅଭିଭାବକମାନେ ଚାହାଁନ୍ତି ଯେ ପିଲାମାନେ ସେମାନଙ୍କର ମୂଲ୍ୟବୋଧକୁ ଅନୁସରଣ କରନ୍ତୁ, ଯେପରି ସେମାନେ ବିଶ୍ୱାସ କରନ୍ତି, ଏହା ସେମାନଙ୍କର ଲାଭ ପାଇଁ ଏବଂ ସେମାନଙ୍କ ପାଇଁ ଭଲ କରିବ। ଏହା ଠିକ ମଧ୍ୟ ହେଲେ ଅନ୍ୟ ପଟେ ପିଲାମାନଙ୍କର ଏକ ବ୍ୟାପକ ଦୃଷ୍ଟିକୋଣ ରହିଛି ଏବଂ ସେମାନେ ପାରମ୍ପାରିକ ଜୀବନର ଦୃଷ୍ଟିକୋଣକୁ ଶତ ପ୍ରତିଷ୍ଠା ଗ୍ରହଣକରିବାକୁ କୁଣ୍ଠିତ ରୁହନ୍ତି। ସେମାନେ ସବୁ ବିଷୟରେ ନିଜ ଦୃଷ୍ଟିକୋଣ ଆଧାରରେ ପଥ ପ୍ରସ୍ତୁତ କରିବାକୁ ଚାହାଁନ୍ତି। ପରିଶେଷରେ, ଦୁଇ ପିଢ଼ିର ପରସ୍ପର ପ୍ରତି ଶ୍ରଦ୍ଧା ଏବଂ ସ୍ନେହ ଉଭୟ ଦୂରେଇ ଯାଏ। ଉଭୟ ପିଢ଼ି ପରସ୍ପରକୁ ବୁଝିବାରେ ସକ୍ଷମ ହୁଅନ୍ତି ନାହିଁ, ଦୋଷ ଠେଲା ଠେଲି ହୁଏ। ଫଳସ୍ୱରୂପ, ଯୋଗାଯୋଗ ବିଚ୍ଛିନ୍ନ ଏବଂ ସମ୍ପର୍କ ତିକ୍ତ ହେଲା ଭଳି ସମ୍ଭାବନା ସୃଷ୍ଟି ହୁଏ।ନିଜ ଚିନ୍ତାଧାରା ଏବଂ ନିଜ ସମୟର ଚଳଣିକୁ ପିଲାମାନଙ୍କ ଉପରେ ଲଦି ଦେବାରୁ ବିରତ ରହିବାଠିକ ବୋଲି ଆମେ ମତ ରଖି ପାରିବାନି ହେଲେ ଏହାର ଯେ ଆବଶ୍ୟକତା ଅଛି ଏଥିରେ ଭିନ୍ନ ମତ ରହିଲା ଭଳି ଅନୁଭବହୁଏ ନାହିଁ। ଏହା ମଧ୍ୟ ସତ ଯେ ଗୋଟିଏ ପିଢ଼ି ସଂପୂର୍ଣ୍ଣ ଠିକ୍ କିମ୍ବା ସମ୍ପୂର୍ଣ୍ଣ ଭୁଲ ନୁହନ୍ତି। ତେଣୁ କେଉଁ ଏକ ନିର୍ଦ୍ଦିଷ୍ଟ ପିଢ଼ିକୁ ଦାୟୀକରିବା ପରିବର୍ତ୍ତେ ଅତି ସମ୍ବେଦନଶୀଳ ଭାବରେ ଏହାକୁ ବିଚାର କରିବା ଉଚିତ। ଉଭୟ ପିଢ଼ିକୁ ପରସ୍ପର ପ୍ରତି ଅଧିକଗ୍ରହଣୀୟ ହୋଇ ପାରିବାର ଇଚ୍ଛାକୁ ବଢାଇବାକୁ ପଡ଼ିବ।

ଶେଷରେ ଏହା କହି ହେବ ଯେ ପରିବର୍ତ୍ତିତ ସମୟ ଆଗରେ ହ୍ୟାଣ୍ଡ-ଡାଉନ୍ ମୂଲ୍ୟବୋଧର ଅତ୍ୟଧିକ ଗ୍ରହଣୀୟତା ସହ ଏକ ଡଜନ ସଦସ୍ୟ ସହ ଭରପୂର ଘରଗୁଡିକର ପୃଷ୍ଠଭୂମି ବିରୁଦ୍ଧରେ ଆମେ ଯେଉଁ ନୂତନ ସଂସ୍କୃତିକୁ ଅଶୀ ନବେଦଶକରେ ଆରମ୍ଭ କରିଥିଲେ ତାହା ଆଜି ସ୍ୱାର୍ଥପରତାର ବିରାଟ ବଟବୃକ୍ଷ ହୋଇ ଆମକୁ ଡ଼ରାଇବା ଆରମ୍ଭ କଲାଣି।ନୂତନ ପିଢ଼ି ବରିଷ୍ଠଙ୍କ ଠୁ ଶିଖି ଆଜି, ଏହା 'ମୋ ଘର', 'ମୋର ସ୍ଥାନ' ଏବଂ 'ମୋର ବ୍ୟକ୍ତିଗତ ଜୀବନ' ବିଷୟକୁ ଅଧିକଗୁରୁତ୍ୱ ଦେବା ଆରମ୍ଭ କରିଛି। ତେଣୁ ପରିବର୍ତ୍ତନ ହେବ ତ ବରିଷ୍ଠଙ୍କ ପଦକ୍ଷେପରେ ହେବ। ନିଜ ପୁରୁଖାଙ୍କ ଯତ୍ନ କରିଯୁବ ପିଢିଙ୍କ ପାଇଁ ଉଦାହରଣ ତିଆରି କରିବାକୁ ହେବ, ନିଜ ବୋହୂକୁ ଝିଅ କରି ପୁଅର ସାଂସାରିକ ଜୀବନକୁ ସହଜ କରିବାକୁ ହେବ, ଯୁବ ପିଢ଼ିଙ୍କର ନୂଆ ଯୁଗର ଜୀବନଶୈଳୀ ପ୍ରତି ଥିବା ରୁଚିର ବାସ୍ତବତାକୁ ହୃଦୟଙ୍ଗମ କରିବାକୁ ହେବ, ଦୁଇ ପାଦ ନିଜକୁ ଆଗକୁ ଆସି ଦୁଇ ପାଦ ପିଲାଙ୍କୁ ଆସିବାକୁ ଉତ୍ସାହିତ କରିବାକୁ ହେବ।ପାଠକଙ୍କୁ ଲାଗି ପାରେ ଏହି ଆଲେଖ୍ୟରେ ବରିଷ୍ଠଙ୍କୁ ଦାୟୀ କରାଯାଇଛି; ତାହା ବିଲକୁଲ ନୁହଁ। ବରଂ ସେମାନଙ୍କ ପାଖରେ ବିନମ୍ର ଭାବରେ ଆଶା ରଖା ଯାଇଛି। ଯୁବ ପିଢ଼ିର ବଡ ଭାଗ ଯେ ଆଜି ପଥଭ୍ରଷ୍ଟ, ସ୍ୱାର୍ଥପର ଏଥିରେ ଦ୍ୱିମତ ନାହିଁ, ହେଲେ ସେମାନଙ୍କ ରାସ୍ତା ସଜାଡ଼ିବାର କ୍ଷମତା ଭଗବାନ ବରିଷ୍ଠଙ୍କୁ ଦେଇ ରଖିଛନ୍ତି।ତେଣୁ ଆଶା ବରିଷ୍ଠଙ୍କୁ ରଖା ଯାଇଛି।


ଭୁବନେଶ୍ୱର
ମୋବାଇଲ୍: ୯୬୯୨୩୩୩୦୩୧


# ପ୍ରବାସୀ ଭାରତୀୟ ଦିବସ ଓ ବିକଶିତ ଭାରତର ନକ୍ସା



**ଡ଼ଃ.ଅରୁନ୍ଧତୀ ଦେବୀ**




ଅନୁଭବ ଓ ଅନୁଭୂତିର କଥା ବଖାଣିବା ସହ ବିକଶିତ ଭାରତ ତିଆରି ପାଇଁ ନୂତନ ନକ୍ସା ଗଢ଼ିବା ସହ ପ୍ରବାସୀମାନେ ପ୍ରବାସୀ ଭାରତୀୟ ଦିବସରେ ଦିଗଦର୍ଶନ ଦେବାକୁ ଯାଉଛନ୍ତି। ୧୮ତମ ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱର ଠାରେ ଚଳିତ ମାସ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ସୂଚନାଥାଉକି ୨୦୦୩ ମସିହାରେ ପ୍ରଥମ ପ୍ରବାସୀ ଭାରତୀୟ ଦିବସ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଏହା ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ଭାରତର ବିକାଶ ରଥକୁ ଆଗକୁ ନେବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତି ସହ ଏହି ତିନିଦିନିଆ ସମ୍ମିଳନୀରେ ପାଞ୍ଚଟି ସ୍ୱତନ୍ତ୍ର ବିଷୟକୁ ନେଇ ପୂର୍ଣ୍ଣାଙ୍ଗ ଅଧିବେଶନ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଥମ ଦିନ 'ବିଶ୍ୱରେ ପ୍ରବାସୀ ଯୁବ ନେତୃତ୍ୱ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବ ଏବଂ ରାଜ୍ୟର ଭବିଷ୍ୟତ ଯୋଜନା ଓ ପ୍ରବାସୀଙ୍କ ସହଯୋଗ ସମ୍ପର୍କରେ ବିଷଦ ଭାବେ ଆଲୋଚନା ହେବ। ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଥାଏ ଯେ ଏହି ଦିବସ ପାଳନର ତାତ୍ପର୍ଯ୍ୟତା କ'ଣ? ଏଠାରେ ସ୍ମରଣ କରିଦିଆଯାଇପାରେ ଯେ ୧୯୧୫ ମସିହା ଜାନୁଆରୀ ୯ ତାରିଖରେ ଅର୍ଥାତ୍ ଆଜକୁ ୧୧୦ ବର୍ଷ ତଳେ ଜାତିର ପିତା ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଭାରତ ଫେରିଥିବାରୁ ତାଙ୍କ ସମ୍ମାନ ସ୍ୱରୂପ ଏହାକୁ ସ୍ମାରକୀ ଓ ତାତ୍ପର୍ଯ୍ୟପୂର୍ଣ୍ଣ କରିବା ପାଇଁ ଏହାର ପରିକଳ୍ପନା ହୋଇଥିଲା। ଗତ ୨୦୨୩ରେ ମଧ୍ୟପ୍ରଦେଶରେ ୧୭ତମ ପ୍ରବାସୀ ଭାରତୀୟ ଦିବସ ଅନୁଷ୍ଠିତ ହୋଇଥିଲା। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଗାମୀ ୨୦୪୭ ମସିହାରେ ସ୍ୱାଧୀନ ଭାରତ ବର୍ଷ ଶତାୟୁସମ୍ପନ୍ନ ହେବ। ଏବଂ ସେହି ଶତାବ୍ଦୀ ବର୍ଷ ସୁଦ୍ଧା ସମ୍ପୂର୍ଣ୍ଣ ବିକଶିତ ଭାରତ ଗଠନ ଲକ୍ଷ୍ୟ ନେଇ ପ୍ରସ୍ତୁତ ଅର୍ଥନୀତିକ ରୋଡ଼ମ୍ୟାପକୁ ସାକାର କରିବା ପାଇଁ ପ୍ରବାସୀ ଭାରତୀୟଙ୍କ ବହୁମୁଖୀ ଯୋଗଦାନର ଆବଶ୍ୟକତାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ପ୍ରବାସୀଙ୍କ ପୁଞ୍ଜି ନିବେଶ ଭାରତ ବର୍ଷର ଅର୍ଥନୀତିର ଗୁରୁତ୍ୱପୂର୍ଣ୍ଣ ଅବଦାନ। ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ ଦରିଆପାରିରେ ରହୁଥିବା ଆମ ପ୍ରବାସୀ ଭାଇଭଉଣୀମାନେ ଭାରତ ସରକାର ଓ ଆମ ମାନଙ୍କ ସହ ଯୋଡ଼ି ହେବାପାଇଁ ଏହି ମଞ୍ଚ ବେଶ ବ୍ୟବସ୍ଥିତ ଢ଼ଙ୍ଗରେ ସେତୁ ସ୍ଥାପନ କରିଥାଏ।

ଓଡ଼ିଶାର ଭୁବନେଶ୍ୱରରେ ଏହି ମର୍ଯ୍ୟାଦାଜନକ ସମାରୋହ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ୭ ହଜାର ଜଣ ଅତିଥି ଓ ପ୍ରତିନିଧିଙ୍କୁ ସ୍ୱାଗତ ଜଣାଇବା ପାଇଁ ଓଡ଼ିଶା ପ୍ରସ୍ତୁତ ହୋଇଛି। ବିଭିନ୍ନ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଷ୍ଟାଦଶ ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମକୁ ଉଦଘାଟନ କରିବେ ଓ ୧୦ ତାରିଖରେ ଉଦାଜପାନୀ ସମାରୋହରେ ମହାମହିମ ରାଷ୍ଟ୍ରପତି ଯୋଗ ଦେବେ। ଦ୍ୱିତୀୟ ଅଧିବେଶନରେ ପ୍ରବାସୀଙ୍କ ଦକ୍ଷତା କାହାଣୀ, ତୃତୀୟ ଅଧିବେଶନରେ ସବୁଜ ସଂଯୋଗ, ନିରନ୍ତର ବିକାଶରେ ପ୍ରବାସୀଙ୍କ ଅବଦାନ ଶୀର୍ଷକ ଚର୍ଚ୍ଚା ହେବ। ଚତୁର୍ଥ ଅଧିବେଶନରେ ପ୍ରବାସୀ ଦିବସ : ମହିଳା ନେତୃତ୍ୱ ଓ ପ୍ରଭାବ - ନାରୀ ଶକ୍ତି ଏବଂ ଶେଷ ତଥା ପଞ୍ଚମ ଅଧିବେଶନରେ ସଂସ୍କୃତି, ସଂଯୋଗ ଓ ସମ୍ପୃକ୍ତିର କାହାଣୀ ଶୀର୍ଷକରେ ଆଲୋଚନା ହେବ। ଭାରତ ଏକ ଭୂଗୋଳ ଆବଦ୍ଧ ଆୟତନର କ୍ଷେତ୍ର ନୁହେଁ ଏହା ଏକ ନିରନ୍ତର ଐତିହାସିକ ସଭ୍ୟତା ଯାହା ପ୍ରବାସୀ ଭାରତୀୟଙ୍କ ପ୍ରସଙ୍ଗକୁ ଜୈବିକ ସୂତ୍ରରେ ଗୁନ୍ଥି ରଖିବାରେ ସମର୍ଥ ହୋଇଛି। ମହାନ ଭାରତର ସଂସ୍କୃତି ତଥା ଗଣତନ୍ତ୍ର, ସମ୍ବିଧାନ, ମାନବ ସମ୍ବଳ ଓ ବ୍ୟାପକ ବଜାର ନାନା ପ୍ରକାରର ମନ ପସନ୍ଦର ସୁବିଧା ସୁଯୋଗ ଯୋଗାଇବାରେ ଏକ ଶ୍ରେଷ୍ଠ କ୍ଷେତ୍ର ବୋଲି ସମଗ୍ର ବିଶ୍ୱ ବିଦିତ। ସେହିଭଳି ସମଗ୍ର ବିଶ୍ୱରେ ଭାରତୀୟମାନେ ନିଜ ନିଜ ପ୍ରତିଭାକୁ ନେଇ ବିଶ୍ୱ ଦରବାରରେ ଭାରତର ଗର୍ବ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ପ୍ରବାସୀ ମାନେ ବିକଶିତ ଭାରତର ନକ୍ସା ଆଙ୍କିବେ ଓ ଏହି ବ୍ୟାପକ କାର୍ଯ୍ୟକ୍ରମ ଆବେଗିକ ଓ ପ୍ରୀତି ଡ଼ୋରିକୁ ଆହୁରି ମଜଭୁତ କରିବାର ଏକ ଅପୂର୍ବ ସୁଯୋଗ କହିଲେ ଅତ୍ୟୁକ୍ତି ହେବନାହିଁ।


ନିର୍ଦ୍ଦେଶିକା-ସମ୍ପାଦିକା
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ


# ଓଡ଼ିଶାରେ ପ୍ରଗତିର ସ୍ୱାସ୍ଥ୍ୟ ସେବା



**ଡାକ୍ତର ଗୁରୁପଦ ମିଶ୍ର**

ଓଡ଼ିଶା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅନ୍ୟ ରାଜ୍ୟ ପାଇଁ ଆଦର୍ଶ ପାଲଟିଥିଲାବେଳେ ନବଗଠିତ ସରକାର ସ୍ୱାସ୍ଥ୍ୟସେବାକୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରି ଅନୁଦାନ ଓ ପର୍ଯ୍ୟାପ୍ତ ଭିତ୍ତିଭୂମି ତିଆରି କରୁଛନ୍ତି ସେହିପରି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ବିଶ୍ୱ ସ୍ତରୀୟ ହେବାକୁ ଯାଉଥିବାବେଳେ ଏହି ଡାକ୍ତରଖାନା ପୂର୍ବାଞ୍ଚଳ ରାଜ୍ୟବାସୀଙ୍କ ପାଇଁ ଆଶା ଭରସାର କେନ୍ଦ୍ର ପାଲଟିଛି। ସରକାର, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଅନେକ ଦାବୀ ପୂରଣ କରିବା ସହ କ୍ୟାଡ଼ର ପରିବର୍ତ୍ତନ ଠାରୁ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଭତ୍ତା ବଢ଼ାଇବା ସହ ନୂଆ ହସ୍ପିଟାଲ ଖୋଲିବା, ଆମ୍ବୁଲାନ୍ସ ଚାଳକଙ୍କ ସମେତ ସ୍ୱାସ୍ଥ୍ୟକ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କୁ ଖୁସି କରିବାରେ ସକ୍ଷମ ହୋଇଛନ୍ତି। ସରକାର ଅନେକ ପଦକ୍ଷେପ ନେଇ ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ସେବାରେ ଅନେକ ବିକାଶ କରିବାରେ ସମ୍ଭବ ହୋଇଛନ୍ତି।

ଗତ ବର୍ଷ ରାଜ୍ୟରେ ଡେଙ୍ଗୁ ଓ ମ୍ୟାଲେରିଆ ରାଜ୍ୟବାସୀଙ୍କୁ କଲବଲ କରିଥିଲା। ଭୁବନେଶ୍ୱର, ରାଉରକେଲା ସମେତ ସହରାଞ୍ଚଳରେ ଡେଙ୍ଗୁ ସଂକ୍ରମଣ ବର୍ଷ ଶେଷ ପର୍ଯ୍ୟନ୍ତ ଜାରି ରହିଥିଲା। ତେବେ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଏହାର ନିରାକରଣ କରିପାରିଥିଲେ। ରାଜ୍ୟର ସରକାରୀ ଡାକ୍ତରଖାନା ପରିସରରେ ଖୋଲିଥିବା ଘରୋଇ ଔଷଧ ଷ୍ଟୋରକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ସ୍ୱାସ୍ଥ୍ୟ ବିଭାଗ। ଯେଉଁ ଷ୍ଟୋରଗୁଡ଼ିକ ଏବେ କାର୍ଯ୍ୟକ୍ଷମ ଅଛନ୍ତି ସେମାନଙ୍କ ଲିଜ ଅବଧି ଆଉ ନ ବଢ଼ାଇବା ସହ ନୂଆ ଷ୍ଟୋର ଯେପରି ନ ଖୋଲିବ ସେଥିପାଇଁ ସରକାର ଗୁରୁତ୍ୱ ଦେଇଛନ୍ତି। ସେହିପରି ଉତ୍କଳ ହସ୍ପିଟାଲ ଓ ଏଆଇଜି ହସ୍ପିଟାଲ ହାଇଦ୍ରାବାଦର ମିଳିତ ଉଦ୍ୟମରେ ଓଡ଼ିଶାରେ ପ୍ରଥମଥର ଲାଗି କାଡ଼ାଭରିକ ଯକୃତ ପ୍ରତିରୋପଣ କରାଯାଇଛି। ରାମ ନବମୀରେ ସୋନପୁରର ଶରତ ପ୍ରଧାନଙ୍କ ଶରୀରରେ ଜଣେ ମହିଳାଙ୍କ ଯକୃତ ପ୍ରତିରୋପଣ ସଫଳ ହୋଇଛି। ରାଜ୍ୟରେ ନକଲି ଡାକ୍ତରଙ୍କୁ ଚିହ୍ନଟ କରିବା ଲାଗି ରାଜ୍ୟ ସରକାର ଏକ ଜିଲ୍ଲାସ୍ତରୀୟ ଆଣ୍ଟି କ୍ୱାକରି ବା କ୍ୱାକ୍ ନିରୋଧୀ ସେଲ ଗଠନ କରିଛନ୍ତି। ଯେ କୌଣସି ସୂତ୍ରରୁ ନକଲି ଡାକ୍ତରଙ୍କ ସମ୍ପର୍କରେ ସୂଚନା ପାଇଲେ ଏହି ସେଲ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ। ରାଜ୍ୟର ନର୍ସିଂ, ଫାର୍ମାସି ଓ ଆଲାଏଡ଼ ମେଡ଼ିକାଲ ଛାତ୍ରଛାତ୍ରୀଙ୍କ ମାସିକ ଷ୍ଟାଇପେଣ୍ଡ ରାଶିକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଏବେ ଡି.ଫାର୍ମା ୫୦୦, ଏଏନଏମ ୨ ହଜାର, ବିଏସସି ଇଣ୍ଟର୍ଣ୍ଣସିପ ୫ ହଜାର, କ୍ଲିନିକାଲ ସାଇକୋଲୋଜି ୧୦ ହଜାର, ସାଇକାଟ୍ରିକ ସୋସିଆଲ ୱାର୍କ ୧୦ ହଜାର ଟଙ୍କା ପାଇବେ। ପୂର୍ବରୁ ଏସବୁ ପାଠ୍ୟକ୍ରମରେ ଫାର୍ମା ପାଇଁ ୨୫୦ ଟଙ୍କା, ଏଏନଏମ ୧ ହଜାର, ବିଏସସି ଇଣ୍ଟର୍ଣ୍ଣସିପ ୨୫୦୦, କ୍ଲିନିକାଲ ସାଇକୋଲୋଜି ୭ ହଜାର ଓ ସାଇକାଟ୍ରିକ ସୋସିଆଲ ୱାର୍କ ୭ ହଜାର ଟଙ୍କା ଦିଆଯାଉଥିଲା।




ରାଜ୍ୟ ମେଡ଼ିକାଲ ଶିକ୍ଷା ସେବାରେ ଡିଏସିପି ଯୋଜନା ଲାଗୁ ହୋଇଛି। ରାଜ୍ୟର ସରକାରୀ ମେଡ଼ିକାଲ ଓ ଡେଣ୍ଟାଲ କଲେଜରେ କାର୍ଯ୍ୟରତ ଡାକ୍ତରୀ ଶିକ୍ଷକଙ୍କୁ ଏବେ ଦୁଇଟି ସୁନିଶ୍ଚିତ ପଦୋନ୍ନତି ମିଳିବ। ରାଜ୍ୟରେ ଜରୁରୀକାଳୀନ ମେଡ଼ିକାଲ ସେବା ପ୍ରଦାନ କରୁଥିବା ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ଭତ୍ତା ବ୍ୟବସ୍ଥା ହୋଇଛି। ଆମ୍ବୁଲାନ୍ସ କ୍ରୟ ସଦସ୍ୟ ଭାବେ ଡ୍ରାଇଭର ଇଏମଟିଙ୍କୁ ୫ ହଜାର ଓ ହେଲପରଙ୍କୁ ୩ ହଜାର ଟଙ୍କା ମିଳିବ। କୋଲକାତାସ୍ଥିତ ଆରଜି କର ମେଡ଼ିକାଲ କଲେଜରେ ଜଣେ ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ଦେଶବ୍ୟାପୀ କାର୍ଯ୍ୟସ୍ଥଳୀରେ ଡାକ୍ତରଙ୍କ ସୁରକ୍ଷାକୁ ନେଇ ଦାବି ଜୋର ଧରିଥିଲା। ଓଡ଼ିଶା ସରକାର ମଧ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷା ପାଇଁ ଏକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ସମୁଦାୟ ୮ଟି ବିନ୍ଦୁ ଉପରେ ଏହି ନିର୍ଦ୍ଦେଶାବଳୀରେ ଗୁରୁତ୍ୱ ଦିଆଯାଇଛି। ନିର୍ଦ୍ଦେଶାବଳୀରେ ପ୍ରବେଶସ୍ଥଳରେ କଟକଣା, ସୁରକ୍ଷା ବ୍ୟବସ୍ଥା, ଡାକ୍ତର ଓ କର୍ମଚାରୀଙ୍କ ପାଇଁ ଡ୍ୟୁଟି ବିଶ୍ରାମ ଗୃହ, ଜରୁରୀକାଳୀନ ରେସପନସ୍ ଯୋଜନା, ସମ୍ମାନଜନକ କର୍ମସ୍ଥଳୀ ସଂସ୍କୃତି, ସହାୟତା ସେବା, ଘଟଣାର ରିପୋଟିଂ ଓ ତଦାରଖ କମିଟି ସ୍ଥାନ ପାଇଛି। ସ୍ୱାସ୍ଥ୍ୟାନୁଷ୍ଠାନରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ଆଇଡ଼ି କାର୍ଡ଼ ଦିଆଯିବା ୱାର୍ଡ଼ ପାଇଁ ଭିଜିଟର ପାସ ବ୍ୟବସ୍ଥା ଲାଗୁ ହେବ।

ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ପରିଚାଳନା କରୁଥିବା ସଂସ୍ଥା ବଦଳିଛି। ପୂର୍ବରୁ ଚିକିତ୍ସା ହେଲଥ କେୟାର ଦୀର୍ଘବର୍ଷ ଧରି ଏହାକୁ ପରିଚାଳନା କରୁଥିବାବେଳେ ଏବେ ଏମ୍ରି ଗ୍ରିନି ହେଲଥ ସର୍ଭିସକୁ ୧୦୮ ଆମ୍ବୁଲାନ୍ସ ଚଳାଇବା ପାଇଁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି। ୨୦୨୫ ସୁଦ୍ଧା ଦେଶ ତଥା ରାଜ୍ୟରେ ଯକ୍ଷ୍ମା ନିରାକରଣ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆଜି ୧୦୦ ଦିନିଆ ଯକ୍ଷ୍ମା ଦୂରୀକରଣ ଅଭିଯାନର ଶୁଭାରମ୍ଭ ହୋଇଛି। ଓଡ଼ିଆ ପିଲାଙ୍କ ପାଇଁ ଡାକ୍ତରୀ ପାଠକୁ ସହଜ ଓ ବୋଧଗମ୍ୟ କରିବାକୁ ରାଜ୍ୟ ସରକାର ଓଡ଼ିଆ ଭାଷାରେ ଡାକ୍ତରୀ ପାଠ ପଢ଼ାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେହିପରି ପ୍ରେସକ୍ରିପସନ ଓ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଡାକ୍ତରମାନେ ସୁନ୍ଦର ହସ୍ତାକ୍ଷରରେ ଲେଖିବା ପାଇଁ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଆସିବା ପରେ ରାଜ୍ୟସରକାରଙ୍କ ନିର୍ଦ୍ଦେଶକୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଡାକ୍ତରମାନେ ପାଳନ କରୁଛନ୍ତି। ସେହିପରି ଜାତୀୟ ମେଡ଼ିକାଲ କମିଶନର ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ପଞ୍ଜୀକୃତ ଡାକ୍ତର ନିଜ ପ୍ରେସକ୍ରିପସନକୁ ସୁନ୍ଦର ଅକ୍ଷର କିମ୍ବା ଟାଇପ ଫର୍ମାଟରେ ଲେଖିବେ। ସେହିପରି ମେଡ଼ିକୋ ଲିଗାଲ ରିପୋର୍ଟ କିମ୍ବା ଶବ ବ୍ୟବଚ୍ଛେଦ ରିପୋର୍ଟକୁ ସୁନ୍ଦର ହସ୍ତାକ୍ଷର କିମ୍ବା ଟାଇପ ନଚେତ କ୍ୟାପିଟାଲ ଅକ୍ଷରରେ ଲେଖିବା ସହ ଏମଏଲଓଏସରେ ଏହାକୁ ଅପଲୋଡ଼ କରାଯିବ ବୋଲି ରାଜ୍ୟ ସରକାର ଏହାକୁ ସ୍ପଷ୍ଟ କରିଛନ୍ତି। ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଆଜି ଯଥେଷ୍ଟ ଅଗ୍ରଗତି କରି ଭାରତ ବର୍ଷର ଅନ୍ୟ ରାଜ୍ୟ ପାଇଁ ଆଦର୍ଶ ଓ ଉଦାହରଣ ସୃଷ୍ଟି କରିଛନ୍ତି।


ଭେଷଜ ବିଭାଗ
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

# ବିକାଶକୁ ଅଟକାଇ ପାରିବ ନାହିଁ ଅତ୍ୟାଚାର: କେଜ୍ରିୱାଲ



**ନୂଆଦିଲ୍ଲୀ,୫ା୧:** ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପି - ଆମ ଆଦମୀ ପାର୍ଟି ମଧ୍ୟରେ ବୟାନ ଯୁଦ୍ଧ ତୀବ୍ର ହୋଇଛି। ଆଜି ମୋଦୀ ଦିଲ୍ଲୀରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ଏକ ସାଧାରଣ ସଭାରେ ଆମ୍ ଆଦମୀ ପାର୍ଟିକୁ ମଧ୍ୟ ଟାର୍ଗେଟ କରିଥିଲେ। ବର୍ତ୍ତମାନ ତାଙ୍କ ବିବୃତ୍ତିକୁ କାଉଣ୍ଟର କରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆପ ସଂଯୋଜକ ଅରବିନ୍ଦ କେଜ୍ରିୱାଲ ବିବୃତ୍ତି ରଖିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ଅରବିନ୍ଦ କେଜ୍ରିୱାଲ କହିଛନ୍ତି, "ଆମ୍ ଆଦମୀ ପାର୍ଟି କେବଳ ଦିଲ୍ଲୀର ଲୋକଙ୍କ ପାଇଁ କାମ କରୁଛି। ସେମାନେ ଯେତେ ଚାହିଁବେ ଅତ୍ୟାଚାର କରିପାରିବେ, କିନ୍ତୁ ଦିଲ୍ଲୀର ବିକାଶ ବନ୍ଦ ହେବା ଉଚିତ ନୁହେଁ, କାରଣ ଆମ ପାଇଁ ଦିଲ୍ଲୀର ବିକାଶ ଶୀର୍ଷରେ ଅଛି।"

ପୂର୍ବତନ ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, "ଆଜି ସାହିବାବାଦରୁ ନୂଆ ଅଶୋକ ନଗର ପର୍ଯ୍ୟନ୍ତ ଦିଲ୍ଲୀକୁ ଏନସିଆର ସହ ସଂଯୋଗ କରୁଥିବା ମେଟ୍ରୋ ଲାଇନ ଉଦଘାଟନ କରାଯାଇଛି। ଆଜି ତିନୋଟି ପ୍ରକଳ୍ପର ଉଦଘାଟନ କରାଯାଇଛି। ଏହି ତିନୋଟି ପ୍ରକଳ୍ପ କେନ୍ଦ୍ର ସରକାର ଏବଂ ଦିଲ୍ଲୀ ସରକାରଙ୍କ ମିଳିତ ପ୍ରକଳ୍ପ ଏବଂ ଆଜି ଏହି ପ୍ରକଳ୍ପ ଦିଲ୍ଲୀ ସରକାର କିପରି ବିକାଶ କାର୍ଯ୍ୟ କରୁଛନ୍ତି ତାହା ଦର୍ଶାଉଛି ଆମେ ପୂର୍ବରୁ ମଧ୍ୟ ସ୍ୱେରେଜ୍ ମରାମତି କରିଛୁ ଏବଂ ଭବିଷ୍ୟତରେ ମଧ୍ୟ ତାହା କରିବୁ" ସେ କହିଛନ୍ତି, "ଯଦି ମୁଁ ଆଜି ଘଟିଥିବା ଅତ୍ୟାଚାର ବିଷୟରେ ଏକ ପ୍ରସଙ୍ଗ କରିଥାନ୍ତେ, ବୋଧହୁଏ ଏହା ଆଉଁ ହୋଇନଥାନ୍ତା? ସେମାନେ ଆମ ସମସ୍ତଙ୍କୁ ଜଣକ ପରେ ଜଣଙ୍କୁ ଜେଲରେ ରଖିଥିଲେ, କିନ୍ତୁ ଆମେ ଦିଲ୍ଲୀର ବିକାଶ ପାଇଁ ନିବେଦନ କରିଥିଲୁ ଏବଂ ଯେତେବେଳେ ସେମାନେ ତାହା କରିନଥିଲେ। ଆମେ ବିରୋଧ ପ୍ରଦର୍ଶନ କରିଥିଲୁ। ଯେଉଁଠାରେ ଡବଲ ଇଞ୍ଜିନ୍ ସରକାର ଅଛି, ସେଠାକାର କାର୍ଯ୍ୟକୁ ଉଦାହରଣ ସ୍ୱରୂପ ନିଅନ୍ତୁ ଏବଂ ଦିଲ୍ଲୀ ସରକାର ସେମାନଙ୍କ ଅପେକ୍ଷା କେତେ କାର୍ଯ୍ୟ କରିଛନ୍ତି ତାହା ଯାଞ୍ଚ କରନ୍ତୁ।"

ସାମ୍ବାଦିକ ସମ୍ମିଳନୀରେ ଆପ ସଂଯୋଜକ କହିଛନ୍ତି, "୨୦୨୦ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଦିଲ୍ଲୀବାସୀଙ୍କୁ ଅନେକ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ଆଜି ପର୍ଯ୍ୟନ୍ତ ତାହା ପୂରଣ ହୋଇନାହିଁ। ଧାରା ୮୧, ଧାରା ୩୩ ପ୍ରତ୍ୟାହାର ନେଇ ଆଲୋଚନା ହୋଇଥିଲା କିନ୍ତୁ ଆଜି ପର୍ଯ୍ୟନ୍ତ ଏହା ଅଛି ପ୍ରତ୍ୟାହାର କରାଯାଇନଥିଲା।

ସୁପ୍ରିମକୋର୍ଟଙ୍କ ବଡ଼ ନିଷ୍ପତ୍ତି

# ମାତାପିତାଙ୍କ ସେବା ନ କଲେ ମିଳିବ ନାହିଁ ସମ୍ପତ୍ତି



**ନୂଆଦିଲ୍ଲୀ,୫ା୧:** ମାତାପିତାଙ୍କଠାରୁ ତାଙ୍କ ସମ୍ପତ୍ତି ଉପହାର ସ୍ୱରୂପ ପାଇବା ପରେ ସେମାନଙ୍କ ଦେଖାରଖା ନ କରୁଥିବା ପିଲାମାନଙ୍କଠାରୁ ସେହି ସମ୍ପତ୍ତି ଫେରାଇ ନେଇ ହେବ। ବୟସ୍କଙ୍କ ସ୍ୱାର୍ଥ ରକ୍ଷା ପାଇଁ ୨୦୦୭ରେ କରାଯାଇଥିବା ଆଇନର ବ୍ୟାଖ୍ୟା କରୁଥିବାବେଳେ ସୁପ୍ରିମକୋର୍ଟ ଏହି ନିଷ୍ପତ୍ତି ଦେଇଛନ୍ତି। ମଧ୍ୟପ୍ରଦେଶର ଛତ୍ରପୁର ଏହି ମାମଲାରେ ମାଆ ପୁଅକୁ ଦେଇଥିବା ଗିଫ୍ଟ ଡିଡ଼କୁ ବାତିଲ କରିଦେଇଛନ୍ତି। ଫେବୃଆରୀ ୨୮ ସୁଦ୍ଧା ପୁଅର ସମ୍ପତ୍ତିକୁ ତାଙ୍କ ମା'ଙ୍କୁ ହସ୍ତାନ୍ତର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୁପ୍ରିମକୋର୍ଟର ଜଷ୍ଟିସ ସିଟି ରବିକୁମାର ଏବଂ ସଞ୍ଜୟ କରୋଲଙ୍କ ଏକ ବେଞ୍ଚ କହିଛନ୍ତି ଯେ ମାତାପିତା ତଥା ବରିଷ୍ଠ ନାଗରିକ ଅଧିନିୟମ, ୨୦୦୭ ସମ୍ବନ୍ଧୀୟ ମାମଲାଗୁଡ଼ିକରେ କୋର୍ଟ ସଚେତନ ହେବା ଉଚିତ ଯାହା ବୟସ୍କଙ୍କୁ ସାହାଯ୍ୟ କରିବା ପାଇଁ କରାଯାଇଥିଲା। ଉପହାର କାଗଜରେ ଏହା ଲେଖା ହୋଇ ନାହିଁ ଯେ ପିଲା ଭବିଷ୍ୟତରେ ମାତାପିତାଙ୍କର ଯତ୍ନ ନେବେ, ତଥାପି ବେପରୁଆ ପିଲାଙ୍କୁ ଏହି ଆଧାରରେ ସମ୍ପତ୍ତି ଅଧିକାର କରିବାକୁ ଅନୁମତି ଦିଆଯାଇପାରିବ ନାହିଁ।

୨୦୦୭ରେ ପ୍ରସ୍ତୁତ ଆଇନର ଧାରା ୨୩ କହିଛି ଯେ ଏହି ଆଇନ କାର୍ଯ୍ୟକାରୀ ହେବା ପରେ ଯଦି ଜଣେ ବରିଷ୍ଠ ନାଗରିକ ତାଙ୍କ ସମ୍ପତ୍ତି କାହାକୁ ଉପହାର କିମ୍ବା ଅନ୍ୟ କୌଣସି ଉପାୟରେ ପ୍ରଦାନ କରନ୍ତି ସେହି ସର୍ତ୍ତ ଅନୁଯାୟୀ ସମ୍ପତ୍ତି ପ୍ରାପ୍ତକର୍ତ୍ତା ସେହି ବରିଷ୍ଠ ନାଗରିକଙ୍କ ଯତ୍ନ ନେବେ, ଯଦି ଏହା ନହୁଏ, ତେବେ ବିବେଚନା କରାଯିବ ଯେ ସମ୍ପତ୍ତି ହସ୍ତାନ୍ତର ଠକେଇ କିମ୍ବା ଧମକ ଦ୍ୱାରା କରାଯାଇଛି। ଟ୍ରିବ୍ୟୁନାଲ ଏହି ଟ୍ରାନ୍ସଫରକୁ ରଦ୍ଦ ଘୋଷଣା କରିବେ।

# ଏନକାଉଣ୍ଟରରେ ୪ ନକ୍ସଲ ସଫା

**ରାୟପୁର,୫ା୧:** ସୁରକ୍ଷାକର୍ମୀଙ୍କୁ ମିଳିଲା ବଡ଼ ସଫଳତା। ଏନ୍‌କାଉଣ୍ଟରରେ ଟଳିଲେ ୪ ମାଓବାଦୀ। ମାଲକାନଗିରି ସୀମାନ୍ତ ଛତିଶଗଡ଼ର ଅବୁଝମାଡ଼ରେ ନକ୍ସଲ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଛତିଶଗଡ଼ର ଦନ୍ତେବାଡ଼ା ଓ ନାରାୟଣପୁର ଜିଲ୍ଲା ସୀମାରେ ଥିବା ଅବୁଝମାଡ଼ ଜଙ୍ଗଲରେ ଶନିବାର ବିଳମ୍ବିତ ରାତିରୁ ସୁରକ୍ଷା ବାହିନୀ ଏବଂ ନକ୍ସଲମାନଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି। ଜଙ୍ଗଲ ଭିତରେ ନକ୍ସଲମାନେ ଲୁଚି ରହିଥିବା ଖବର ପାଇ ଜାନୁଆରୀ ୩ ତାରିଖରେ ନାରାୟଣପୁର, ଦନ୍ତେବାଡା, ଜଗଦଲପୁର, କୋଣ୍ଡାଗାଓଁ ଜିଲ୍ଲାର ଡିଆରଜି ଏବଂ ଏସଟିଏଫର ମିଳିତ ଟିମ୍ ସର୍ଚ୍ଚ ଅପରେସନ୍ ଚଳାଥିଲେ। ତେବେ ଜାନୁଆରୀ ୪ ତାରିଖ ସନ୍ଧ୍ୟାରେ ସୁରକ୍ଷା ବାହିନୀ ଏବଂ ନକ୍ସଲମାନଙ୍କ ମଧ୍ୟରେ ଏନକାଉଣ୍ଟର ଆରମ୍ଭ ହୋଇଥିଲା। ନକ୍ସଲ ଯବାନଙ୍କ ଗୁଳିର ସାମ୍ନା କରିନପାରି ଆଜି ସକାଳେ ଛତ୍ରଭଙ୍ଗ ଦେଇଥିଲେ। ଏହାପରେ ଘଟଣାସ୍ଥଳରେ ସର୍ଚ୍ଚ କରୁଥିବା ବେଳେ ୪ ଜଣ ନକ୍ସଲଙ୍କ ମୃତଦେହ ଜବତ ହୋଇଛି। ସେପଟେ ନକ୍ସଲଙ୍କ ପାଲଟା ଗୁଳିମାଡ଼ରେ ଜଣେ ହେଡ୍ କନଷ୍ଟେବଲ ସହିଦ ହୋଇଛନ୍ତି। ତାଙ୍କ ନାମ ସାନୁ କରାମ ବୋଲି ଜଣାପଡିଛି। ଘଟଣାସ୍ଥଳରୁ ଏକେ-୪୭,ଏସଏଲଆର, ଅଟୋମେଟିକ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଛି। ଏବେ ବି ସର୍ଚ୍ଚ ଅପେରେସନ ଚାଲିଛି।

# ୧୯ ଜଣଙ୍କୁ ଆମେରିକାର ସର୍ବୋଚ୍ଚ ନାଗରିକ ସମ୍ମାନ



**ନୂଆଦିଲ୍ଲୀ,୫ା୧:** ବିବାଦୀୟ ବିଲେନିୟର ତଥା ବିଶିଷ୍ଟ ଉଦ୍ୟୋଗପତି ଜର୍ଜ ସୋରୋସଙ୍କୁ ମିଳିଲା ଆମେରିକାର ସର୍ବୋଚ୍ଚ ନାଗରିକ ସମ୍ମାନ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କୁ ପ୍ରେସିଡେନ୍‌ସିଆଲ୍ ମେଡାଲ ଅଫ ଫ୍ରିଡମ ପ୍ରଦାନ କରିଛନ୍ତି। ଜର୍ଜ ସୋରୋସ୍ ଜଣେ ବିଲେନିୟର ହେବା ସହ ବିଭିନ୍ନ ଦେଶର ସରକାରକୁ ଅସ୍ଥିର କରିବା ପାଇଁ ମଧ୍ୟ ଜଣାଶୁଣା। ଏଥିସହ ସେ ଭାରତ ସରକାରକୁ ଅସ୍ଥିର କରିବା ପାଇଁ କଂଗ୍ରେସ ଏବଂ ବିରୋଧୀଙ୍କ ସହ ଷଡଯନ୍ତ୍ର କରିଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ପ୍ରସଙ୍ଗରେ ଭାରତ ସଂସଦରେ ସରକାର ଏବଂ ବିରୋଧୀଙ୍କ ମଧ୍ୟରେ ଅନେକ ଥର ଜୋରଦାର ବିତର୍କ ଓ ଉତ୍ତେଜନା ଦେଖାଦେଇଛି। କିନ୍ତୁ ବର୍ତ୍ତମାନ ରାଷ୍ଟ୍ରପତି ଜୋ ବିଡେନ ତାଙ୍କ ଦେଶର ସର୍ବୋଚ୍ଚ ପୁରସ୍କାର ଜର୍ଜ ସୋରୋସଙ୍କୁ ଦେଇଛନ୍ତି। ସୋରୋସଙ୍କ ପୁଅ ଆଲେକ୍ସ ସୋରୋସ୍ ତାଙ୍କ ବାପାଙ୍କ ତରଫରୁ ପଦକ ଗ୍ରହଣ କରିଥିଲେ। ତାଙ୍କ ବ୍ୟତୀତ ଆମେରିକାର ପୂର୍ବତନ ବିଦେଶ ମନ୍ତ୍ରୀ ହିଲାରୀ କ୍ଲିନଷ୍ଟନ, ଫୁଟବଲ ସୁପରଷ୍ଟାର୍ ଲିଓନଲ୍ ମେସିଙ୍କ ସମେତ ୧୯ ଜଣ ସେଲେବ୍ରିଟିଙ୍କୁ ହ୍ୱାଇଟ୍ ହାଉସ୍‌ରେ ଏହି ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନୀତ କରାଯାଇଛି। ବାଇଡେନ ତାଙ୍କ ଅଭିଭାଷଣରେ କହିଛନ୍ତି, 'ଆମ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରି ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି। ଯେଉଁମାନେ ଆମେରିକାର ସଂସ୍କୃତି ଏବଂ ଉଦ୍ଦେଶ୍ୟ ଗଠନ ପାଇଁ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି। ଆପଣମାନେ ଯାହା କରିଛନ୍ତି ସେଥିପାଇଁ ମୁଁ ତୁମ ସମସ୍ତଙ୍କୁ ଧନ୍ୟବାଦ ଦେବାକୁ ଚାହେଁ।'

# ଏଚ୍‌ଏମ୍‌ପିଭି ଭାଇରସ୍‌କୁ ନେଇ ସାରା ବିଶ୍ୱ ଛାନିଆ

**ବେଜିଂ,୫ା୧:** ଚୀନରେ ମାଡୁଥିବା ଏଚଏମପିଭିକୁ ନେଇ ଭାରତ ସତର୍କ। ଯଦିଓ ଆମ ଦେଶରେ ଏଯାଏ କୌଣସି କେସ୍ ବାହାରିନି ତଥାପି ସରକାର ସ୍ଥିତି ଉପରେ ନଜର ରଖିଛନ୍ତି। ଗତକାଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଯୁଗ୍ମ ମନିଟରିଂ ଗ୍ରୁପ୍ ବୈଠକ ବସିଥିଲା। ବୈଠକ ପରେ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଚୀନ୍ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଶ୍ୱାସଜନିତ ଯେକୌଣସି ରୋଗର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି। ଭୂତାଣୁ ବାବଦରେ ଅପଡେଟ୍ ଦେବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ-'ହୁ'କୁ ଅନୁରୋଧ କରାଯାଇଥିବା ସୋଶାଲ୍ ମିଡିଆ ଏକ୍ସରେ ସୂଚନା ଦେଇଛି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ। ଏଥିସହ ସ୍ପଷ୍ଟ କରାଯାଇଛି ଯେ, ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ଦେଶର ବିଭିନ୍ନ ସ୍ଥାନରେ ସର୍ଭେଲାନ୍ସ ଜାରି ରହିଛି। ଆଇସିଏମଆର ଓ ଆଇଡିଏସପିର ତଥ୍ୟ ଅନୁସାରେ ଦେଶରେ ଇନଫ୍ଲୁଏଞ୍ଜା ଏବଂ ଫୁସଫୁସ ସଂକ୍ରମଣ ରୋଗୀ ସଂଖ୍ୟାରେ ଅସ୍ୱାଭାବିକ ବୃଦ୍ଧି ଘଟିନାହିଁ। ତେଣୁ ନୂଆ ଭାଇରସ୍ ପାଇଁ ଭୟଭୀତ ନହୋଇ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ୫ ବର୍ଷ ପରେ ଚୀନରେ ଦେଖାଦେଇଥିବା ଏହି ଭାଇରସକୁ ନେଇ ସାରା ବିଶ୍ୱରେ ଛନକା ପଶିଲାଣି। ଏଚଏମପିଭି ସଂକ୍ରମିତ ଚୀନ ବ୍ୟତୀତ ବର୍ତ୍ତମାନ ସୁଦ୍ଧା ଆଉ କେଉଁଠି ଦେଖାଦେଇନି। ୨୦୨୪ ଡିସେମ୍ବର ୧୬ ପରଠୁ ଅଚାନକ ଏହି ସଂକ୍ରମଣ ଚୀନରେ କାୟା ମେଲାଇଛି। ଏହାର ଲକ୍ଷଣ ମଧ୍ୟ ଫ୍ଲୁ ଓ କୋଭିଡ୍ ଭଳି କୁହାଯାଉଛି।

# ଇସ୍କନ ଟଙ୍କା ନେଇ କର୍ମଚାରୀ ଛୁ

**ଲକ୍ଷ୍ନୌ,୫ା୧:** ଇସ୍କନ ମନ୍ଦିରରେ ଦୁର୍ନୀତି। ସାମ୍ନାକୁ ଆସିଛି ରସିଦ ଦାନ ସ୍କାମ ଘଟଣା। ଦାନ ଟଙ୍କା ନେଇ ଛୁ' ମାରିଛନ୍ତି କର୍ମଚାରୀ। ଉତ୍ତରପ୍ରଦେଶ ମଥୁରା ଜିଲ୍ଲାର ବୃନ୍ଦାବନରେ ସ୍ଥିତ ଇସ୍କନ ମନ୍ଦିରରୁ ସାମ୍ନାକୁ ଆସିଛି ଏଭଳି ଚକିତ କଲା ଭଳି ଘଟଣା। ସୂଚନା ମୁତାବକ, ଶ୍ରଦ୍ଧାଳୁଙ୍କୁ ସଦସ୍ୟ ଗ୍ରହଣ କରାଇବା ଏବଂ ଦାନ ନେବା ପାଇଁ ମନ୍ଦିର ପରିଚାଳନା ମୁରଲୀଧର ଦାସଙ୍କୁ ୩୨ ରସିଦ ପୁସ୍ତକ ଦେଇଥିଲା। ଏହି ରସିଦ ବହି ମାଧ୍ୟମରେ ମୁରଲୀଧର ଦାସ ଭକ୍ତଙ୍କଠାରୁ ଦାନ ନେଇଥିଲେ। ଦାନ କରିଥିବା ଟଙ୍କା ସଂଗ୍ରହ କରି ସମୟ ସମୟରେ ମନ୍ଦିର ପ୍ରଶାସନରେ ଜମା କରିବା ମୁରଲିଧର ଦାସଙ୍କ କାମ ଥିଲା। ତେବେ ମନ୍ଦିରର ସଦସ୍ୟତା ବିଭାଗରେ ପୋଷ୍ଟ ହୋଇଥିବା ମୁରଲୀଧର ଦାସ, ଭକ୍ତଙ୍କ ଦ୍ୱାରା ଦିଆଯାଇଥିବା ଦାନକୁ ଅପବ୍ୟବହାର କରି ରସିଦ ପୁସ୍ତକ ସହିତ ଫେରାର ଥିବା ଅଭିଯୋଗ ହୋଇଛି। ସିଟି ଅରବିନ୍ଦ ସିଂହ କହିଛନ୍ତି ଯେ ଏଠାରେ ଏକ ସଦସ୍ୟତା ବିଭାଗ ଅଛି, ଯେଉଁଥିରେ ଲୋକମାନେ ସଦସ୍ୟତା ଗ୍ରହଣ କରିବା ପରେ ଦାନ କରନ୍ତି। ସେହି ବିଭାଗରେ କାର୍ଯ୍ୟ କରୁଥିବା ମୁରଲୀଧର ଦାସ ସେହି ଦାନ ଟଙ୍କାର ହିସାବ ଦେଇନାହାନ୍ତି। କେବଳ ସେତିକି ନୁହେଁ ସେ ଉକ୍ତ ରସିଦଗୁଡିକୁ ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଇସ୍କନ ମନ୍ଦିରର ମୁଖ୍ୟ କର୍ମଚାରୀ ବିଶ୍ୱନାଥ ଦାସଙ୍କ ଅଭିଯୋଗ ଆଧାରରେ ଥାନା ବୃନ୍ଦାବନରେ ମାମଲା ରୁଜୁ ହୋଇଛି। ମାମଲାର ତଦନ୍ତ ସହ ଆଇନଗତ ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅଭିଯୁକ୍ତ ଖୋଜା ଚାଲିଥିବା ପୁଲିସ କହିଛି। ଅଭିଯୁକ୍ତ ଜଣଙ୍କର ଲୋକେସନ୍ ଟ୍ରେନ୍ କରାଯାଉଛି ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ଉପରେ ମଧ୍ୟ ନଜର ରଖାଯାଉଛି। ଏହା ବ୍ୟତୀତ ପୁଲିସ ଅନ୍ୟ ଲୋକଙ୍କୁ ମଧ୍ୟ ପଚରାଉଚରା କରୁଛି। ସେପଟେ ଏହି ଘଟଣା ସାମ୍ନାକୁ ଆସିବା ପରେ ମନ୍ଦିରର ଅନ୍ୟ କର୍ମଚାରୀ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଛି।

# ଧୂଆଁ ମୟ ଦିଲ୍ଲୀ: ଟ୍ରେନ୍ ଓ ବିମାନ ଚଳାଚଳ ପ୍ରଭାବିତ



**ନୂଆଦିଲ୍ଲୀ,୫ା୧:** ଯୁଆଡେ ଦେଖିବ ସିଆଡେ କେବଳ ଧୂଆଁ ଆଉ ଧୂଆଁ। ଚାରିଆଡେ ଢ଼ାଙ୍କି ହୋଇ କୁହୁଡ଼ିର ମୋଟା ଚାଦର। କେବଳ ସେତିକି ହାଡ଼ ଥରାଇଲା ଭଳି ଶୀତ ସାଙ୍ଗକୁ କୋହଲା ପବନ ବହୁଛି। ଫଳରେ ଲୋକେ ଘରୁ ବାହାରିବା ମୁସ୍କିଲ ହୋଇପଡିଛି। ରାଜଧାନୀ ଦିଲ୍ଲୀରେ ଲଗାତର ତୃତୀୟ ଦିନ ପାଇଁ ଘନ କୁହୁଡି ଦେଖିବାକୁ ମିଳିଛି। କୁହୁଡି ଯୋଗୁ ଟ୍ରେନ୍ ଓ ବିମାନ ଗତିରେ ବ୍ରେକ୍ ଲାଗି ଯାଇଛି। କମ୍ ଦୃଶ୍ୟମାନ ଯୋଗୁ ରାଜଧାନୀ ଦିଲ୍ଲୀରେ ଟ୍ରେନ୍ ଓ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଆଜି ବି ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅନେକ ବିମାନ ବିଳମ୍ବରେ ଚାଲୁଛି। ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ ଫ୍ଲାଇଟ୍ ରାଡାର ଅନୁଯାୟୀ, ଘନ କୁହୁଡ଼ି କାରଣରୁ ଆଜି ସକାଳ ୮ ଟାରେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ (ଆଇଜିଏ) ବିମାନବନ୍ଦରରେ ୬ ଟି ବିମାନ ବାତିଲ କରାଯାଇଛି। ୧୧୪ ଟି ବିମାନରେ ହାରାହାରି ୧୮ମିନିଟରେ ବିଳମ୍ବ ହୋଇଛି। ଶନିବାର ଦିନ ଆଇଜି ବିମାନ ବନ୍ଦରରେ ପ୍ରାୟ ୪୮ ବିମାନ ଉଡାଣ ବାତିଲ କରିବାକୁ ପଡିଥିଲା। ସମଗ୍ର ଉତ୍ତର ଭାରତରେ ପ୍ରବଳ ଶୀତ ଜାରି ରହିଛି। ପାଣିପାଗ ବିଭାଗର ସୂଚନା ମୁତାବକ, ଜମ୍ମୁ କଶ୍ମୀରରେ ପ୍ରବଳ ତୁଷାର ପାତ ଯୋଗୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ସେହିପରି ଲଦାଖ ଓ ହିମାଚଳ ପ୍ରଦେଶରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଓ ତୁଷାରପାତ ହେବା ନେଇ ଆଇଏମ୍‌ଡି ପୂର୍ବାନୁମାନ କରିଛି।

ପାଣିପାଗ ବିଭାଗ ଅନୁଯାୟୀ, ରବିବାର ସକାଳ ସାଢ଼େ ୫ଟା ସମୟରେ ଦିଲ୍ଲୀରେ ୧୦ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ଶନିବାର ମଧ୍ୟ ତାପମାତ୍ରା ୧୦.୨ ଡିଗ୍ରୀ ସେଲସିୟସ ଥିଲା। କୁହୁଡ଼ି ହେତୁ ଅନେକ ଟ୍ରେନ୍ ନୂଆଦିଲ୍ଲୀ ରେଳ ଷ୍ଟେସନରେ ବିଳମ୍ବରେ ଚାଲୁଛି। ଦିଲ୍ଲୀର ବାୟୁ ଗୁଣବତ୍ତା ମଧ୍ୟ ଅତ୍ୟନ୍ତ ଖରାପ ଶ୍ରେଣୀରେ ରହିଛି। ଆଜି ସକାଳ ୬ଟାରେ ଏକ୍ୟୁଆଇ ୩୭୭ ରେକର୍ଡ କରାଯାଇଥିଲା। ଗତକାଲି ଏହି ସମୟରେ ଏହା ୩୮୫ ଥିଲା।

# କୁମ୍ଭମେଳାକୁ ଧମକ୍ ବନ୍ଧା ହେଲେ ଯୁବକ



**ଲକ୍ଷ୍ନୌ,୫ା୧:** ଆଉ ଦିନ କେଇଟା ପରେ ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆରମ୍ଭ ହେବ କୁମ୍ଭମେଳା। ତେବେ ଏବେ ଠାରୁ ହିଁ ଏଠାରେ ଶ୍ରଦ୍ଧାଳୁ ଓ ବିଭିନ୍ନ କୋଣ ଅନୁକୋଣରୁ ବାବାମାନେ ଆସି ଡେରା ପକାଇ ସାରିଲେଣି। କୁମ୍ଭମେଳାକୁ ନେଇ ପ୍ରୟାଗରାଜରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ଏହାରି ଭିତରେ ନିକଟରେ କୁମ୍ଭମେଳାକୁ ବୋମାରେ ଉଡ଼ାଇ ଦେବାକୁ ଜଣେ ଯୁବକ ଧମକ ଦେଇଥିଲେ। ଏହକୁ ନେଇ ଆତଙ୍କ ଖେଳି ଯାଇଥିଲା। ଏବେ ଉକ୍ତ ଧମକ ଦେଇଥିବା ଯୁବକଙ୍କୁ ପୁଲିସ ବିହାରରୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ ବିହାର ପୂର୍ଣ୍ଣିଆର ଆୟୁଷ କୁମାର ଜୟସୱାଲ। ଡିସେମ୍ବର ୩୧ ତାରିଖରେ ଆୟୁଷ ନାସିର ପଠାନ୍ ନାଁରେ ସୋଶାଲ ମିଡିଆରେ କୁମ୍ଭମେଳାକୁ ବୋମାରେ ଉଡାଇ ଦେବାକୁ ଧମକ ଦେଇଥିଲେ। ଏହାପର ଠାରୁ ୟୁପି ପୁଲିସ ଧମକ ଦେଇଥିବା ବ୍ୟକ୍ତିକୁ ଗିରଫ କରିବା ପାଇଁ ଚେଷ୍ଟା ଚଳାଇଥିଲା। ତେବେ ଶନିବାର ୟୁପି ପୁଲିସ ଭବାନୀପୁର ପୁଲିସର ସହାୟତାରେ ସହିଦଗଞ୍ଜ ପଞ୍ଚାୟତର ୱାର୍ଡ-୪ରେ ଚଢ଼ାଉ କରି ଆୟୁଷ କୁମାରଙ୍କୁ ଗିରଫ କରିଥିଲା। ଭବାନୀପୁର ଥାନା ଅଧ୍ୟକ୍ଷଙ୍କ କହିବା ମୁତାବକ ଆୟୁଷ କୁମାର ସହିଦଗଞ୍ଜ ପଞ୍ଚାୟତର ବାସିନ୍ଦା। ସେ ବେଶ୍ ସାତିର୍। ସେ ଧମକ ଦେବା ପରେ ନେପାଳ ଚାଲି ଯାଇଥିଲା। ତେବେ କିଛି ଦିନ ତଳେ ହିଁ ସେ ନିଜ ଘରକୁ ଫେରିଥିଲା। ଏହି ସୂଚନା ମିଳିବା ପରେ ୟୁପି ପୁଲିସ୍ ଚଢ଼ାଉ କରି ତାକୁ ଗିରଫ କରିଛି। ଆୟୁଷ ବିରୋଧରେ ପୁଲିସ ଭିନ୍ନ ଭିନ୍ନ ମାମଲା ରୁଜୁ କରି ତଦନ୍ତ ଜାରି ରହିଖିଛି। ତାଙ୍କର କେତୋଟି ସୋଶାଲ ମିଡିଆ ଆକାଉଣ୍ଟ ରହିଛି। ସେ ନା ଆଉ କିଏ ଏହାକୁ ଚଳାଉଥିଲେ ତାହା ନେଇ ମଧ୍ୟ ତଦନ୍ତ ଜାରି ରଖିଛି। ଆୟୁଷ ସହ ନେପାଳ ଆଉ କିଏ ଯାଇଥିଲା।

# କୋଷ୍ଟଗାର୍ଡ ହେଲିକପ୍ଟର କ୍ରାଶ୍, ୩ ମୃତ



**ଗାନ୍ଧିନଗର,୫ା୧:** ଗୁଜରାଟରେ ହେଲିକପ୍ଟର କ୍ରାସ୍। ପୋରବନ୍ଦରରେ କୋଷ୍ଟଗାର୍ଡର ଏୟାର ଏନକ୍ଲେଭରେ ଏକ ହେଲିକପ୍ଟର ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ହେଲିକପ୍ଟରରେ ଥିବା ୩ ଜଣଙ୍କର ମୃତ୍ୟୁ ଘଟିଛି। କ୍ରାସ୍ ସମୟରେ ହେଲିକପ୍ଟରରୁ ଡେଇଁଥିବା ଜଣେ ବ୍ୟକ୍ତିଙ୍କର ଏଥିରେ ମୃତ୍ୟୁ ହୋଇଥିବା ବେଳେ ଆହତ ୨ ଜଣଙ୍କୁ ହସ୍ପିଟାଲ ନିଆଯାଉଥିବା ବାଟରେ ସେମାନେ ଆଖି ବୁଜିଥିଲେ। ଅଧିକାରୀଙ୍କ ମୁତାବକ, କୋଷ୍ଟଗାର୍ଡର ଆଡଭାନ୍ସ ଲାଇଟ୍ ହେଲିକପ୍ଟର କ୍ରାସ୍ ହୋଇଛି। କୋଷ୍ଟଗାର୍ଡ ତରଫରୁ ଏ ନେଇ କୌଣସି ବିଧିବଦ୍ଧ ବୟାନ ଆସିନାହିଁ। ସ୍ଥାନୀୟ ପୋଲିସ ଏହି ଦୁର୍ଘଟଣା ସମ୍ପର୍କରେ ସୂଚନା ଦେଇଛି। ଜଣେ ଅଧିକାରୀ କହିଛନ୍ତି, ଇଣ୍ଡିଆନ୍ କୋଷ୍ଟଗାର୍ଡର ଏକ ଆଡଭାନ୍ସ ଲାଇଟ୍ ହେଲିକପ୍ଟର (ଏଏଲ୍‌ଏଚ) ଧ୍ରୁବ ରବିବାର ନିୟମିତ ପ୍ରଶିକ୍ଷଣ ଉଡ଼ାଣ ଭରିଥିଲା। ଏହି ସମୟରେ ସେଥିରେ କିଛି ଟେକ୍ନିକାଲ୍ ତ୍ରୁଟି ଦେଖାଦେଇଥିଲା। ଗୁଜରାଟର ପୋରବନ୍ଦର କୋଷ୍ଟଗାର୍ଡ ଏୟାରପୋର୍ଟରେ ଲ୍ୟାଣ୍ଡିଂ ବେଳେ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏବଂ ଏଥିରେ ଥିବା ସମସ୍ତ ୩ ଜଣଙ୍କର ମୃତ୍ୟୁ ଘଟିଥିଲା। କୋଷ୍ଟଗାର୍ଡ ଟିମ୍ ଏହି ଘଟଣାର ଯାଞ୍ଚ କରୁଛି। ଦୁଇ ମାସ ପୂର୍ବରୁ ମଧ୍ୟ ତଟରକ୍ଷୀ ବାହିନୀର ଏକ ହେଲିକପ୍ଟର ସମୁଦ୍ରରେ କ୍ରାସ୍ ହୋଇଥିଲା। ନିକଟରେ ଦକ୍ଷିଣ କାଲିଫର୍ଣ୍ଣିଆରେ ଏକ ବିମାନ ଦୁର୍ଘଟଣା ଘଟିଥିଲା। ଜାନୁୟାରୀ ୨ରେ ଏକ ଛୋଟିଆ ବିମାନ ଫର୍ଣ୍ଣିଚର ଗୋଦାମର ଛାତ ଉପରେ କ୍ରାସ୍ ହୋଇଥିଲା। ଏହି ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୫ ଜଣ ଆହତ ହୋଇଥିଲେ।

# ଆମେରିକାରେ ମାଡ଼ି ଆସୁଛି ବରଫ ଝଡ଼



**ୱାଶିଂଟନ,୫ା୧:** ବର୍ତ୍ତମାନ ଆମେରିକାର ଲୋକମାନେ ପ୍ରବଳ ଶୀତରେ ଥରୁଛନ୍ତି। ପୂରା ଆମେରିକାରେ ଥଣ୍ଡାର ପ୍ରକୋପ ଦେଖିବାକୁ ମିଳୁଛି। ଏହାରି ଭିତରେ ପାଣିପାଗ ବିଭାଗ ଆମେରିକାବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ବରଫଝଡ଼ ମାଡ଼ିଆସୁଛି, ଯାହା ଦ୍ୱାରା ଆମେରିକାର ୧,୩୦୦ ମାଇଲ ଅଞ୍ଚଳରେ ପ୍ରବଳ ହିମପାତ, ବିପଜ୍ଜନକ ବରଫବର୍ଷା, ବର୍ଷା ଏବଂ ପ୍ରବଳ ଝଡ଼ ଆସିବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ଆଲର୍ଟ ଜାରି କରିଛି। ଏହି ବରଫଝଡ଼ କାରଣରୁ ସମଗ୍ର ଆମେରିକାର ପାଖାପାଖି ୬ କୋଟି ଲୋକ ପ୍ରଭାବିତ ହେବେ। ଦେଶର ଉତ୍ତର-ପଶ୍ଚିମରେ ଥିବା ରକି ପର୍ବତସ୍ଥିତ ମୋଣ୍ଟାନାରୁ ନେଇ ମେରିଲାଣ୍ଡ, ଡେଲାୱେର୍ ଏବଂ ଭର୍ଜିନିଆ ଉପକୂଳବର୍ତ୍ତୀ ରାଜ୍ୟ ପର୍ଯ୍ୟନ୍ତ ଶୀତକାଳୀନ ଝଡ଼ର ଆଲର୍ଟ ଜାରି କରାଯାଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଏହି ଝଡ଼ ଯୋଗୁ ରାସ୍ତାରେ ପ୍ରବଳ ମାତ୍ରାରେ ବରଫ ଜମା ହୋଇପାରେ, ଏହା ବ୍ୟତୀତ ବର୍ଷା ଯୋଗୁ ଅନେକ ଅଞ୍ଚଳରେ ବିଜୁଳି ମଧ୍ୟ ଠପ୍ ହୋଇପାରେ। ପାଣିପାଗ ବିଭାଗ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି। ବରଫ ଝଡ଼ ଯୋଗୁ ଜନଜୀବନ ବହୁତ ଅସ୍ତବ୍ୟସ୍ତ ରହିବ। ଏହା ସହିତ ଲୋକମାନଙ୍କୁ ପ୍ରବଳ ଥଣ୍ଡାର ମଧ୍ୟ ସାମ୍ନା କରିବାକୁ ପଡ଼ିବ। ପାଣିପାଗ ବିଭାଗ ଅନୁମାନ କରିଛି ଯେ ଝଡ଼ ଯୋଗୁ ଅନେକ ଅଞ୍ଚଳରେ ତାପମାତ୍ରା ୧୮ ଡିଗ୍ରୀ ପର୍ଯ୍ୟନ୍ତ ଯାଇପାରେ।

# ପ୍ରିୟଙ୍କାଙ୍କୁ ଅଶ୍ଳୀଳ ଟିପ୍ପଣୀ: କ୍ଷମା ମାଗିଲେ ବିଜେପି ନେତା



**ନୂଆଦିଲ୍ଲୀ,୫ା୧:** ପ୍ରିୟଙ୍କା ଗାନ୍ଧୀଙ୍କୁ ନେଇ ବିଜେପି ନେତା ରମେଶ ବିଧୁରୀଙ୍କ ଅଶୋଭନୀୟ ବୟାନକୁ ନେଇ ପ୍ରବଳ ସମାଲୋଚନା ହେବା ପରେ ସେ ଅନୁତାପ କରି କ୍ଷମା ମାଗିଛନ୍ତି। ତାଙ୍କ ମନ୍ତବ୍ୟରେ ଭୁଲ ଧାରଣ ସୃଷ୍ଟି କରି ରାଜନୀତି ହେଉଛି ବୋଲି ସେ କହିଛନ୍ତି। ରମେଶ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି " କୌଣସି ଏକ ପ୍ରସଙ୍ଗରେ, ମୋ ଦ୍ୱାରା ଦିଆଯାଇଥିବା ବିବୃତ୍ତିକୁ ନେଇ କିଛି ଲୋକ ଭୁଲ ଧାରଣାରେ ନିଜର ରାଜନୈତିକ ଲାଭ ପାଇଁ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ମୁଁ କାହାକୁ ଅପମାନିତ କରିବାକୁ ଚାହୁଁ ନଥିଲି, କିନ୍ତୁ ଯଦି କେହି ଆଘାତ ପାଇଛନ୍ତି ତେବେ ମୁଁ କ୍ଷମା ମାଗୁଛି।" ରମେଶ ବିଧୁରୀଙ୍କ ହଠାତ ଏଭଳି ଅନୁତାପ ଆଶ୍ଚର୍ଯ୍ୟକର ମନେ ହେଉଛି। ହୁଏତ ଆଗକୁ ନେଉଛି ନିର୍ବାଚନ ଥିବାରୁ ନିଜର ଛବି ସ୍ୱଚ୍ଛ ରଖିବାକୁ ଏହି କ୍ଷମାପ୍ରାର୍ଥନା ବୋଲି କୁହାଯାଉଛି। ଏହାର କିଛି ସମୟ ପୂର୍ବରୁ ବିଧୁରୀ ହେମା ମାଳିନୀଙ୍କ କଥା କହି ନିଜକୁ କଥାକୁ ଠିକ୍ ସାବ୍ୟସ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ଏବେ ହଠାତ୍ ସେ କ୍ଷମା ପ୍ରାର୍ଥନା କରିଛନ୍ତି।

ରବିବାର ଦିଲ୍ଲୀରେ ଏକ ଜନସଭାକୁ ସମ୍ବୋଧନ କରି ବିଜେପି କାଲକାଜୀ ପ୍ରାର୍ଥୀ ରମେଶ ବିଧୁରୀ କହିଥିଲେ " ସମସ୍ତେ ଜାଣନ୍ତି ଯେ ଦିନେ ଲାଲୁ ଯାଦବ କହିଥିଲେ ଯେ ସେ ହେମାମାଳିନୀଙ୍କ ପରି ରାସ୍ତା ଚିକ୍କଣ କରିବେ। ହେଲେ ସେ ତାଙ୍କ ପ୍ରତିଶ୍ରୁତି ପୂରା କରିପାରିଲେ ନାହିଁ। ମୁଁ କିନ୍ତୁ ଆପଣଙ୍କୁ କଥା ଦେଉଛି ଯେ ଯେମିତି ଆମେ ଓଖଲା ଓ ସଂଗମ ବିହାରର ରାସ୍ତା ବଦଳେଇ ଦେଲୁ ସେମିତି ଆମେ ସୁନିଶ୍ଚିତ କରୁଛି ଯେ କାଲ୍‌କାଜୀର ପ୍ରତ୍ୟେକ ରାସ୍ତା ପ୍ରିୟଙ୍କା ଗାନ୍ଧୀଙ୍କ ଗାଲ ପରି ଚିକ୍କଣ କରିଦେବୁ।" ଏହି ବୟାନ ପରେ କଂଗ୍ରେସ ଓ ଆପ୍ ନେତା ଉଭୟ ବିଜେପି ଓ ରମେଶ ବିଧୁରୀଙ୍କୁ ସମାଲୋଚନା କରିଥିଲେ। ରମେଶ ବିଧୁରୀଙ୍କ ଏହି ମନ୍ତବ୍ୟକୁ କଂଗ୍ରେସ ନେତାମାନେ କଡ଼ା ସମାଲୋଚନା କରିଛନ୍ତି। ବିଜେପିର ମହିଳା ବିରୋଧୀ ମାନସିକତା ରହିଛି ବୋଲି କଂଗ୍ରେସ ନେତାମାନେ କହିଛନ୍ତି। କଂଗ୍ରେସ ପ୍ରବକ୍ତା ସୁପ୍ରିୟା ଶ୍ରୀନେତ ସମାଲୋଚନା କରି କହିଛନ୍ତି ଏହା ଅତ୍ୟନ୍ତ ଲଜ୍ଜାଜନକ ଓ ମହିଳାଙ୍କ ପ୍ରତି ଥିବା ଘୃଣ୍ଣା ମାନସିକତାକୁ ଦର୍ଶାଉଛି। ସେ କହିଛନ୍ତି "ବିଜେପି ଅତ୍ୟନ୍ତ ମହିଳା ବିରୋଧୀ। ପ୍ରିୟଙ୍କା ଗାନ୍ଧୀଙ୍କ ବିଷୟରେ ରମେଶ ବିଧୁରୀଙ୍କ ବିବୃତ୍ତି କେବଳ ଲଜ୍ଜାଜନକ ନୁହେଁ ବରଂ ତାଙ୍କର ଘୃଣ୍ୟ ମାନସିକତାକୁ ମଧ୍ୟ ଦର୍ଶାଉଛି। ସଂସଦରେ ତାଙ୍କ ସାଂସଦଙ୍କୁ ଦୁର୍ବ୍ୟବହାର କରିଥିବା ବ୍ୟକ୍ତିଙ୍କଠାରୁ ଆଉ କ'ଣ ଆଶା କରାଯାଇପାରେ?" ବିଜେପିର ବରିଷ୍ଠ ନେତାମାନେ ହାତ ଯୋଡ଼ି ପ୍ରିୟଙ୍କା ଗାନ୍ଧୀଙ୍କୁ କ୍ଷମା ମାଗିବା ଦରକାର ଶ୍ରୀନେତ କହିଛନ୍ତି।

ସେହିପରି କଂଗ୍ରେସ ନେତା ପବନ ଖେଡ଼ା ମନ୍ତବ୍ୟକୁ ସମାଲୋଚନା କରିବା ସହିତ ଆରଏସଏସର ଆଦର୍ଶ ସ୍ପଷ୍ଟ ବାରି ହୋଇପଡ଼ିଥିଲେ ବୋଲି କହିଛନ୍ତି। ସେ କହିଛନ୍ତି ଏହି ସଭ୍ୟତା କେବଳ ଏହି ମନ୍ଦ ବ୍ୟକ୍ତିଙ୍କ ମାନସିକତା ଦେଖାଏ ନାହିଁ, ଏହା ତାଙ୍କ ମାଲିକମାନଙ୍କ ବାସ୍ତବତାକୁ ଦର୍ଶାଏ। ଉପରୁ ତଳ ପର୍ଯ୍ୟନ୍ତ, ଆପଣ ବିଜେପିର ଏହି ଛୋଟ ନେତାମାନଙ୍କ ଠାରେ ରାଷ୍ଟ୍ରିୟ ସ୍ୱୟମ ସେବକ ସଂଗଠନର ମୂଲ୍ୟ ଦେଖିବେ ବୋଲି ପୱନ ଖେଡ଼ା କହିଛନ୍ତି। ଚାରିଆଡୁ ସମାଲୋଚିତ ହେବା ପରେ ନିଜ ମନ୍ତବ୍ୟ ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି ରେମେଶ ବିଧୁରୀ। କଂଗ୍ରେସର ଅତୀତରେ କରିଥିବା କାମ ପରେ ଦଳ ମୋତେ ସମାଲୋଚନା କରିବାର କୌଣସି ଅଧିକାରା ନାହିଁ ବୋଲି ସେ କହିଛନ୍ତି। ଜାତୀୟ ଗଣମାଧ୍ୟମ ଇଣ୍ଡିଆଟୁଡେକୁ ପ୍ରତିକ୍ରିୟା ଦେଇ ବିଧୁରୀ କହିଛନ୍ତି " ଯଦି ମୋର ମନ୍ତବ୍ୟ କଂଗ୍ରେସକୁ ବାଧିଛି ତେବେ ସେମାନେ ହେମା ମାଳିନିଙ୍କୁ କାହିଁକି କ୍ଷମା ମାଗିଲେ ନାହିଁ? ସେ ଜଣେ ପ୍ରସିଦ୍ଧ କଳାକାର ଯିଏ ଭାରତ ପାଇଁ ଗୌରବ ଆଣିଛନ୍ତି। ହେମା ମାଳିନି ଜଣେ ମହିଳା ନୁହଁନ୍ତି କି? ସଫଳତାରେ ସେ ପ୍ରିୟଙ୍କା ଗାନ୍ଧୀଙ୍କଠାରୁ ବହୁ ଉର୍ଦ୍ଧ୍ୱରେ।" ରମେଶ ବିଧୁରୀଙ୍କ ମନ୍ତବ୍ୟ ପାଇଁ ଆପ୍ ସାଂସଦ ସଞ୍ଜୟ ସିଂହ ମଧ୍ୟ ସମାଲୋଚନା କରିଛନ୍ତି। ଅତ ଶସ୍ତା ଓ ଲଜ୍ଜାଜନକ ବୋଲି ସେ କହିଛନ୍ତି। ସଂସଦରେ ଅଶାଳୀନ ଭାଷା ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ତଥା ଖୋଲାଖୋଲି ଭାବରେ ଟଙ୍କା ବାଣ୍ଟୁଥିବା ବ୍ୟକ୍ତିଙ୍କୁ ବିଜେପି ଟିକେଟ ଦେଇଛି। କଂଗ୍ରେସର ଜଣେ ବରିଷ୍ଠ ନେତାଙ୍କ ଉପରେ ଏପରି ଶସ୍ତା ଏବଂ ଲଜ୍ଜାଜନକ ମନ୍ତବ୍ୟ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଦିଲ୍ଲୀର ମହିଳାମାନେ ନିଶ୍ଚିତ ଭାବରେ ବୁଝି ସାରିଛନ୍ତି ଯେ ବିଜେପିର ଶାସନରେ ସେମାନେ କିପରି ସୁରକ୍ଷା ପାଇବେ।

SANCHAR ସଂଚାର

# ଭାରତ ହାତରୁ ଚାଲିଗଲା ବର୍ଡର-ଗାଭାସ୍କର ଟ୍ରଫି



**ସିଡନୀ, ୫।୧:** ଶେଷ ହୋଇଛି ୨୦୨୪-୨୫ ବର୍ଡର-ଗାଭାସ୍କର ଟ୍ରଫି। ୫ଟି ମ୍ୟାଚ୍ ବିଶିଷ୍ଟ ଏହି ଟେଷ୍ଟ ସିରିଜରେ ୩-୧ରେ ହାରିଯାଇଛି ଭାରତ। ଏହା ସହିତ ବର୍ଡର-ଗାଭାସ୍କର ଟ୍ରଫିକୁ ଗତ ୭ ବର୍ଷ ଧରି ନିଜ ପାଖରେ ରଖିଥିବା ଭାରତକୁ ଲାଗିଛି ବଡ଼ ଝଟକା। ଅଷ୍ଟ୍ରେଲିଆ ହାତକୁ ଚାଲି ଯାଇଛି ଏହି ଟ୍ରଫି। ୨୦୧୪-୧୫ରେ ଅଷ୍ଟ୍ରେଲିଆ ବର୍ଡର-ଗାଭାସ୍କର ଟ୍ରଫି ଜିତିଥିଲା। ୨୦୧୬-୧୭, ୨୦୧୮-୧୯, ୨୦୨୦-୨୧, ୨୦୨୨-୨୩ ବର୍ଡର-ଗାଭାସ୍କର ଟ୍ରଫି ଜିତିଥିଲା ଭାରତ। ସେଥିରୁ ୨୦୧୮-୧୯ ଓ ୨୦୨୦-୨୧ ବର୍ଡର-ଗାଭାସ୍କର ଟ୍ରଫି ଅଷ୍ଟ୍ରେଲିଆରେ ଖେଳା ଯାଇଥିଲା।

୨୦୨୪-୨୫ ବର୍ଡର-ଗାଭାସ୍କର ଟ୍ରଫିର ଶେଷ ମ୍ୟାଚ୍ ସିଡ୍‌ନୀରେ ଖେଳା ଯାଇଥିବା ବେଳେ ଏହା ମାତ୍ର ୩ ଦିନରେ ଆଜି ଶେଷ ହୋଇଯାଇଛି। ଏଥିରେ ଭାରତକୁ ୬ ୱିକେଟରେ ପରାସ୍ତ କରିଛି ଅଷ୍ଟ୍ରେଲିଆ। ଏହି ଟେଷ୍ଟରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ପ୍ରଥମ ଇନିଂସରେ ମାତ୍ର ୧୮୫ ରନ୍ କରିଥିଲା। କିନ୍ତୁ ଯଶପ୍ରୀତ ବୁମ୍ରାଙ୍କ ନେତୃତ୍ୱାଧୀନ ବୋଲିଂ ବାହିନୀ ଅଷ୍ଟ୍ରେଲିଆକୁ ତା'ର ପ୍ରଥମ ଇନିଂସରେ ୧୮୧ ରନ୍‌ରେ ଅଲ୍‌ଆଉଟ୍ କରିବା ପରେ ନିଜ ପାଇଁ ବିଜୟୀ ଆଶାକୁ ଉଦ୍‌ଜୀବିତ କରିଥିଲା। ହେଲେ ଗତକାଲି ଦ୍ୱିତୀୟ ଦିନର ଖେଳ ଶେଷ ବେଳକୁ ମ୍ୟାଚ୍ ଏକ ରୋମାଞ୍ଚକର ସ୍ଥିତିକୁ ଚାଲିଯାଇଥିଲା। କାରଣ ଭାରତ ତା'ର ଦ୍ୱିତୀୟ ଇନିଂସରେ ମାତ୍ର ୧୪୧ ରନ୍ କରି ୬ଟି ୱିକେଟ୍ ହରାଇ ଦେଇଥିଲା। ଦଳର ସମସ୍ତ ପ୍ରମୁଖ ବ୍ୟାଟର ଆଉଟ୍ ହୋଇଯାଇଥିଲେ। ୧୪୧/୬ରୁ ଆଜି ଭାରତ ଖେଳ ଆରମ୍ଭ କରିଥିବା ବେଳେ ମାତ୍ର ୧୬ ରନ୍‌ରେ ବାକି ସମସ୍ତ ୱିକେଟ୍ ହରାଇଥିଲା। ରବୀନ୍ଦ୍ର ଜାଡେଜା ୧୩, ୱାଶିଂଟନ ସୁନ୍ଦର ୧୨ ଓ ମହମ୍ମଦ ସିରାଜ ୪ ରନ୍ କରି ଆଉଟ୍ ହୋଇଥିଲେ। ଅଧିନାୟକ ଯଶପ୍ରୀତ ବୁମ୍ରା ଖାତା ଖୋଲି ପାରି ନଥିଲେ। ପୂରା ଟିମ୍ ୧୫୭ ରନ୍‌ରେ ପ୍ୟାଭିଲିୟନକୁ ଫେରି ଯାଇଥିଲା। ଫଳରେ ଅଷ୍ଟ୍ରେଲିଆ ଆଗରେ ମାତ୍ର ୧୬୨ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା।

ଅଷ୍ଟ୍ରେଲିଆକୁ ପ୍ରଥମ ଇନିଂସରେ ପାଣି ପିଆଇ ଦେଇଥିବା ଭାରତୀୟ ବୋଲର ଦ୍ୱିତୀୟ ଇନିଂସରେ ଯଶପ୍ରୀତ ବୁମ୍ରାଙ୍କ ଅନୁପସ୍ଥିତିରେ ଘରୋଇ ଟିମ୍‌ର ବାଟ ଓଗାଳିବାରେ ବିଫଳ ହୋଇଥିଲେ। ଅଷ୍ଟ୍ରେଲିଆର ପ୍ରଥମ ଇନିଂସରେ ୩ଟି ୱିକେଟ ନେଇଥିବା ମହମ୍ମଦ ସିରାଜ ଆଜି ଲୟରେ ନଥିବା ଭଳି ଲାଗୁଥିଲେ। କାରଣ ନିଜର ପ୍ରଥମ ଓଭରରେ ସେ ୫ଟି ୱାଇଡ୍ ବଲ୍ ପକାଇଥିଲେ। ବିଜୟ ଲକ୍ଷ୍ୟ ୧୬୨ ଥିବା ବେଳେ ମାତ୍ର ୬ ଓଭରରେ ୫୦ ରନ୍ ସଂଗ୍ରହ କରି ନେଇଥିଲା ଅଷ୍ଟ୍ରେଲିଆ। ସେତେବେଳକୁ ମାତ୍ର ଗୋଟିଏ ୱିକେଟ୍ ଯାଇଥିଲା। ଅଷ୍ଟ୍ରେଲିଆ ୨୭ ଓଭରରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିବା ବେଳେ କେବଳ ମଝିରେ ୩ ଓଭରର ଚାପରେ ରହିଥିଲା। ସେହି ୩ ଓଭର ପ୍ରସିଦ୍ଧ କୃଷ୍ଣ ପକାଇଥିଲେ ଓ ମାର୍ନସ ଲାବୁଶେନ ଏବଂ ଷ୍ଟିଭ୍ ସ୍ମିଥ୍‌ଙ୍କ ୱିକେଟ୍ ନେଇଥିଲେ। ଲାବୁଶେନ ୬ ଓ ସ୍ମିଥ୍ ୪ ରନ୍ କରି ଆଉଟ୍ ହୋଇଥିଲେ। ତେବେ ଟ୍ରାଭିସ ହେଡ୍ ଓ ଉସମାନ ଖ୍ୱାଜା ଇନିଂସକୁ ସମ୍ଭାଳି ନେଇଥିଲେ। ଲଞ୍ଚ ପରେ ଅଷ୍ଟ୍ରେଲିଆ ତା'ର ଆଭିମୁଖ୍ୟ ସ୍ପଷ୍ଟ କରି ଦେଇଥିଲା। ହେଡ୍ ଓ ଖ୍ୱାଜା ଭାରତୀୟ ପେସରଙ୍କୁ କିଛି ବାଉଣ୍ଡ୍ରୀ ମାରି ବିଜୟ ଆଶାକୁ ଛଡ଼ାଇ ନେଇଥିଲେ। ୧୮.୧ ଓଭରରେ ଅଷ୍ଟ୍ରେଲିଆର ସ୍କୋର ୧୦୪ରେ ପହଞ୍ଚିଥିବା ବେଳେ ଆଉଟ ହୋଇଥିଲେ ଉସମାନ ଖ୍ୱାଜା। ସେ ୪୫ଟି ବଲ୍‌ରୁ ୪୧ (୪ ଚୌକା) ରନ୍ କରିଥିଲେ। ସେ ଆଉଟ୍ ହେବା ପରେ ଟିକେ ଆଶା ସଞ୍ଚାର ହୋଇଥିଲା ଟିମ୍ ଇଣ୍ଡିଆ ପାଇଁ। କିନ୍ତୁ ଖ୍ୱାଜାଙ୍କ ୱିକେଟ୍ ଅଷ୍ଟ୍ରେଲିଆକୁ ପ୍ରଭାବିତ କରି ନଥିଲା। କାରଣ ଟ୍ରାଭିସ ହେଡ୍‌ଙ୍କ ସହିତ ମିଶି ସ୍କୋରକୁ ଆଗେଇ ନେଇଥିଲେ ବିଉ ୱେବଷ୍ଟର। ଉଭୟ ଅପରାଜିତ ରହି ମ୍ୟାଚ୍ ଜିତାଇ ଦେଇଥିଲେ। ଟ୍ରାଭିସ ହେଡ୍ ୩୮ଟି ବଲ୍‌ରୁ ୩୪ ରନ୍ କରିଥିବା ବେଳେ ବିଉ ୱେବଷ୍ଟର ୩୪ଟି ବଲ୍‌ରୁ ୩୯ ରନ୍ କରିଥିଲେ। ପିଠିର ମାଂଶପେଶୀରେ ଯନ୍ତ୍ରଣା ଯୋଗୁ ଗତକାଲି ଖେଳ ଚାଲିଥିବା ବେଳେ ପଡ଼ିଆ ଛାଡ଼ିଥିବା ଯଶପ୍ରୀତ ବୁମ୍ରା ଆଜି ବ୍ୟାଟିଂ କରିବାକୁ ଆସିଥିଲେ ହେଁ ବୋଲିଂ କରିବାକୁ ଆସି ନଥିଲେ। ଅନ୍ୟପକ୍ଷରେ ମହମ୍ମଦ ସିରାଜ, ପ୍ରସିଦ୍ଧ କୃଷ୍ଣ ପ୍ରଭାବଶାଳୀ ବୋଲିଂ କରିବାରେ ବିଫଳ ହୋଇଥିଲେ। ସିରାଜ ୧୨ ଓଭର ବୋଲିଂ କରିଥିବା ବେଳେ ୬୯ ରନ୍ ବ୍ୟୟ କରି ଗୋଟିଏ ୱିକେଟ୍ ନେଇଥିଲେ। ପ୍ରସିଦ୍ଧ କୃଷ୍ଣ ୩ଟି ୱିକେଟ୍ ନେଇଥିବା ବେଳେ ୧୨ ଓଭରରେ ୬୫ ରନ୍ ବ୍ୟୟ କରିଥିଲେ। ୱାଶିଂଟନ ସୁନ୍ଦର ଗୋଟିଏ ଓଭର ବୋଲିଂ କରି ୧୧ ରନ୍ ଦେଇଥିବା ବେଳେ ନୀତୀଶ କୁମାର ରେଡ୍ଡୀ ୨ ଓଭର ବୋଲିଂ କରି ୧୦ ରନ୍ ଦେଇଥିଲେ।

## ଭାଙ୍ଗିଲା ଟିମ୍ ଇଣ୍ଡିଆର ଡବ୍ଲ୍ୟୁଟିସି ଫାଇନାଲ୍ ସ୍ୱପ୍ନ

# କୌଣସି ଖେଳାଳିଙ୍କ ଭବିଷ୍ୟତ ସ୍ଥିର କରିପାରିବି ନାହିଁ: ଗୌତମ



**ସିଡନୀ, ୫।୧:** ଭାଙ୍ଗିଲା ଟିମ୍ ଇଣ୍ଡିଆର ଡବ୍ଲ୍ୟୁଟିସି ଫାଇନାଲ୍ ସ୍ୱପ୍ନ। ବର୍ଡର ଗାଭାସ୍କର ଟ୍ରଫି ୨୦୨୪-୨୫ ସିରିଜ୍‌ର ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍ ହାରିଲା ଟିମ୍ ଇଣ୍ଡିଆ। ୬ ଓ୍ୱିକେଟ୍‌ରେ ମ୍ୟାଚ୍ ହାତେଇ ନେଲା ଅଷ୍ଟ୍ରେଲିଆ। ଅଷ୍ଟ୍ରେଲିଆ ଟିମ୍‌କୁ ୧୬୨ ରନ୍‌ର ଟାର୍ଗେଟ ମିଳିଥିଲା। ଏହାକୁ ଅଷ୍ଟ୍ରେଲିଆ ଖେଳର ତୃତୀୟ ଦିନର ଦ୍ୱିତୀୟ ସେସନରେ ହାସଲ କରିନେଇଛି। ଏହି ବିଜୟ ସହିତ ଅଷ୍ଟ୍ରେଲିଆ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ମ୍ୟାଚକୁ ୩-୧ରେ କବ୍‌ଜା କରିନେଇଛି। ଏହି ପରାଜୟ ସହ ଭାରତ ୧୦ ବର୍ଷ ପରେ ବର୍ଡର ଗାଭାସ୍କର ଟ୍ରଫି ମଧ୍ୟ ହରାଇଛି। ସିଡନୀ ଟେଷ୍ଟ ଶେଷ ହେବା ପରେ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିଲେ। ଏହି ସମୟରେ ଯେତେବେଳେ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଅବସର ବିଷୟରେ ଗମ୍ଭୀରଙ୍କୁ ପଚରାଗଲା, ସେତେବେଳେ ସେ କହିଥିଲେ ଯେ କୌଣସି ଖେଳାଳିଙ୍କ ଭବିଷ୍ୟତ ସେ ସ୍ଥିର କରିପାରିବେ ନାହିଁ। ଏହା ସେମାନଙ୍କ ଉପରେ ନିର୍ଭର କରେ। ସେମାନଙ୍କ ମଧ୍ୟରେ ବିଜୟର ଭୋକ ଏବଂ ପ୍ରତିବଦ୍ଧତା ଅଛି। ଆଶା କରୁଛି ସେ ଭାରତୀୟ କ୍ରିକେଟ୍‌କୁ ଆଗକୁ ନେବା ପାଇଁ ସବୁକିଛି କରିବେ, ଯାହା ସେମାନଙ୍କ ପକ୍ଷେ ସମ୍ଭବ। ମୁଁ ସର୍ବଦା ଚାହିଁବି ସମସ୍ତେ ଘରୋଇ କ୍ରିକେଟ୍ ଖେଳନ୍ତୁ ଚାହେଁ। ଯଦି ଆପଣ ଟେଷ୍ଟ ମ୍ୟାଚ୍ ପାଇଁ ପ୍ରତିବଦ୍ଧ ତେବେ ଘରୋଇ କ୍ରିକେଟ୍ ଖେଳନ୍ତୁ ବୋଲି ଭାରତୀୟ ଟିମ୍‌ର ହେଡ୍ କୋଚ୍ କହିଛନ୍ତି। ଗୌତମ ଗମ୍ଭୀର ଆହୁରି କହିଛନ୍ତି, ' ପରିବର୍ତ୍ତନ ବିଷୟରେ ଆଗୁଆ କହିବା ଠିକ୍ ନୁହେଁ। ଆମେ ଜାଣିନାହୁଁ ୫ ମାସ ପରେ ଆମେ କେଉଁଠାରେ ଥିବୁ। ଡ୍ରେସିଂ ରୁମକୁ ଖୁସି ରଖିବା ପାଇଁ ମୋତେ ସମସ୍ତଙ୍କ ପ୍ରତି ସଚ୍ଚୋଟ ଏବଂ ନ୍ୟାୟଯୁକ୍ତ ହେବାକୁ ପଡିବ। ଟିମ୍ ଇଣ୍ଡିଆ ତା'ର ପରବର୍ତ୍ତୀ ଟେଷ୍ଟ ସିରିଜ୍ ଆସନ୍ତା ଜୁନ୍-ଜୁଲାଇରେ ଇଂଲଣ୍ଡରେ ଖେଳିବ।

# ସିଡ୍‌ନି ଟେଷ୍ଟରେ କେଉଁଠି ରହିଲା ତ୍ରୁଟି, କହିଲେ ବୁମ୍‌ରା



**ସିଡ୍‌ନି, ୫।୧:** ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ପାଞ୍ଚ ମ୍ୟାଚ୍ ଟେଷ୍ଟ ସିରିଜର ପଞ୍ଚମ ତଥା ଶେଷ ମ୍ୟାଚ୍ ସିଡ୍‌ନିରେ ଖେଳାଯାଇଥିଲା। ଏହି ମ୍ୟାଚ୍ ୬ୱିକେଟ୍‌ରେ ଜିତି ଅଷ୍ଟ୍ରେଲିଆ କେବଳ ସିରିଜ୍ କବଜା କରିନାହିଁ ବରଂ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍(ଡବ୍ଲୁଟିସି) ଫାଇନାଲରେ ମଧ୍ୟ ସ୍ଥାନ ପାଇଛି। ଏହା ପରେ ପ୍ରଥମ ଥର ପାଇଁ ଟିମ୍ ଇଣ୍ଡିଆ ଡବ୍ଲୁଟିସି ଫାଇନାଲ ଖେଳିବ ନାହିଁ । କେଉଁଠି ଭୁଲ୍ ରହିଲା ବୋଲି ସେ କହିଛନ୍ତି। ଏବେ ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ରୋହିତ ଶର୍ମା ସିଡ୍‌ନି ଟେଷ୍ଟରୁ ବାହାରିଥିଲେ, ଏହା ପରେ ଜସପ୍ରୀତ ବୁମ୍‌ରା ଅଧିନାୟକତ୍ୱ ଗ୍ରହଣ କରିଥିବା ନଜର ଆସିଥିଲେ। ବର୍ତ୍ତମାନ ଶେଷ ମ୍ୟାଚ୍‌ରେ ପରାଜୟ ପରେ କ୍ୟାପଟେନ ବୁମ୍‌ରାଙ୍କ ଏକ ବଡ଼ ବିବୃତି ଆସିଛି। ସିଡ୍‌ନି ଟେଷ୍ଟରେ ଟିମ୍ ଇଣ୍ଡିଆର ୬ୱିକେଟ୍ ପରାଜୟ ପରେ ଅଧିନାୟକ ଜସପ୍ରୀତ ବୁମ୍‌ରା କହିଛନ୍ତି, ଟିକେ ନିରାଶା ଭାବ ରହିଛି। କିନ୍ତୁ ବେଳେବେଳେ ଆପଣଙ୍କୁ ନିଜ ଶରୀରକୁ ସମ୍ମାନ କରିବାକୁ ପଡିବ, ଆପଣ ନିଜ ଶରୀର ସହିତ ଲଢ଼ି ପାରିବେ ନାହିଁ। ପ୍ରଥମ ଇନିଂସରେ ମୋର ଦ୍ୱିତୀୟ ସ୍ପେଲ୍ ସମୟରେ ମୁଁ ଟିକିଏ ସମସ୍ୟା ଅନୁଭବ କଲି। ପ୍ରଥମ ଇନିଂସରେ ଅନ୍ୟ ବୋଲରମାନେ ଭଲ ପ୍ରଦର୍ଶନ କରିଥିଲେ। ଜଣେ ବୋଲର କମ୍ ପଡ଼ିବା ଯୋଗୁ ଅନ୍ୟମାନଙ୍କୁ ଦାୟିତ୍ୱ ନେବାକୁ ପଡ଼ିଲା।

ଆଗକୁ ବୁମ୍‌ରା କହିଛନ୍ତି, ସିରିଜରେ କଡ଼ା ଟକ୍କର ହୋଇଥିଲା। ଆମେ ଆଜି ମଧ୍ୟ ଖେଳରେ ଥିଲୁ, ଏହା ନୁହେଁ ଯେ ଆମେ ଖେଳରୁ ବାହାର ହୋଇଥିଲୁ, ଟେଷ୍ଟ କ୍ରିକେଟ୍ ଏଭଳି ଚାଲେ। ଖେଳରେ ଦୀର୍ଘ ସମୟ ରହିବା, ଚାପ ପ୍ରୟୋଗ କରିବା, ଚାପକୁ ସହ୍ୟ କରିବା ଏବଂ ପରିସ୍ଥିତି ଅନୁଯାୟୀ ଖେଳିବା ସବୁ ଗୁରୁତ୍ୱପୂର୍ଣ୍ଣ। ଆପଣଙ୍କୁ ପରିସ୍ଥିତି ସହିତ ଖାପ ଖୁଆଇବାକୁ ପଡିବ ଏବଂ ଏହି ଶିକ୍ଷାଗୁଡ଼ିକ ଭବିଷ୍ୟତରେ ଆମକୁ ସାହାଯ୍ୟ କରିବ। ଯୁବ ଖେଳାଳିମାନେ ଅନେକ ଅଭିଜ୍ଞତା ହାସଲ କରିଛନ୍ତି। ସେମାନେ ଏହାଦ୍ୱାରା ଅଧିକ ଶକ୍ତିଶାଳୀ ହେବେ। ଆମ ଦଳରେ ବହୁତ ପ୍ରତିଭା ଅଛନ୍ତି ବୋଲି ଆମେ ଦର୍ଶାଇଛୁ। ଏହି ପୁରା ସିରିଜରେ ଜସପ୍ରୀତ ବୁମ୍‌ରା ତାଙ୍କ ଚମତ୍କାର ବୋଲିଂ ଦ୍ୱାରା ବେଶ୍ ପ୍ରଭାବ ବିସ୍ତାର କରିଥିଲେ। ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନମାନେ ମଧ୍ୟ ବୁମ୍‌ରାଙ୍କ ବୋଲିଂର ସ୍ୱୀକାର କରିଛନ୍ତି। ବର୍ଡର-ଗାଭାସ୍କର ଟ୍ରଫିରେ ବୁମ୍‌ରା ସର୍ବାଧିକ ୱିକେଟ୍ ନେଇଥିଲେ। ସିଡ୍‌ନି ଟେଷ୍ଟର ଦ୍ୱିତୀୟ ଇନିଂସରେ ବୁମରା ବୋଲିଂ କରିପାରି ନ ଥିଲେ ମଧ୍ୟ ସେ ଏହି ସିରିଜରେ ୩୨ ୱିକେଟ୍ ନେଇଥିଲେ। ଏହି ଉଜ୍ଜ୍ୱଳ ପ୍ରଦର୍ଶନ ପାଇଁ ବୁମରାଙ୍କୁ ପ୍ଲେୟାର ଅଫ୍ ଦି ସିରିଜ୍ ପୁରସ୍କାର ପାଇଁ ମଧ୍ୟ ମନୋନୀତ କରାଯାଇଥିଲା।

## ଆଇଏସ୍‌ଏଲ୍ ୨୦୨୫

# ଗୋଆଠୁ ୪-୨ରେ ହାରିଲା ଓଡ଼ିଶା ଏଫ୍‌ସି



**ଭୁବନେଶ୍ୱର, ୫।୧:** ଘରୋଇ ପରିବେଶରେ ଓଡ଼ିଶା ଏଫ୍‌ସିକୁ ଶନିବାର ଲାଗିଛି ଶକ୍ତ ଝଟ୍‌କା। କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳିଥିବା ଆଇଏସ୍‌ଏଲ୍ ମ୍ୟାଚ୍‌ରେ ଏହି ଦଳ ଭ୍ରମଣକାରୀ ଗୋଆ ଏଫ୍‌ସିଠାରୁ ୨-୪ ଗୋଲ୍‌ରେ ହାରିଯାଇଛି। ଏହି ହାଇଭୋଲ୍‌ଟେଜ୍ ତଥା ଖେଳାଳିଙ୍କ ଏକାଧିକ ହଳଦିଆ କାର୍ଡ ମିଳିଥିବା ମ୍ୟାଚ୍‌ରେ ଓଡ଼ିଶା ପାଇଁ ଅହମ୍ମଦ ଜୋହ୍ନୁ (୨୮ ମିନିଟ୍) ଓ ଜେରି ମାୱିମିଙ୍ଗଥାନା (୮୮ ମିନିଟ୍) ଦେଇଥିଲେ। ଅନ୍ୟପକ୍ଷରେ ଗୋଆ ପାଇଁ ବ୍ରିସନ୍ ଫର୍ଣ୍ଣାଣ୍ଡିଜ୍ (୮, ୫୩ ମିନିଟ୍) ଦୁଇଟି, ଉଦାନ୍ତ ସିଂହ (୪୫+୨ ମିନିଟ୍) ଗୋଟିଏ ଗୋଲ୍ କରିଥିଲେ। ଓଡ଼ିଶା ଏଫ୍‌ସିର ଏମି ରନାୱାଡେ (୫୬ ମିନିଟ୍)ରେ ଏକ ଆତ୍ମଘାତି ଗୋଲ୍ କରି ଗୋଆକୁ ଆଉ ଏକ ଗୋଲ୍ ଉପହାର ଦେଇଥିଲେ। ଏହି ପରାଜୟ ପରେ ଓଡ଼ିଶା ଏଫ୍‌ସି ୧୪ ମ୍ୟାଚ୍‌ରୁ ୨୦ ପଏଣ୍ଟ୍ ପାଇ ପଏଣ୍ଟ୍ ତାଲିକାର ଷଷ୍ଠ ସ୍ଥାନରେ ରହିଛି। ପରବର୍ତ୍ତୀ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ଆସନ୍ତା ୯ ତାରିଖରେ ଚେନ୍ନାଇନ୍ ଦଳକୁ ଭେଟିବ। ଏହି ମ୍ୟାଚ୍ ନୂଆଦିଲ୍ଲୀର ଜବାହରଲାଲ୍ ନେହରୁ ଷ୍ଟାଡିୟମ୍‌ରେ ଖେଳାଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଦିବାସୀଙ୍କୁ...

ସିଂହ ବ୍ରିଟିଶ କ୍ୟାପ୍ଟେନ ସେକ୍ସିଅରଙ୍କୁ ମଧ୍ୟ ହତ୍ୟା କରିଥିଲେ ଏବଂ କ୍ୟାପ୍ଟେନ ଉଡ୍‌ବ୍ରିଜ୍ ମଧ୍ୟ ସେହି ଯୁଦ୍ଧରେ ପ୍ରାଣତ୍ୟାଗ କରିଥିଲେ । ତେବେ ବହୁ ଦିନ ଯୁଦ୍ଧ କରିବା ପରେ ସେ ଶେଷରେ ବ୍ରିଟିଶ ସୈନ୍ୟଙ୍କ ଦ୍ୱାରା ଧରା ପଡିଥିଲେ। ୧୮୫୮ ଡିସେମ୍ବର ୩୧ରେ ତାଙ୍କୁ ଫାସୀ ଦିଆଯାଇଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାର ପ୍ରାୟ ଏକ ଚତୁର୍ଥାଂଶ ଜନସଂଖ୍ୟା ହେଉଛନ୍ତି ଜନଜାତି । ଏତେ ସଂଖ୍ୟକ ଲୋକଙ୍କର ବିକାଶ ନ ହେଲେ, ରାଜ୍ୟର ଉନ୍ନତି ଅସମ୍ଭବ। ତେବେ କ୍ଷୋଭର ବିଷୟ ହେଉଛି, ସ୍ୱାଧୀନତାର ୭୫ ବର୍ଷ ବିତିଗଲେ ସୁଦ୍ଧା ଆଜି ପ୍ରତିଟି ସାମାଜିକ ତଥା ଅର୍ଥନୈତିକ ସୂଚକାଙ୍କରେ ଜନଜାତି ଅନେକ ପଛରେ ପଡିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନିଜ ଅନୁଭବରୁ ମୁଁ ଆଦିବାସୀଙ୍କ ଦାରିଦ୍ର୍ୟ ବିଷୟରେ ଜାଣିଛି । ଏଥିପାଇଁ 'ଗରିବ ପର୍ଯ୍ୟଟନ'ର ଆବଶ୍ୟକତା ନାହିଁ । ଏଥିପାଇଁ ମୁଁ ପ୍ରଥମ ଦିନରୁ ହିଁ କାର୍ଯ୍ୟ ଖସଡା ପ୍ରସ୍ତୁତ କରିଛି । ମାଧୋ ସିଂହ ହାତଖର୍ଚ୍ଚ ଯୋଜନା ଏହାର ପ୍ରଥମ ପ୍ରତିଫଳନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଆଦିବାସୀଙ୍କ ସ୍ୱାର୍ଥକୁ ସରକାର କେବେ ଜଳାଞ୍ଜଳି ଦେବେ ନାହିଁ ବୋଲି ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଥିଲେ, ଏହାର ପ୍ରମାଣ ହେଉଛି, ଯେପରି ଚଞ୍ଚକତା କରି ଆଦିବାସୀଙ୍କ ଜମିକୁ ଅଣଆଦିବାସୀଙ୍କୁ ଟେକିଦେବା ପାଇଁ କୁତ୍ସିତ ଯୋଜନା ଗତ ସରକାର କରିଥିଲେ, ତାକୁ ମୁଁ ନାକଚ କରିଦେଇଛି । ଆପଣ ବସବାସ କରୁଥିବା ଜମି, ଜଙ୍ଗଲ ଏବଂ ଜଳକୁ ସୁରକ୍ଷା ଦେବା ଦାୟିତ୍ୱ ମୋହନ ସରକାରର। ଆପଣମାନେ, ଏଥିପ୍ରତି ନିଶ୍ଚିତ ହୁଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ।

ସେ କହିଥିଲେ ଯେ, ରାଜ୍ୟରେ ଜନଜାତି ମାନେ ବିଶେଷତଃ ଦକ୍ଷିଣ ଏବଂ ଉତ୍ତର ଓଡିଶାରେ ପ୍ରାୟ ବସବାସ କରନ୍ତି। ତେଣୁ ଆଞ୍ଚଳିକ ବୈଷମ୍ୟବାଦକୁ ଦୂର କରି ଏକ ସନ୍ତୁଳିତ ବିକାଶ ପାଇଁ ଦକ୍ଷିଣ ଓଡିଶା ବିକାଶ ପରିଷଦ ଏବଂ ଉତ୍ତର ଓଡିଶା ବିକାଶ ପରିଷଦ ଗଠନ କରିବାକୁ ସରକାର ନିର୍ଦ୍ଦେଶ ଦେଇ ସାରିଛନ୍ତି । ଏହା ଅତିଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି। ଆଗାମୀ ଦିନରେ ନିଜ ନିଜ ଅଞ୍ଚଳର ବିକାଶ ପାଇଁ ଆପଣମାନେ ନିଜ ନିଜ ସ୍ତରରେ ନିର୍ଣ୍ଣୟ ନେଇ ପାରିବେ।

ସୂଚନାଯୋଗ୍ୟ ଚଳିତ ବର୍ଷ ଏହି ମେଳାରେ ୨୦ ଗୋଟି ଆଦିବାସୀ କୁଡ଼ିଆ, ବିକ୍ରିବଟା ପାଇଁ ୧୪୭ ଟି ଷ୍ଟଲ୍, ୧୫ଟି ଲାଇଭ୍ ଡେମନଷ୍ଟ୍ରେସନ୍ ପାଇଁ ସ୍ଥାନ ଥିବା ବେଳେ ଫୁଡ୍ କୋର୍ଟ, କଳା ଓ ହସ୍ତଶିଳ୍ପ ଷ୍ଟଲ୍, ଭଗବାନ ବିର୍ସା ମୁଣ୍ଡା ପାଭିଲିୟନ୍ କୁ ସ୍ଥାନ ଦିଆଯାଇଛି । ଏଥିସହିତ ଭଗବାନ ବିର୍ସା ମୁଣ୍ଡା ପାଭିଲିୟନ୍ ର ୫ଟି ଗ୍ୟାଲେରୀରେ ବିର୍ସାମୁଣ୍ଡାଙ୍କ ଜୀବନୀ, ରାଜ୍ୟ ତଥା ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ସମ୍ପର୍କିତ ଗ୍ୟାଲେରୀ, ଚିତ୍ରାଙ୍କନ ପ୍ରଦର୍ଶନୀ, ମିନି ଥିଏଟର୍ ଓ ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯାଉଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶହୀଦ ମାଧୋ ସିଂହଙ୍କ ଅଣନାତି ଲୋକଶ୍ୱର ସିଂହ ବରିହାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ ଯେ, ଚଳିତ ବର୍ଷର ଆଦିବାସୀ ମେଳା ନିଆରା । ଏହି ମେଳାର ଆୟୋଜନ ଜନଜାତି ସାମଗ୍ରିକୁ ଅନ୍ତର୍ଜାତୀକ ବଜାର ପ୍ରଦାନ କରିବ ।

ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୯ ଜଣଙ୍କୁ ଆଦିବାସୀ ପ୍ରତିଭା ସମ୍ମାନ ଓ ୧୦ ଜଣ ଜନଜାତି କୃଷକଙ୍କୁ ସମ୍ମାନିତ କରିଥିଲେ ।

### ଆଜିଠୁ...

ମନ୍ଦିର ପରିଦର୍ଶନ କରି ପୁରୀ ଅଭିମୁଖେ ବାହାରିବେ କେନ୍ଦ୍ରମନ୍ତ୍ରୀ । ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ପଟ୍ଟଚିତ୍ର ପାଇଁ ପ୍ରସିଦ୍ଧ ରଘୁନାଥପୁର ଯିବେ ମନ୍ତ୍ରୀ । ସେଠାରୁ ଅପରାହ୍ନରେ ଧଉଳି ଆଭିମୁଖ୍ୟ ଆସିବେ କେନ୍ଦ୍ରମନ୍ତ୍ରୀ ।

କେନ୍ଦ୍ରମନ୍ତ୍ରୀ ଶାନ୍ତିସ୍ତୁପରୁ ଫେରି ମହାଦେବ ଲିଙ୍ଗରାଜଙ୍କ ଦର୍ଶନ ଲାଗି ଏକାମ୍ର କ୍ଷେତ୍ର ଯିବେ । ଦର୍ଶନ ପରେ ଭୁବନେଶ୍ୱରର ଏକ ତାରକା ହୋଟେଲରେ ରାତ୍ରିଯାପନ କରିବେ । ୫ ଓ ୨ ତାରିଖରେ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ସାମିଲ ହେବେ ବୈଦେଶିକ ବ୍ୟାପାର ମନ୍ତ୍ରୀ । ବୈଦେଶିକ ବ୍ୟାପାର ମନ୍ତ୍ରୀ 10 ତାରିଖ ସକାଳେ ନୂଆଦିଲ୍ଲୀ ଫେରିଯିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି । କୋଣାର୍କ ଓ ଭୁବନେଶ୍ୱରରେ କେନ୍ଦ୍ରମନ୍ତ୍ରୀଙ୍କ ରହିଣୀ ଲାଗି ସମସ୍ତ ବ୍ୟବସ୍ଥା ହୋଇଛି ।

### ପ୍ରଦୂଷଣ ...

କର୍ମଚାରୀଙ୍କ କହିବାକଥା ଯେ ଗାଦିମଡା ବିଜେଡିମାର୍କା ବାବୁମାନେ ଏଠାରେ ରହିଥିବା ପର୍ଯ୍ୟନ୍ତ ଏଭଳି ପାଲା ଚାଲିଥିବ । ତେଣୁ ଏମାନଙ୍କୁ ଅନ୍ୟତ୍ର ହଟାଇଦେଲେ ବୋର୍ଡରେ ଶାନ୍ତି ଫେରିବା ସହିତ ବଦନାମରୁ ଦପ୍ତର ବଞ୍ଚିଯିବ ।

### ବଢ଼ିଲା...

କରିବାକୁ ନେଟୱର୍କ ସର୍ଭେ କରିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ବାଇପାସ୍ କେସ୍‌ରେ ନୋମିନି ପଞ୍ଜୀକରଣ କରି ଆଧାରା ଅପଡେଟ୍ କରିବା ସହ କୌଣସି ହିତାଧିକାରୀ ରାସନ ପାଇଁ ଯାଇନପାରିଲେ ନୋମିନିଙ୍କୁ ପଠାଇ ପାରିବେ । ନୋମିନି ରାସନ ସଂଗ୍ରହ କରିବାକୁ ଗଲେ ପ୍ରକୃତ ହିତାଧିକ୍ରୀଙ୍କ ମୋବାଇଲକୁ ଓଟିପି ଯିବ। ସେହି ଓଟିପି ଦେଇ ନୋମିନି ଜଣକ ପ୍ରକୃତ ହିତାଧିକାରୀଙ୍କ ପାଇଁ ରାସନ ଉଠାଇ ପାରିବେ।

### ଗାଁର ବିକାଶରେ...

ଗୁଣାତ୍ମକ ଶିକ୍ଷା ଓ ଦକ୍ଷତା ଉପରେ ଦୃଷ୍ଟି ଦିଆଯାଉ। ପଞ୍ଚାୟତରେ ରୋଜଗାରକୁ ବ୍ୟବସ୍ଥିତ କରିବା ପାଇଁ ବ୍ୟାପକ ଯୋଜନା ହେଉ । ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାରେ ଆସୁଥିବା ଟଙ୍କାର ସଦୁପଯୋଗ କରିବା ପାଇଁ ପରାମର୍ଶ ଦିଆଯାଉ। ସ୍ଥାନୀୟ ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ଚାଷୀ, ବୁଣାକାର ଓ ଅନ୍ୟ ବର୍ଗର ଲୋକଙ୍କୁ ଉପାଦେୟ ପରମର୍ଶ ଦେବା ଦରକାର ।

ସେହିପରି ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ପରି ଅନ୍ୟ ଯୋଜନା ଗୁଡିକର ସଠିକ୍ ସୂଚନା ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ କାମ କରିବାକୁ ହେବ । ସମ୍ଭାବ୍ୟ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଗାଁର ପରିବେଶକୁ ସୁରକ୍ଷିତ ରଖିବା ସହ ସଚେତନତା ତିଆରି କରିବା ପାଇଁ ପଡିବ । ଚାଷରେ ରସାୟନ ସାର ବ୍ୟବହାର କମ୍ କରିବା ସହ ଜୈବିକ ଚାଷ କରାଇବା ପାଇଁ ପ୍ରୋତ୍ସାହନ ଦେବାକୁ ହେବ। ଭାରତ ସରକାର ଓ ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନା ଗୁଡିକୁ ନେଇ ଏକ ବିଧିବଦ୍ଧ ପୁସ୍ତକ ପ୍ରକାଶନ କରିବା ପାଇଁ ମଧ୍ୟ ଜିଲ୍ଲା ପ୍ରଶାସନକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆହୁରି କହିଥିଲେ ଯେ କ୍ରମାଗତ ଭାବରେ ଅନେକ ଶିକ୍ଷିତ ଯୁବକ ଯୁବତୀମାନେ ପଞ୍ଚାୟତିରାଜ ବ୍ୟବସ୍ଥାରେ ସାମିଲ ହେବା ଗଣତନ୍ତ୍ର ପାଇଁ ଶୁଭଙ୍କର ଅଟେ । ରାଜ୍ୟର ଗ୍ରାମ ପଞ୍ଚାୟତ ଗୁଡ଼ିକ ନିଜର କଲ୍ୟାଣକାରୀ କାର୍ଯ୍ୟ ମାଧ୍ୟମରେ ଜାତୀୟ ସ୍ତରରେ ପୁରସ୍କୃତ ହେବା ଆମ ପାଇଁ ଗୌରବମୟ ଉପଲବ୍ଧି ସେ ମତପ୍ରକାଶ କରିଥିଲେ ।

### କୁକୁଡା ପରିବହନ...

ବ୍ୟବସାୟୀମାନେ କହିଛନ୍ତି। ଉଲ୍ଲେଖନୀୟ ଯେ ଓଡିଶା ଏବେ କୁକୁଡା ଚାଷରେ ଆତ୍ମନିର୍ଭରଶୀଳ ହୋଇଥିବାବେଳେ ପଡୋଶୀ ଛତିଶଗଡ ଓ ପଶ୍ଚିମବଙ୍ଗ ଆଦି ରାଜ୍ୟକୁ ଦୈନିକ ଟ୍ରକ ଟ୍ରକ କୁକୁଡା ରପ୍ତାନି କରୁଛନ୍ତି । ତେବେ କୁକୁଡା ପରିବହନ କରୁଥିବା ଯାନଗୁଡିକ ରାସ୍ତାରେ ଆରଏମସି ଟିକସ ଆଦାୟପାଇଁ ଜୁଲମ ଯୋଗୁଁ ନିର୍ଦ୍ଧାରିତ ସ୍ଥାନରେ ବିଳମ୍ବରେ ପହଞ୍ଚିବାର ଅଭିଯୋଗ ହୋଇ ଆସୁଥିଲା । ବିଳମ୍ବରେ ପହଞ୍ଚିବା ଯୋଗୁଁ ଅନେକ ସମୟରେ ପଡୋଶୀ ରାଜ୍ୟର ବ୍ୟବସାୟୀମାନେ କୁକୁଡାର ଦର କମାଇବା ସହିତ ଗାଡି ଫେରାଇ ଦେବାକୁ ଧମକ ଦେଉଥିଲେ ।

ତେବେ ରାଜ୍ୟର କୁକୁଡା ବ୍ୟବସାୟୀମାନେ ବିଭିନ୍ନ ସ୍ତରରେ ଏହି ପ୍ରସଙ୍ଗ ଉଠାଇବାପରେ ଏବେ ଓସ୍‌ମା ବୋର୍ଡ ପକ୍ଷରୁ ଆରଏମସି ସମ୍ପାଦକମାନଙ୍କୁ ପତ୍ର ଲେଖାଯାଇ ସବୁକିଛି ସ୍ପଷ୍ଟ କରାଯାଇଛି । ଏହି ପତ୍ରର ନକଲ ଏବେ କୁକୁଡା ବ୍ୟବସାୟୀମାନେ ପରିବହନ ଯାନଚାଳକଙ୍କୁ ଧରାଉଥିବାବେଳେ ଏହାପରେ ଯଦି ପୁଣିଥରେ ଆରଏମସି ପରିସୀମା ବାହାରେ ଟିକସ ଆଦାୟର ଜୁଲମ ହୁଏ ତେବେ ଥାନାରେ ମାମଲା ରୁଜୁ ହେବ ବୋଲି ମତ ଦେଇଛନ୍ତି ।

### ଜିତୁ-ଲେଲିନ୍...

ବଦଳାଯିବା ସହିତ ଗୋଟିଏ ରାଜନୈତିକ ଦଳର ଚିହ୍ନ ସେଠାରେ ଲାଗିଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି ବଲ୍ଲେ ବଲ୍ଲେ ଢାବା ସହିତ ଯଦି ଜିତୁଙ୍କର ସମ୍ପର୍କ କିମ୍ବା ଦୁର୍ବଳତା ନାହିଁ, ତେବେ ମୁଖ୍ୟମନ୍ତ୍ରୀ ସେଠାରେ ପାଦ ନପକାଇବା ସତ୍ୱେ କାହିଁକି ଜିତୁ ଏତେ ବ୍ୟଗ୍ର ହୋଇ ଗଣମାଧ୍ୟମ ସାମ୍ନାକୁ ଆସିଛନ୍ତି ? କାହା ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିବାକୁ ପଛାଉ ନାହାନ୍ତି ? ମୁଖ୍ୟମନ୍ତ୍ରୀ ଯାଜପୁର ମାଟିରେ କ୍ରୀତଦାସଙ୍କୁ ନିଶାଣ କରିଥିବାବେଳେ ଏହାକୁ କାଉଣ୍ଟର କରିବାକୁ ଜିତୁ ବଲେ ବଲେ ଗପ କହୁଥିବା ନେଇ ଏବେ ଆଲୋଚନା ଚାଲିଛି ।

ତେବେ କୌଣସି ସତ୍ୟତା ନଥାଇ ମୁଖ୍ୟମନ୍ତ୍ରୀଙ୍କୁ ଏଭଳି ସମାଲୋଚନା କରିବା ଓ ଧର୍ମଶାଳା ବିଧାୟକଙ୍କୁ ବଲେ ବଲେ ବିବାଦକୁ ଟାଣିବା ଆଗାମୀ ଦିନରେ କେବଳ ଯାଜପୁର ରାଜନୀତିକୁ ସରଗରମ କରିବ ନାହିଁ, ବଲେ ବଲେର ଅନେକ ଗୁମର ପଦାକୁ ଆଣିବ ବୋଲି ଏବେ ଠାରୁ ଚର୍ଚ୍ଚା ଜୋର ଧରିଲାଣି ।

# ପଥ ଉତ୍ସବରେ ଝୁମିଲା ସ୍ମାର୍ଟସିଟି



**ଭୁବନେଶ୍ୱର,୫।୧(ସଂଚାର ବ୍ୟୁରୋ):** ଓଡ଼ିଶାର କଳା ସଂସ୍କୃତିକୁ ଋଦ୍ଧିମନ୍ତ କରିବା ସହ ସହରବାସୀଙ୍କ ମନୋରଞ୍ଜନ ଓ ଶରୀରର ଫୁର୍ତ୍ତିକୁ ନେଇ ଭୁବନେଶ୍ୱରରେ ଆରମ୍ଭ ହୋଇଛି ପଥ ଉତ୍ସବ । ଶୀତୁଆ ସକାଳରେ ନାଚିଲା ଗାଇଲା ଓ ଝୁମିଲା ରାଜଧାନୀ । ଆଗକୁ ପ୍ରବାସୀ ଭାରତୀୟ ସମ୍ମିଳନୀ ଥିବା ବେଳେ ଏହା ପୂର୍ବରୁ ରାଜଧାନୀରେ ଆରମ୍ଭ ହୋଇଛି ପଥ ଉତ୍ସବ । ସକାଳୁ ସକାଳୁ ନାଚ-ଗୀତରେ ଝୁମିଲେ ଭୁବନେଶ୍ୱରବାସୀ। ଚଳିତ ବର୍ଷର ପ୍ରଥମ ଉତ୍ସବ ମଧ୍ୟ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନରୁ ରାମ ମନ୍ଦିର ଯାଏ ଚାଲିଥିଲା । ଏହାର ଉଦ୍ଘାଟନ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ନଗର ଓ ଗୃହ ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ଭୁବନେଶ୍ୱର ମେୟର ସମେତ ବିଏମସି କର୍ପୋରେଟର ମାନେ କରିଥିଲେ। ସକାଳର ପହିଲି କିରଣ ସହ ବେଶ ବର୍ଣ୍ଣାଢ୍ୟରେ ଆୟୋଜନ ସହ ପାଳନ ହୋଇଛି ପଥୋତ୍ସବ । ଆଉ ଏହି ପଥ ଉତ୍ସବକୁ ବହୁ ପ୍ରତୀକ୍ଷା ପରେ ଦେଖିଥିବା ଭୁବନେଶ୍ୱରବାସୀ ବି ବେଶ ଉପଭୋଗ କରିଥିଲେ । ଉଦଘାଟନୀ ସମାରୋହ ପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ନେଇ ବେଶ ଝୁମିଥିଲେ ନାଚିଥିଲ ରାଜଧାନୀବାସୀ । ମଞ୍ଚରେ ଦେଖିବାକୁ ମିଳିଥିଲା ଓଡ଼ିଆ କଳା ସଂସ୍କୃତିର ଝଲକ । ଓଡିଶୀ ନୃତ୍ୟଠୁ ଆରମ୍ଭ କରି ମଡର୍ଣ୍ଣ ନୃତ୍ୟ ସବୁକିଛି ଗୋଟିଏ ମଞ୍ଚରେ ଦେଖିବାକୁ ପାଇଥିଲେ ଦର୍ଶକ । ଏହାସହ ଓଲିଓଡ଼ର ବେଶ ଜଣାଶୁଣା କଣ୍ଠଶିଳ୍ପୀ ଅନ୍ତର ଚକ୍ରବର୍ତ୍ତୀ ଓ ସ୍ୱୟଂ ପ୍ରକାଶ ପାଢ଼ୀ ପୁରା ଭୁବନେଶ୍ୱରକୁ ତାଙ୍କ କଣ୍ଠର ଯାଦୁଗରୀରେ ଝୁମାଇଥିଲେ । ଆଉ ସକାଳୁ ସକାଳୁ ଏକ ମନୋରଞ୍ଜନର ଖୋରାକକୁ ନେଇ ରାଜଧାନୀବାସୀ ପୁରା ରାହାଗିରିକୁ ଉପଭୋଗ କରିଛନ୍ତି । ନିଜେ ନାଚିବା ସହ ଅନ୍ୟକୁ ନଚେଇଛନ୍ତି । ଏହାକୁ ନେଇ ବେଶ ଖୁସି ବ୍ୟକ୍ତ କରିଛନ୍ତି ଭୁବନେଶ୍ୱରବାସୀ । ବନ୍ଧୁ ପ୍ରିୟ ପରପରିଜନ ଓ ପରିବାର ସହ ଆସି ପଥୋତ୍ସବର ମଜା ନେଇ ଫେରିଛନ୍ତି। ପଥ ଉତ୍ସବରେ ଏଥର ବି ନାଚ,ଗୀତ ସ୍କେଟିଂ, ଖାଦ୍ୟର ପସରା,ଆର୍ଟ କ୍ରାଫ୍ଟ ବା ଝୋଟି ଚିତା, ଷ୍ଟାଣ୍ଡଅପ କମେଡି, ଡ୍ୟାନ୍ସ ବା ରାଜ୍ୟର ବିଭିନ୍ନ ଜିଲ୍ଲାର ପାରମ୍ପରିକ ନୃତ୍ୟ, ଗଜଲ, ଯୋଗ,ଷ୍ଟ୍ରିଟ ଆକ୍ଟ ବା ଓଡ଼ିଶାର ବିଭିନ୍ନ ପ୍ରକାର ଦୁଃସାହସିକ ଖେଳ,ନୃତ୍ୟ ନାଟିକା,କ୍ରୀଡା ପ୍ରଦର୍ଶିତ ହୋଇଥିଲା ।

# 'ସୁନାମି ପ୍ରସ୍ତୁତ ଗ୍ରାମ'ର ମାନ୍ୟତା ପାଇଲା ଗଞ୍ଜାମର ୪ ଗାଁ

**ବ୍ରହ୍ମପୁର, ୫ା୧ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାର ସୁନାମୀ ପ୍ରବଣ ଗ୍ରାମର ଗୋଷ୍ଠୀକୁ ଆଇଓସି-ୟୁନେସ୍କୋ ଦ୍ୱାରା ସୁନାମି ପ୍ରସ୍ତୁତ ଗ୍ରାମର ମାନ୍ୟତା ପ୍ରଦାନ କରାଯାଇଛି। ଇଣ୍ଡୋନେସିଆ ଠାରେ ଅନୁଷ୍ଠିତ ଦ୍ୱିତୀୟ ବିଶ୍ୱ ସୁନାମି ସିମ୍ପୋଜିୟମ୍ ଅବସରରେ ଏହି ମାନ୍ୟତା ପ୍ରଦାନ କରାଯାଇଛି । ଏହା ସହ ଆଇଓସି- ୟୁନେସ୍କୋ ଦ୍ୱାରା ୨୦୨୦ ମସିହାରେ ସୁନାମି ପ୍ରସ୍ତୁତ ଗ୍ରାମର ମାନ୍ୟତା ପାଇଥିବା ଗଞ୍ଜାମ ଜିଲ୍ଲାର ଭେଙ୍କଟ ରାଇପୁରର ସୁନାମି ପ୍ରସ୍ତୁତ ମାନ୍ୟତା ପ୍ରମାଣ ପତ୍ରର ନବୀକରଣ କରାଯାଇଛି। ଆଇଓସି- ୟୁନେସ୍କୋର ସୁନାମି ପ୍ରସ୍ତୁତି ମାନ୍ୟତା କାର୍ଯ୍ୟକ୍ରମକୁ ଗଞ୍ଜାମ ଜିଲ୍ଲାର ଛତ୍ରପୁରର ଉପୁଲାପୁଟି, ଗଞ୍ଜାମର ପ୍ରୟାଗି ଓ କଣ୍ଟି ଆଗଡ, ରଙ୍ଗେଇଲୁଣ୍ଡାର ମାର୍କଣ୍ଡି



ଏବଂ ଭେଙ୍କଟ ରାଇପୁରରେ କାର୍ଯ୍ୟକାରୀ କରାଯାଇଥିଲା ।

ସୂଚନାଯୋଗ୍ୟ ଯେ ଗତ ସେପ୍ଟେମ୍ବର ୨୨ ଓ ୨୩ ତାରିଖରେ ଜାତୀୟ ସୁନାମି ପରିଷଦର ସଦସ୍ୟମାନେ ଗଞ୍ଜାମ ଜିଲ୍ଲାର ଏହି ପାଞ୍ଚଟି ଗ୍ରାମକୁ ପରିଦର୍ଶନ କରି ୧୨ ଟି ସୂଚକାଙ୍କ ଅନୁସାରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା- ଗୋଷ୍ଠୀ ସ୍ତରୀୟ ସୁନାମୀ ସଚେତନତା କାର୍ଯ୍ୟକ୍ରମ, ବିଭିନ୍ନ ଅଂଶୀଦାର ମାନଙ୍କର ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସୁନାମି ସଚେତନତା ଲିଫଲେଟ୍ ଓ ପୋଷ୍ଟର ବିତରଣ , ସୁନାମି ପରିଚାଳନା ଯୋଜନାର ପ୍ରସ୍ତୁତି, ସୁନାମି ମକ୍ ଡ୍ରିଲ ର ଆୟୋଜନ, ସୁନାମି ସ୍ଥାନାନ୍ତରଣ ରାସ୍ତାର ଚିହ୍ନଟ, ସୁନାମି ସଚେତନତା ହେଡିଂ ଏବଂ ସ୍ଥାନାନ୍ତରଣ ସାଇନେଜ୍ ର ପ୍ରସ୍ତୁତି ଇତ୍ୟାଦି କାର୍ଯ୍ୟକ୍ରମ କରିଥିଲେ । ଏହା ସହ ଏହି ଗ୍ରାମ ଗୁଡିକୁ ସୁନାମି ପ୍ରସ୍ତୁତ ଗ୍ରାମର ମାନ୍ୟତା ପ୍ରଦାନ କରିବା ପାଇଁ ଆଇଓସି-ୟୁନେସ୍କୋକୁ ସୁପାରିଶ୍ କରିଥିଲେ । ଜିଲ୍ଲାର ଏହି ପାଞ୍ଚଟି ଗ୍ରାମକୁ ୨୦ ତମ ବାର୍ଷିକ ଭାରତ ମହାସାଗର ସୁନାମି କନକ୍ଲେଭରରେ ଇନକଇସ୍ ହାଇଦ୍ରାବାଦ୍ ଠାରେ ଆଇଓସି-ୟୁନେସ୍କୋ ଦ୍ୱାରା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଓସଡମା ର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଦେବେନ୍ଦ୍ର ନାୟକ ଯୋଗ ଦେଇଥିଲେ । ଜିଲ୍ଲାପାଳ ଦିବ୍ଯ ଜ୍ୟୋତି ପରିଡାଙ୍କୁ ପାଞ୍ଚଟି ଗ୍ରାମର କମ୍ୟୁନିଟି ଲିଡର୍ ମାନେ ସାକ୍ଷାତ କରିବା ସହ ଜିଲ୍ଲାପାଳଙ୍କ ଠାରୁ ପ୍ରମାଣ ପତ୍ର ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ, ଜିଲ୍ଲା ଜରୁରୀ କାଳୀନ ବିଭାଗର ଡେପୁଟି କଲେକ୍ଟର ଆୟୁଷି ପତି ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

# ୧୨ ବର୍ଷ ପରେ ଅଙ୍ଗନବାଡି ଗୃହ ଖୋଲିଲା

**ମହାକାଳପଡ଼ା, ୫ା୧ (ସଂଚାର ବ୍ୟୁରୋ) :** ଦୀର୍ଘ ୧୨ ବର୍ଷ ଧରି ତାଲା ପଡିଥିବା ଅଙ୍ଗନବାଡି ଗୃହରୁ ତାଲା ଖୋଲିଛି। ଏବେ କୁନି କୁନି ପିଲାମାନଙ୍କୁ ଆଉ ବିଦ୍ୟାଳୟ ବାରଣ୍ଡାରେ ବସିବାକୁ ପଡୁନି। ଅଙ୍ଗନୱାଡି କେନ୍ଦ୍ରର ସ୍ୱତନ୍ତ୍ର ଗୃହ ଭିତରେ ପାଠ ପଢୁଛନ୍ତି




କୁନି କୁନି ଶିଶୁ ପିଲାମାନଙ୍କୁ ଶାରୀରିକ ଓ ମାନସିକ ଦକ୍ଷତା ବୃଦ୍ଧି ପାଇଁ ସରକାର ଅଙ୍ଗନବାଡି ଯୋଜନା ମାଧ୍ୟମରେ ଖର୍ଚ୍ଚ କରୁଛନ୍ତି କୋଟି କୋଟି ଟଙ୍କା। ସୁବ୍ୟବସ୍ଥିତ ପକ୍କା ଗୃହ ମଧ୍ୟରେ ସୁଦୃଢ ବ୍ୟବସ୍ଥା ଓ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ଯୋଗାଇ ଦେବାକୁ ପ୍ରୟାସ କରୁଛନ୍ତି। ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ଗଡରୋମିତ ଗ୍ରାମପଞ୍ଚାୟତ ଛନ୍ଦା ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ର ସ୍ଥାୟୀ ଘର ଥିବା ସତ୍ତ୍ୱେ ଦୀର୍ଘଦିନ ଧରି କୁନି କୁନି ପିଲାମାନେ ସ୍କୁଲ ବାରଣ୍ଡାରେ ବସି ପାଠ ପଢ଼ୁଥିଲେ। କି ବର୍ଷା କି ଶୀତ ସବୁ ଯେମିତି ଏହି ପିଲାମାନଙ୍କ ପାଇଁ ନିତିଦିନିଆ କଥା ହୋଇ ରହିଥିଲା। ସେଇ ବାରଣ୍ଡାରେ ପାଠ ପଢୁଥିଲେ,ସେଇ ବାରଣ୍ଡାରେ ଖାଇବା ପିଇବା। ଘର ହସ୍ତାନ୍ତର ପ୍ରକ୍ରିୟା ପାଇଁ ନା ପ୍ରଶାସନ ନା ସିଡିପିଓ କେହି ଦୃଷ୍ଟି

**ସ୍କୁଲ ବାରଣ୍ଡାରେ ପଢୁଥିଲେ ପିଲା**
**ସଂଚାରରେ ହୋଇଥିଲା ଖବର ପ୍ରସାରଣ**

ଦେଉନଥିଲେ। ସମସ୍ତଙ୍କୁ ଗୁହାରି କରି କରି କେହି ଶୁଣୁନଥିବା ସଂଚାରକୁ ଅଭିଯୋଗ କରିଥିଲେ। ଏନେଇ ସଂଚାରରେ ଗତ ୨୪ ଡିସେମ୍ବର ରେ ଖବରର ଶୀର୍ଷକ "ଘର ଥାଇବି ବାରଣ୍ଡାରେ ପଢୁଛନ୍ତି ଆଗାମୀ କାଲିର ଭବିଷ୍ୟତ" ପ୍ରକାଶ ହୋଇଥିଲା। ଖବର ପ୍ରକାଶ ପରେ ବିଭାଗୀୟ ତତ୍ପରତା ଦେଖିବାକୁ ମିଳିଛି। ଦୀର୍ଘ ୧୨ ବର୍ଷ ଧରି ପଡିଥିବା ତାଲା ସଂଚାର ଖବର କାଗଜର ପ୍ରୟାସ ପାଇଁ ଖୋଲି ପାରିଛି ବୋଲି ଗ୍ରାମବାସୀ କହିଛନ୍ତି।

# କୁମ୍ଭୀର ଗଣନା ପାଇଁ ୧୪ରୁ ଭିତରକନିକା ବନ୍ଦ




**ରାଜନଗର, ୫ା୧ (ସଂଚାର ବ୍ୟୁରୋ):** ବଉଳା କୁମ୍ଭୀର ମାନଙ୍କ ଭୂସ୍ୱର୍ଗ ଭାବେ ପରିଚିତ ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ବସବାସ କରୁଥିବା ବଉଳା କୁମ୍ଭୀରମାନଙ୍କ ଗଣନା କାର୍ଯ୍ୟ ଆସନ୍ତା ଜାନୁୟାରୀ ୧୪ ତାରିଖ ରୁ ଆରମ୍ଭ ହୋଇ ୨୨ ତାରିଖରେ ଶେଷ ହେବ। ଏଥିପାଇଁ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଏହି ସମୟରେ ପରିଭ୍ରମଣ ପାଇଁ ନିଷିଦ୍ଧ କରାଯାଇଛି। ବଉଳା କୁମ୍ଭୀର ବିଶାରଦ ଡଃ. ସୁଧାକର କର, ରାଜନଗର ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଗଣନା କାର୍ଯ୍ୟ କରାଯିବ। ଏଠାରେ ସୂଚନାଯୋଗ୍ୟ ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳ ଏବଂ ନଦୀକୁ ସଂଯୋଗ କରୁଥିବା ସ୍ଥାନ ମାନଙ୍କରେ ବଉଳା କୁମ୍ଭୀର ମାନଙ୍କ ଗଣନା କରାଯିବ। ଭିତରକନିକା ଜାତୀୟ ଉଦ୍ୟାନ ସୀମା ସରହଦରେ ରହିଥିବା ଆର୍ଦ୍ରଭୂମି ଓ ଆଖପାଖ ଅଞ୍ଚଳରେ ପ୍ରଚଣ୍ଡ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ହିମାଳୟ ପାଦଦେଶରୁ ଆସିଥିବା ଅସଂଖ୍ୟ ବିଦେଶାଗତ ପକ୍ଷୀମାନଙ୍କର ସମାଗମ ହୋଇଛି। ଏହି ସମୟସୀମା ମଧ୍ୟରେ ପକ୍ଷୀମାନଙ୍କର ଗଣନା କାର୍ଯ୍ୟ କରାଯିବ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ।

## କର୍କଟ ଉଜାଡ଼ି ଦେଲା ସଂସାର
# ଏବେ ପରିବାର ଚଳିବ କେମିତି ?

**ବାଲିଅନ୍ତ, ୫ା୧ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ପଞ୍ଚାୟତ ଅଧୀନ ଗୁଆବାଡ଼ି ସାହିର ଅମୂଲ୍ୟ ଭୋଇଙ୍କର ଗତକାଲି ବିଳମ୍ବିତ ରାତିରେ ମୃତ୍ୟୁ ହୋଇଯାଇଛି। ଅମୂଲ୍ୟ ଦୀର୍ଘଦିନ ହେଲା ମୁଖ ଗହ୍ୱର କର୍କଟ ରୋଗରେ ଚିକିତ୍ସାଧୀନ ଥିଲେ। ଆଜି ଦିନ ସାଢ଼େ ୧ଟାବେଳେ ତାଙ୍କର ମୃତ୍ୟୁ ହୋଇଯାଇଛି। ଅମୂଲ୍ୟଙ୍କ ମୃତ୍ୟୁରେ ତାଙ୍କର ବିଧବା ମା' କାଞ୍ଚନ ଭୋଇ ପତ୍ନୀ ଅନୁରାଧା ଭୋଇ, ନାବାଳକ ଦୁଇ ପୁଅ ଦିବ୍ୟଜ୍ୟୋତି ଓ ଦୀପକ କୁମାର ସଂପୂର୍ଣ୍ଣ ବେସାହାରା




ହୋଇପଡ଼ିଛନ୍ତି। ବଡ଼ କଥା ହେଉଛି ଦାରଦ୍ର୍ୟ ସୀମାରେଖା ତଳେଥିବା ଅମୂଲ୍ୟଙ୍କ ଶବ ସତ୍କାର ଓ ସୁଦ୍ଧିକ୍ରିୟା କର୍ମ କେମିତି ହେବ ସେନେଇ ପରିବାର ଲୋକ ଏବେ ଚିନ୍ତାରେ ପଡ଼ିଛନ୍ତି। ବଡ଼ ପରିତାପର ବିଷୟ ସରପଞ୍ଚଙ୍କୁ ପରିବାର ଜଣାଇଥିଲେ ମଧ୍ୟ ଭିଙ୍ଗାରପୁର ଗ୍ରାମ ପଞ୍ଚାୟତ ପକ୍ଷରୁ ମୃତଦେହ ଦାହ ନେଇ ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇ ନାହିଁ। ଆବେଦନ ପରେ ସହାୟତା ଦିଆଯିବ ବୋଲି ସରପଞ୍ଚ ହୃଷିକେଶ ବେହେରା କହିଛନ୍ତି । ଘରର ଏହି ଦୁର୍ଦ୍ଦିନରେ ପଡ଼ୋଶୀମାନେ ପାଖରେ ଠିଆ ହୋଇ ଅନ୍ତ୍ୟେଷ୍ଟି କ୍ରିୟା କରାଇଥିଲେ। ଅମୂଲ୍ୟ ସୁସ୍ଥ ଥିବା ବେଳେ ମୂଲ ଲାଗି ଯାହା ରୋଜଗାର ହେଉଥିଲେ ସେଥିରେ ୫ ପ୍ରାଣୀ ଦୁଃଖେ କଷ୍ଟେ ଚଳି ଯାଉଥିଲେ। ଏବେ ପରିବାର ଲୋକ କେମିତି ଚଳିବେ ଓ ଦୁଇ ପୁଅଙ୍କ ପାଠପଢ଼ା ଖର୍ଚ୍ଚ ଆସିବ କେଉଁଠି ସେହି ଚିନ୍ତା ଗ୍ରାମବାସୀଙ୍କୁ ଘାରିଛି। ସୂଚନା ଅନୁସାରେ ଅମୂଲ୍ୟ କଟକ ସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଦୁଇ ଡିସିମିଲ ଘରଡିହ ଖଣ୍ଡକୁ ଛାଡ଼ି ଦେଲେ ତାଙ୍କର ଅନ୍ୟ କିଛି ସମ୍ବଳ ନାହିଁ। ଏଭଳି ପରିସ୍ଥିତିରେ ମୃତ ଅମୂଲ୍ୟଙ୍କ ପରିବାରକୁ ସହାୟତା ଯୋଗାଇ ଦେବା ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ନେଇ ଜିଲ୍ଲା ପ୍ରଶାସନ, ଜୟଦେବ ବିଧାୟକ ଓ ସାଂସଦ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଜିଲ୍ଲା ସାହିତ୍ୟ ପରିଷଦର ସାରସ୍ୱତ ସମାରୋହ
# ସାହିତ୍ୟ ସମାଜର ନେତୃତ୍ୱ ନେବା ଆବଶ୍ୟକ

**କେନ୍ଦ୍ରାପଡ଼ା, ୫ା୧ (ସଂଚାର ବ୍ୟୁରୋ) :** ବ୍ୟକ୍ତିର ସମ୍ପର୍କ ପରିବାର ଠୁ ନାଗରିକ ସମାଜ ଯାଏ ପରିବ୍ୟାପ୍ତ ହେବା ଉଚିତ। ମାତ୍ର ସାଂପ୍ରତିକ ସମୟରେ ବ୍ୟକ୍ତି ଓ ସମୂହର ସମ୍ପର୍କ କ୍ରମଶଃ ଛିନ୍ନ ହେବାରେ ଲାଗିଛି। ମଣିଷ ନିଜର ପତିଆରା ବୃଦ୍ଧି ପାଇଁ ଗୁରୁତ୍ୱ ଦେଉଥିବା ବେଳେ ସ୍ୱାର୍ଥ ସାଧନ ପାଇଁ ସମାଜ, ଜନ୍ମମାଟିକୁ ଗୁରୁତ୍ୱ ଦେବା ବଦଳରେ ନିର୍ଦ୍ଦିଷ୍ଟ ବ୍ୟକ୍ତି,ଦଳ ଉପରେ ଗୁରୁତ୍ୱ ଦେଉଛି। ଏଭଳି ସଂକଟଜନକ ସମୟରେ ସାହିତ୍ୟ କେବଳ ଗଳ୍ପ, ପ୍ରବନ୍ଧ,କବିତାରେ ସୀମିତ ନରହି ନାଗରିକ ସମାଜର ନେତୃତ୍ୱ ନେବା ଆବଶ୍ୟକ ବୋଲି କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ପରିଷଦର ଚତୁର୍ବିଂଶ ତମ ବାର୍ଷିକ ସାରସ୍ୱତ ସମାରୋହର ଉଦଘାଟକ ଭାବେ ଯୋଗଦେଇ ସମ୍ବାଦ ଗ୍ରୁପର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ କହିଛନ୍ତି।ପରିଷଦର ସଭାପତି କବି ଅପର୍ଣ୍ଣା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟ ସାଧାରଣ ଲୋକଙ୍କ ବୋଧଗମ୍ୟ ହେଲେ ଆହୁରି ପରିବ୍ୟାପ୍ତ ଓ ପ୍ରସାରିତ ହୋଇପାରିବ ବୋଲି କହିଥିଲେ।




ଏହି ଅବସରରେ କବି ଅଶ୍ୱିନୀ ମିଶ୍ରଙ୍କୁ ଶ୍ରୀବଳଦେବ ସମ୍ମାନ, ଗାଳ୍ପିକା ସ୍ୱାଗତିକା ସ୍ୱାଇଁଙ୍କୁ ଅଦ୍ୱୈତ କଥା ପୁରସ୍କାର, ଅନୁବାଦକ ତପନ କୁମାର ପଣ୍ଡାଙ୍କୁ ବ୍ରହ୍ମାନନ୍ଦ ଅନୁବାଦ ପୁରସ୍କାର, କବି କୃଷ୍ଣ ସିଂଙ୍କୁ ତୁଳସୀ ସମ୍ମାନ, କବି ଚିତରଞ୍ଜନ ନାୟକଙ୍କୁ ଦୀପକ କବିତା ସମ୍ମାନ ଓ ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଡକ୍ଟର ଅସିତ ମହାନ୍ତିଙ୍କୁ ଆର୍ତ୍ତବଲ୍ଲଭ ଗବେଷଣା ପୁରସ୍କାର ପ୍ରଦାନ କରାଯାଇଥିଲା। ପୁସ୍ତକ ଉନ୍ମୋଚନ ପର୍ବରେ ୩୮ଟି ଜୀବନବାଦୀ କବିତାକୁ ନେଇ ସଂକଳିତ କବି ପ୍ରମୋଦ ମଲ୍ଲିକଙ୍କ ଦ୍ୱିତୀୟ କବିତା ସଂକଳନ "ମୁହୂର୍ତ୍ତେ ମୋକ୍ଷ"କୁ ଶ୍ରୀ ପଟ୍ଟନାୟକ ଉନ୍ମୋଚନ କରିଥିଲେ। ଟାଇମ୍ ପାସ୍ ପ୍ରକାଶିତ କବୀ ଅପର୍ଣ୍ଣା ମହାନ୍ତିଙ୍କ "ଶ୍ରେଷ୍ଠ କବିତା " ମଧ୍ୟ ଏଠାରେ ଉନ୍ମୋଚିତ ହୋଇଥିଲା ।

## ମାଆଙ୍କ ଶୁଦ୍ଧିକ୍ରିୟା ପାଇଁ ଦିବ୍ୟାଙ୍ଗ ପୁଅର ସହାୟତା ଭିକ୍ଷା
# ସଂଚାରରେ ଖବର ପ୍ରସାରଣ ପରେ ବଢୁଛି ସହଯୋଗର ହାତ

**ମହାକାଳପଡ଼ା, ୫ା୧ (ସଂଚାର ବ୍ୟୁରୋ) :** ମାଆର ଶୁଦ୍ଧିକ୍ରିୟା ପାଇଁ ଦିବ୍ୟାଙ୍ଗ ପୁଅର ସହଯୋଗ ଭିକ୍ଷା ଘଟଣା ସଂଚାରରେ ପ୍ରକାଶିତ ହେବା ପରେ ଅନେକ ସଙ୍ଗଠନ ସହଯୋଗ ପାଇଁ ଆଗେଇ ଆସୁଛନ୍ତି। ଆଗରୁ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ତରଫରୁ ସହଯୋଗ ଯୋଗାଇ ଦିଆଯାଇଥିବା ବେଳେ ଆଜି ରଶ୍ମି ଚାରିଟେବୁଲ ଟ୍ରଷ୍ଟ,ଶ୍ରୀ ଲକ୍ଷ୍ମୀନାରାୟଣ ବିଦ୍ୟାଳୟ ପୁରାତନ ଛାତ୍ରମାନେ ସହଯୋଗ କରିଛନ୍ତି। ମହାକାଳପଡ଼ା ବ୍ଲକ ଜୟଚନ୍ଦ୍ରପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାନ ଗାଁ ଗ୍ରାମର ଆରତ ବେହେରା (୭୫) ଙ୍କ ପତ୍ନୀ ଧୋବଣୀ ବେହେରାଙ୍କ ୬୪ ବର୍ଷ ବୟସରେ ଗତ ଡିସେମ୍ବର ୨୮ ରେ ଶ୍ୱାସ ଜନିତ ଘଟଣାରେ ମୃତ୍ୟୁ ଘଟିଛି। ଧୋବଣୀ ଦୀର୍ଘଦିନ ଧରି ଶ୍ୱାସ ଜନିତ



ସମସ୍ୟାରେ ପିଡିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କର ଔଷଧ ଖର୍ଚ୍ଚ ପରିବାର ତରଫରୁ କଷ୍ଟରେ ଯୋଗାଡ଼ କରାଯାଉଥିଲା। ଆରତ ବେହେରାଙ୍କ ପୁତ୍ର ପ୍ରତାପ ଜଣେ ଦିବ୍ୟାଙ୍ଗ ଓ ଝିଅ ମଧ୍ୟ ଜଣେ ମାନସିକ ବିକାରଗ୍ରସ୍ତ ଅବିବାହିତ ଯୁବତୀ। ପ୍ରତାପ ଦିବ୍ୟାଙ୍ଗ ଭତ୍ତା ବାବଦକୁ ୧୨୦୦ ଓ ଏକ ଓମଫେଡ କେନ୍ଦ୍ରରେ କାମ କରି ମାସିକ ୩୦୦୦ ଟଙ୍କା ପାଉଛନ୍ତି। ଯାହା ପରିବାର ପ୍ରତିପୋଷଣ ପାଇଁ ପର୍ଯ୍ୟାପ୍ତ ନୁହେଁ। ଏମିତି ସମୟରେ ମାଆଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଯୋଗାଡ଼ କରିବା ତାଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଥିଲା।

## ଚୋର ଗିରଫ, ଚୋରି ଜିନିଷ ଉଦ୍ଧାର



**ନାଉଗାଁ, ୫ା୧ (ସଂଚାର ବ୍ୟୁରୋ) :** ନାଉଗାଁ ବ୍ଲକ ଓଡ଼ପଏଙ୍ଗା ଗ୍ରାମରୁ ଚୋରି ଘଟଣା ରେ ସେହି ଗ୍ରାମର ଅଭିଯୁକ୍ତକୁ ଗିରଫ କରିଛି ନାଉଗାଁ ପୋଲିସ । ସୂଚନା ମୁତାବକ ନାଉଗାଁ ଥାନା ଅଞ୍ଚଳର ଓଡ଼ପଏଙ୍ଗା ଗ୍ରାମର ଅଂଶୁମାନ ବେହେରାଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଘରର ସ୍କାଏଲାଇଟ ଭାଙ୍ଗି ଘର ଭିତରେ ପସି ଲ୍ୟାପଟପ, ମୋବାଇଲ ଫୋନ, ପାୱାର ବ୍ୟାଙ୍କ୍, ପମ୍ପସେଟ, ଘରେ ଥିବା ଗଡ଼ରେଜ ଭାଙ୍ଗି ଚୁଡ଼ି ଓ ଅନ୍ୟାନ ମୂଲ୍ୟବାନ ସାମଗ୍ରୀ ଲୁଟ ହୋଇଥିବାକୁ ନେଇ ଅଂଶୁମାନ ଏକ ଲିଖିତ ଅଭିଯୋଗ ନାଉଗାଁ ଥାନାରେ କରିଥିଲେ। ପୋଲିସ୍ ଏଥିରେ ସମ୍ପୃକ୍ତ ଥିବା ସେହି ଗ୍ରାମର ଅଭିଯୁକ୍ତ ଶରତ ଦାସ ଙ୍କ ପୁଅ ମନୋରଞ୍ଜନ ଦାସ (ମନୋଜ )କୁ ପୋଲିସ ଗିରଫ କରି ଚୋରି ଯାଇଥିବା ସମସ୍ତ ସାମଗ୍ରୀକୁ ଜବତ କରିଛି।

## ଜମିହରା ଚାଷୀଙ୍କୁ କ୍ଷତିପୂରଣ ପାଇଁ ଆଲୋଚନା



**କେନ୍ଦ୍ରାପଡା, ୫ା୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅଞ୍ଚଳରେ ପ୍ରସ୍ତାବିତ ଇସ୍ପାତ କାରଖାନା ପାଇଁ ପ୍ରଶାସନ ଜମି ଅଧିଗ୍ରହଣ ନିମନ୍ତେ ବିଜ୍ଞାପନ ଜାରି କରିବାପରେ ଜମି ହରାଉଥିବା ଚାଷୀମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି । ଏହାକୁ ପ୍ରଶମିତ କରିବା ପାଇଁ ଚାଷୀ ପ୍ରତିନିଧିମାନଙ୍କ ସହିତ ଜିଲ୍ଲା ପ୍ରଶାସନର ଏକ ଦ୍ୱିପାକ୍ଷିକ ଆଲୋଚନା ସଭା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ପ୍ରଶାସନ ଜମି ଅଧିଗ୍ରହଣ କରିବା ସମୟରେ ବିଭିନ୍ନ କିସମର ଜମିଗୁଡ଼ିକ ପାଇଁ କ୍ଷତିପୂରଣ ଓ ଥଇଥାନ ନୀତି ସାର୍ବଜନୀନ କରିବା ନିମନ୍ତେ ଦାବି କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଓ ଜମି ଅଧିଗ୍ରହଣ ଅଧିକାରୀ ଅଶୋକ କୁମାର ପଣ୍ଡା ଚାଷୀ ପ୍ରତିନିଧିମାନଙ୍କୁ କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। କୃଷକ ପ୍ରତିନିଧିମାନଙ୍କ ପକ୍ଷରୁ ରମଣୀ ରଂଜନ ରାଉତରାୟ, ଅଜୟ ସାମଲ, ଆଦିକନ୍ଦ ରାଉଳ, ପ୍ରଶାନ୍ତ ଚୌଧୁରୀ, ହରେକୃଷ୍ଣ ମାଝୀ, ଧୀରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୫୦ ଫୁଟ ତଳକୁ ଖସିଲା କାର୍, ଅଳ୍ପକେ ବର୍ତ୍ତିଲେ ୪ ଯାତ୍ରୀ

**ନବରଙ୍ଗପୁର, ୫ା୧ (ସଂଚାର ବ୍ୟୁରୋ) :** ନବରଙ୍ଗପୁର ଉପକଣ୍ଠସ୍ଥ ଇନ୍ଦ୍ରାବତୀ ପୋଲରୁ ପ୍ରାୟ ୫୦ ଫୁଟ ତଳକୁ ଖସି ପଡ଼ିଲା କାର୍। ଗତକାଲି ବିଳମ୍ବିତ ରାତିରେ ଘଟିଛି ଏଭଳି ଅଘଟଣ। କାର୍‌ରେ ଥିବା ୪ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦୁର୍ଘଟଣା ଖବର ପାଇଁ ନବରଙ୍ଗପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ କାର୍‌ରୁ ଉଦ୍ଧାର କରିଥିଲେ। ନୂଆ ବର୍ଷ ପାଳନ



ନିମନ୍ତେ ନବରଙ୍ଗପୁର ସହର ସେନାପତି ସାହିର ଆଇନଜୀବୀ ବରୁଣ କୁମାର ନାୟକ ପରିବାର ସହ ମିଶି ୪ ଜଣ କୋରାପୁଟର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଦେଓମାଳି ପରିଦର୍ଶନରେ ଯାଇଥିଲେ। ଗତକାଲି ବିଳମ୍ବିତ ରାତିରେ ନବରଙ୍ଗପୁର ନିଜ ଘରକୁ ଫେରୁଥିଲେ। ବରୁଣ ନିଜେ ଗାଡ଼ି ଚାଳନା କରୁଥିଲେ। ନବରଙ୍ଗପୁର ପହଞ୍ଚିବା ପାଇଁ ମାତ୍ର ୩ କିଲୋମିଟର ଥିବା ବେଳେ ସହର ପୂର୍ବରୁ ଥିବା ଇନ୍ଦ୍ରାବତୀ ପୋଲ ନିକଟରେ ଗାଡ଼ି ଅଣାୟତ ହେବା ଫଳରେ କାର୍ ପ୍ରାୟ ୫୦ ଫୁଟ ତଳକୁ ଖସି ପଡ଼ିଥିଲା। ସୌଭାଗ୍ୟବଶତଃ କୌଣସି ଯାତ୍ରୀଙ୍କ ଜୀବନହାନି ହୋଇ ନଥିବା ବେଳେ ସମସ୍ତେ ସାମାନ୍ୟ ଆହତ ହୋଇଥିଲେ। ଖବର ପାଇ ନବରଙ୍ଗପୁର ଅଗ୍ନିଶମ ବାହିନୀ ଟିମ୍ ପହଞ୍ଚି କାର୍‌ରୁ ସମସ୍ତ ଆହତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ହଂସୁଆସେତୁ ସଫେଇ

**ରାଜନଗର, ୫ା୧ (ସଂଚାର ବ୍ୟୁରୋ) :** ରାଜନଗର ବ୍ଲକକୁ ରାଜଧାନୀ ସହିତ ସଂଯୋଗ କରୁଥିବା ହଂସୁଆ ସେତୁ ବୁଲା ଗାଇ ଗୋରୁ ଷଣ୍ଢଙ୍କ ଗୋବର ମୁତ୍ର ଏବଂ ବାହାର ଆବର୍ଜନା ଗୁଡିକ ଗଦେଇ ଯୋଗୁଁ ହଂସୁଆ ସେତୁଟି ଅଳିଆଗଦାରେ ପରିଣତ ହୋଇଛି। ପ୍ରତ୍ୟେକ ଦିନ ଶହ ଶହ ଲୋକ ବିଭିନ୍ନ କାର୍ଯ୍ୟ ପାଇଁ ରାଜନଗର ଆସିବା ସହିତ ଦେଶ ବିଦେଶର ପର୍ଯ୍ୟଟକ ଏହି ସେତୁ ଦେଇ ଭିତରକନିକାରେ ପାଦ ଥାପିଥାନ୍ତି। ଅଳିଆ ଆବର୍ଜନା ପୂର୍ଣ୍ଣ ସେତୁର ଉଭୟ ପାର୍ଶ୍ୱକୁ ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ ଏହି ବ୍ଲକ ଗୋସିଗାଁର ଅବସରପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ଅନନ୍ତ କିଶୋର ରାଉତ ନିଜ ସହଯୋଗୀ ମାନଙ୍କ ସହିତ ସଫେଇ କରିଥିଲେ।

ଶ୍ରୀ ରାଉତ ତାଙ୍କ ସହଯୋଗୀଙ୍କ ସହିତ ଗାଈ, ଗୋରୁଙ୍କ ଗୋବର, ଜରି ଓ ଅନ୍ୟାନ୍ୟ ଆବର୍ଜନାକୁ



ସଂଗ୍ରହ କରିଥିଲେ। ଅଳିଆ ଆବର୍ଜନାକୁ ପୋଡି ଦେଉଥିବା ବେଳେ ଗୋବରକୁ ସଂଗ୍ରହ କରି କମ୍ପୋଷ୍ଟ କରିବା ପାଇଁ ସାଥିରେ ନେଇଯାଇଥିଲେ। ସେତୁରେ ଯାତାୟତ କରୁଥିବା ପର୍ଯ୍ୟଟକ ଓ ପଥିକମାନେ ଶିକ୍ଷକଙ୍କର ଏହି ମହନୀୟ କାର୍ଯ୍ୟକୁ ପ୍ରଂଶସା କରିବା ସହିତ ସେଲଫି ଉଠାଉଥିବା ଦେଖିବାକୁ ମିଳିଥିଲା।

# କେନ୍ଦ୍ରାପଡ଼ା ସହର ଉପରେ ପୋଲିସର କଡ଼ା ନଜର



**ଯାଜପୁର ଗୁଳିକାଣ୍ଡ ପରେ ସୁରକ୍ଷାକୁ ଗୁରୁତ୍ୱ**
**ସହରର ମୁଖ୍ୟ ସ୍ଥାନରେ ତନଖି ଜାରି**

**କେନ୍ଦ୍ରାପଡ଼ା, ୫ା୧ (ସଂଚାର ବ୍ୟୁରୋ) :** ଦିନକୁ ହିଂସା, ଆକ୍ରମଣ ଏବଂ ଗୁଳିକାଣ୍ଡ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ବ୍ୟକ୍ତିଗତ ଆକ୍ରୋଶ ଠୁ ଆରମ୍ଭ କରି ଦାଦାବଟି, ଲୁଟ୍, ଛିନ୍ତାଇ, ଚୋରି ଆଦି ପାଇଁ ଦୁର୍ବୃତ୍ତ ମାନେ ଅନ୍ୟର ଜୀବନ ନେବାକୁ ପଛାଉନାହାଁନ୍ତି । ଯାହାର ଜ୍ୱଳନ୍ତ ଉଦାହରଣ ଯାଜପୁର ଜିଲ୍ଲାରେ ଦେଖିବାକୁ ମିଳିଛି। ଯାଜପୁର ସୁନା ଦୋକାନ ଗୁଳିକାଣ୍ଡ ଘଟଣା ପରେ ସୁରକ୍ଷା ବେବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ସହର ମଧ୍ୟରେ ପ୍ରବେଶ କରି ଦୁର୍ବୃତ୍ତଙ୍କ ଆତଙ୍କ ଖେଳାଇବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ଯାହାକୁ ନେଇ କେନ୍ଦ୍ରାପଡା ପୋଲିସ ରବିବାର ଦିନ ଆକ୍ଟିଭ ମୁଡ଼କୁ ଆସିଛି । ସହରରେ ଥିବା ସୁନା ଗହଣା ଦୋକାନ ଠୁ ଆରମ୍ଭ କରି ବିଭିନ୍ନ ବଡ଼ ବଡ଼ ବ୍ୟବସାୟୀ ଙ୍କ ଉପରେ ନଜର ରଖି କେନ୍ଦ୍ରାପଡା ସହରର ଛୋଟ ବଡ଼ ଗଳିକନ୍ଦିକୁ ପୋଲିସ ତନଖି କରିଛି । ସହରକୁ ଆସୁଥିବା ବିଭିନ୍ନ ଲୋକଙ୍କୁ ଅଟକାଇ କଡ଼ା ଚେକିଙ୍ଗ କରି ସୁରକ୍ଷାକୁ ଗୁରୁତ୍ୱ ଦେଇଛି କେନ୍ଦ୍ରାପଡା ଟାଉନ ଥାନା ପୋଲିସ୍। ଗତ ଶନିବାର ଯାଜପୁର ଗୁଳିକାଣ୍ଡ ଘଟଣାର ପରେ କେନ୍ଦ୍ରାପଡା ସହରର ସୁରକ୍ଷା ପାଇଁ କେନ୍ଦ୍ରାପଡା ଟାଉନ ଥାନା ଅଧିକାରୀ ଦିଲ୍ଲୀପ ସାହୁଙ୍କ ନେତୃତ୍ୱରେ ପୁରା ଟିମ୍ ରବିବାର ସଂଧ୍ୟାରେ ବିଭିନ୍ନ ସ୍ଥାନ ମାନଙ୍କରେ ସଜାଗ ରହିଥିବା ଦେଖିବାକୁ ମିଳିଛି।

# ପୁଲିସ ପାଟ୍ରୋଲିଂ କଡାକଡ଼ି କରିବାକୁ ଦାବି

**ନିମାପଡା, ୫ା୧ (ସଂଚାର ବ୍ୟୁରୋ) :** ଗତ ଶୁକ୍ରବାର ବିଳମ୍ବିତ ରାତ୍ରରେ ଯୋଗେଶ୍ୱରପୁର ନିକଟରେ ଏକ ରାଇସ ମିଲ ସାମ୍ନାରେ ଥିବା ଦୋକାନ ଭାଙ୍ଗି, ଦୋକାନରୁ ନଗଦ ଟଙ୍କା ଓ ବିଭିନ୍ନ ସାମଗ୍ରୀ ଚୋରି ହୋଇଯାଇଛି। ଘଟଣାର ଶିକାର ହେଇଥିବା ରାଜେଶ ବେହେରା ଦୀର୍ଘ ଦିନ ହେଲା ସେଠାରେ ଏକ ଭେରାଇଟ ଷ୍ଟୋର ଦୋକାନ କରି ପରିବାର ଚଳାଇ ଆସୁଥିଲେ। ଚୋର ଦୋକାନ ଭାଙ୍ଗି ସେଥିରୁ ନଗଦ ୬ ହଜାର ଟଙ୍କା, ୧୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ବିଭିନ୍ନ ସାମଗ୍ରୀ,ଗୋଟିଏ ମୋବାଇଲ ଫୋନ ଓ ସ୍ଥାନୀୟ ରାଇସ ମିଲ କର୍ମଚାରୀ ସେହି ଦୋକାନରେ ରଖିଥିବା ରୋସେଇ ବାସନ କୁସନ ସବୁ ଚୋରୀ କରି ନେଇଯାଇଛନ୍ତି। ଏସମ୍ପର୍କରେ ଦୋକାନୀ ରାଜେଶ ନୟାହାଟ ଫାଣ୍ଡିରେ ଅଭିଯାଗ କରିଛନ୍ତି। ସୂଚନା ଯୋଗ୍ୟ ପ୍ରତିଦିନ ସଂଧ୍ୟା ହେଲେ ଯୋଗେଶ୍ୱରପୁର, ବିନିଶପୁର ଓ ଶିଖର ଘାଟ ଦେଇ ଯାଇଥିବା ଜଗତସିଂହପୁର ରାସ୍ତାରେ ଛକ,ବଜାର ଓ ନିଛାଟିଆ ସ୍ଥାନ ମାନଙ୍କରେ ଥିବା ବ୍ରିଜ ଗୁଡ଼ିକ ସବୁ ନିଶାଡି ମାନଙ୍କର ଆଡ୍ଡାସ୍ଥଳୀ ପାଲଟୁଛି । ସ୍ଥାନୀୟ ପୁଲିସର ନିଷ୍କ୍ରିୟତା କାରଣର ସୁବିଧା ନେଇ ନିଶା ବେପାରୀମାନେ ଏହି ସବୁ ସ୍ଥାନ ମାନଙ୍କରେ ବେଧଡକ ଭାବେ ବ୍ରାଉନ ସୁଗାର,ଚୋରା ଗଞ୍ଜେଇ ଓ ମଦ କାରବାର କରିବା ଯୋଗୁଁ ଚୋରୀ ଓ ରାହାଜାନି ବୃଦ୍ଧି ପାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ପୁଲିସ ପାଟ୍ରୋଲିଂ କଡାକଡ଼ି କରିବାକୁ ସଧାରଣରେ ଦାବୀ ହେଉଥିବା ପ୍ରକାଶ।

## ସିପିଆଇର ପରିବର୍ଦ୍ଧିତ ଜିଲ୍ଲା କମିଟି ସଭା

**କେନ୍ଦ୍ରାପଡା, ୫ା୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଶାଖା ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ପରିବର୍ଦ୍ଧିତ ଜିଲ୍ଲା କମିଟି ସଭା ଗୋପଛକ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାର୍ଟିର ରାଜ୍ୟ ସଂପାଦକ ଆଶିଷ କାନୁନଗୋ ମୁଖ୍ୟ ଅତିଥି ଓ ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ଜୟନ୍ତ ଦାସ ପର୍ଯ୍ୟବେକ୍ଷକ ରୂପେ ଯୋଗଦେଇଥିଲେ। ଚଳିତ ବର୍ଷ ପାର୍ଟିର ବର୍ଷ ବ୍ୟାପି ଶତବାର୍ଷିକ ଉତ୍ସବ ପାଳନ କରାଯାଉଥିବାରୁ ପାର୍ଟିର ଗୌରବମୟ ଐତିହ୍ୟ ଓ ଜନଗଣଙ୍କ ସ୍ୱାର୍ଥରେ ଦୀର୍ଘ ସାଲିସ ହୀନ ସଂଗ୍ରାମର ଇତିହାସ ଜନଗଣଙ୍କ ମଧ୍ୟକୁ ନେବା ପାଇଁ ପରାମର୍ଶ ଦେଇଥିଲେ। ଏଥି ସହିତ ଆସନ୍ତା ଜାନୁଆରୀ ୨୯ ତାରିଖରେ କୃଷକ ମାନଙ୍କ ସମସ୍ୟା ନେଇ ଜିଲ୍ଲାପାଳଙ୍କ ଅଫିସ ଆଗରେ ଏକ ବିଶାଳ ବିକ୍ଷୋଭ ସମାବେଶ ସଂଗଠିତ କରିବାକୁ ଘୋଷଣା କରାଯାଇଥିଲା।

# ଉଜୁଡ଼ା କ୍ଷେତକୁ ଦେଖି ଟଳି ପଡିଲେ ଚାଷୀ

**ନାଉଗାଁ, ୫ା୧ (ସଂଚାର ବ୍ୟୁରୋ):** ଧାନଚାଷ କ୍ଷତି ସହି ନପାରି ଧାନ ବିଲରେ ଟଳି ପଡିଲେ ଭାଗଚାଷୀ । ଏପରି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ଅଧିନସ୍ତ ନାଉଗାଁ ବ୍ଲକର ରୋହିଆ ପଞ୍ଚାୟତର ଅରଖକୁଦ ଗ୍ରାମରେ।



ଏହି ଗ୍ରାମର ଧର୍ମାନନ୍ଦ ନାୟକ ଜଣେ ଭାଗଚାଷୀ ବୟସ ପାଖପାଖି ୬୫ ବର୍ଷ ହେବ। ଚାଷରୁ ବର୍ଷକୁ ଯେତିକି ଆୟ ହୁଏ ସେଥିରେ ଧର୍ମାନନ୍ଦ ଙ୍କ ତେଲ ଲୁଣର ସଂସାର ଚାଲେ । କିନ୍ତୁ ଗତ କିଛି ଦିନ ତଳେ ଲଘୁଚାପ ଜନିତ ଲଗାଣ ବର୍ଷାରେ ଧାନ ବିଲରେ ଆଣ୍ଠୁଏ ପାଣି ଯାହା ଫଳରେ ଧାନ ଗଜା ହେବା ସହିତ ସମ୍ପୂର୍ଣ୍ଣ ସଢ଼ିବାରେ ମଧ୍ୟ ଲାଗିଛି। ଧର୍ମାନନ୍ଦ ଚଳିତ ବର୍ଷ ପ୍ରାୟ ଧାନ ଚାଷ କରିବା ପାଇଁ ଏକ ଲକ୍ଷ ଟଙ୍କା ଋଣ କରି ନିଜର କିଛି ଜମି ସହିତ ଭାଗ ଚାଷ ସହିତ ପାଖା ପାଖି ୫ ଏକର ରୁ ଅଧିକ ଜମି ଧାନ ଫସଲ କରିଥିଲେ। ତେବେ ଆଜି ସକାଳୁ ଧର୍ମାନନ୍ଦ ନିଜ ବିଲକୁ ଯାଇ ଉଜୁଡ଼ି ଯାଇଥିବା ଧାନ ଫସଲକୁ ଦେଖି ସେଠାରେ ହିଁ ସେ ଟଳି ପଡିଥିଲେ। ତେବେ ଆଖ ପାଖରେ ଥିବା ଅନ୍ୟ ଚାଷୀମାନେ ତାଙ୍କୁ ଘରକୁ ଆଣିଥିଲେ। ହେଲେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ଧର୍ମାନନ୍ଦ ପରିବାରର ଏକମାତ୍ର ରୋଜଗାରିଆ କ୍ଷମ ବ୍ୟକ୍ତି ଥିବାରୁ ତାଙ୍କର ମୃତ୍ୟୁରେ ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ଗ୍ରାମବାସୀମାନେ ଦାବୀ କରିଛନ୍ତି । ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ଧର୍ମାନନ୍ଦଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହିତ ସରକାରୀ ସ୍ତରରେ ଯାହା କିଛି ସାହାଯ୍ୟ କରାଯାଇ ପାରିବ ତାହା ନିଶ୍ଚିତ ଭାବରେ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଜିଲ୍ଲା ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘର ସମ୍ମିଳନୀ

**ବୋରିଗୁମ୍ମା, ୫ା୧ (ସଂଚାର ବ୍ୟୁରୋ) :** ଶଶୀ ଭୂଷଣ ଦାଶ୍ ରାଜ୍ୟ ସଭାପତି ମାଧ୍ୟମିକ ବିଦ୍ୟାଳୟ କର୍ମଚାରି ସଂଘ ଓଡ଼ିଶାଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀକାଳୀନ ବୈଠକ ଓ ଜିଲ୍ଲା ସମ୍ମିଳନୀ କୋଲାବ୍ ନଗର ସ୍ଥିତ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟ ଅତିଥି ଭାବେ



ପୂର୍ବତନ ଅଧ୍ୟକ୍ଷ ଓଡ଼ିଶା ଅମଲା ସଂଘ ଓଡ଼ିଶା ସୁନାକର ରାଉତ ଓ କାଳି ପ୍ରସାଦ ମିଶ୍ର ରାଜ୍ୟ ଉପସଭାପତି ମାଧ୍ୟମିକ ବିଦ୍ୟାଳୟ କର୍ମଚାରି ସଂଘ ଓଡ଼ିଶା ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ହୋଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ତତ୍ ସହିତ ରାଜେନ୍ଦ୍ର ନାରାୟଣ ପାଢ଼ୀ, ଜଗେନ୍ଦ୍ର ଚୌଧୁରୀ ବିଭାଗୀୟ ଅଧିକାରୀ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଲମତାପୁଟ ଓ କୁନ୍ଦୁରା, ପ୍ରମୋଦ କୁମାର ଭୂୟାଁ ବରିଷ୍ଠ ସହାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ବୈପାରିଗୁଡା ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଶ୍ରୀ ଦାଶ୍ ରାଜ୍ୟ ସଭାପତି ଏ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ କେ । ର । ପୁ ଟ ଙ୍କୁ ବାରମ୍ବାର ଅବଗତ କରାଯାଇଥିବା ସହିତ ପୁଣି ଥରେ କର୍ମଚାରୀଙ୍କ ସମସ୍ୟା ନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ନେଇ ବୈଠକରେ ମତ ଦେଇଥିଲେ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ କର୍ମଚାରୀମାନଙ୍କର ସମସ୍ୟାର ସମାଧାନ କରିବା ସହିତ ସଂଘ ଦେଇ ଥିବା ପତ୍ର ଉପରେ ଗୁରୁତ୍ୱ ଦେଇ ଅତିଶିଘ୍ର ସେ ଉପରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ପାଇଁ ଶ୍ରୀ ଦାଶ୍ ଅନୁରୋଧ କରିଥିଲେ ।

# ସିଟି salad

## ଲୋକସମ୍ପର୍କ ବିଭାଗରେ ଚାଇନା ମାଲ୍




ପ୍ରଧାନମନ୍ତ୍ରୀଙ୍କ ଠାରୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ମେକ୍ ଇନ୍ ଇଣ୍ଡିଆ ଉପରେ ଗୁରୁତ୍ୱ ଦେଉଥିବାବେଳେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ବାବୁମାନେ କିନ୍ତୁ ଚାଇନା ମାଲ୍ ପ୍ରେମରେ ପଡିଛନ୍ତି। ଚାଇନ୍ ପ୍ରେମର କଥାଟି ପଦାକୁ ଆସିଲା ଯେତେବେଳେ ବାବୁମାନେ ସାମ୍ବାଦିକଙ୍କୁ ସେମାନଙ୍କ କାର୍ଡ ସହିତ ମେଡ୍ ଇନ୍ ଚାଇନାର ଫ୍ରେମଟିଏ ଧରାଇଥିଲେ। ଅନେକ ଏହାକୁ ଦେଖି ଆଶ୍ଚର୍ଯ୍ୟ ବି ହେଲେ। ହେଲେ କାହାକୁ କିଛି ନକହି ଚୁପ୍‌ଚାପ୍ ଧରିକି ଆସିଲେ। ଏଥିରେ ସଫା ସଫା ଲେଖାଅଛି ମେଡ୍ ଇନ୍ ଚାଇନା। ତେବେ ବାବୁମାନେ ସାମଗ୍ରୀ କିଣିବା ପୂର୍ବରୁ ଟିକେ ମେକ୍ ଇନ୍ ଇଣ୍ଡିଆ କଥା ଭାବିବାର ଥିଲା। ଦେଶ ଓ ରାଜ୍ୟ ମୁଖ୍ୟ ଯାହା କହୁଛନ୍ତି ସରକାରୀ ବିଭାଗ ଠିକ୍ ତାର ଓଲଟା କରିବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ଯାହା ସୂଚନା ମିଳିଛି କାର୍ଡ ତିଆରି କରିଥିବା ସଂସ୍ଥା ଅଧିକ ଲାଭ ଆଶାରେ ସରକାରଙ୍କୁ ମେଡ୍ ଇନ୍ ଚାଇନା ମାଲ୍ ଧରାଇଦେଇଛି। ତେବେ ବାବୁମାନେ ଏହାକୁ ଦେଖି ବ୍ୟବହାର କରିବାର ଥିଲା ବୋଲି ଅନେକ ସାମ୍ବାଦିକ ମତ ଦେଉଛନ୍ତି।

## ଘରଣୀ ଛାଡ଼ିବାର ସାଇଡ୍ ଇଫେକ୍ଟ



ରାଜଧାନୀରେ ଜଣେ ବରିଷ୍ଠ ଆଇପିଏସ୍ ବାବୁ ଏବେ ନିଜ ଅଧସ୍ତନମାନଙ୍କ ଉପରେ ଖାଲି ଗର ଗର ହେଉଛନ୍ତି। ଯାହାକୁ ଯେମିତି ପାରୁଛନ୍ତି ମନଇଚ୍ଛା ଗାଳି ଦେଉଛନ୍ତି। କଥା କଥାରେ ଇଂରାଜୀ ଗାଳି ଶୁଣି ଅଧସ୍ତନ କର୍ମଚାରୀମାନେ ହାଲିଆ ହୋଇଗଲେଣି। ବାବୁ ଭାରି ହୁସିଆର। କୌଣସି ଗରୁତ୍ୱପୂର୍ଣ୍ଣ ଫାଇଲ୍‌ରେ ହାତ ମାରୁନାହାନ୍ତି। ଯେଉଁ ଦସ୍ତଖତ କରିବା କଥା ଆସୁଛି ତଳ ବାବୁଙ୍କୁ କହୁଛନ୍ତି ଦସ୍ତଖତ କରିଦିଅ। ଏତେ ହୁସିଆର ବାବୁ କାହିଁକି ଗାଳି ଦେଉଛନ୍ତି ତାହା ବୁଝିବାକୁ ଯାଇ କିଛି ଗାଳିଖିଆ ପତ୍ତା ଲଗାଇଲେ ଯେ ଅସଲ କାରଣଟି ରହିଛି ବାବୁଙ୍କ ଘରେ। ବାବୁ ଘରେ ଏକୁଟିଆ ରହି ଟେନ୍‌ସନ ହେଉଛନ୍ତି। ବାବୁଆଣି ରହୁନାହାନ୍ତି। ଏକୁଟିଆ ରହି ବାବୁ କୁଆଡେ ଚିଡିଚିଡା ହୋଇଗଲେଣି। ପୂର୍ବରୁ ଭାରି ଶାନ୍ତ ସ୍ୱଭାବର ଥିଲେ। ବୟସ ଭଢ଼ିବା ସହିତ ଘରଣୀ ଦୂରରେ ରହିବା ବାବୁଙ୍କ ଭାରି ବାଧୁଛି। ଏହା କୁଆଡେ ଘରଣୀଙ୍କୁ ଛାଡିବାର ସାଇଡ ଇଫେକ୍ଟ ବୋଲି ତଳିଆ ବାବୁମାନେ ଆଲୋଚନା କରୁଛନ୍ତି। ତେବେ ବାବୁଙ୍କ ଆସିବାରେ ଖୁସି ହେଉଥିବା କିଛି ତଳିଆ ଅଧିକାରୀ ଏବେ ବାବୁ କିଭଳି ରାଜଧାନୀରୁ ବିଦା ହେବେ ସେଥିପାଇଁ ପଞ୍ଚାନନ ମେଳା ଆୟୋଜନ କରୁଥିବା ଜଣାଯାଇଛି।

## ସବୁ ସେହି କ୍ରୀଷ୍ଣାଙ୍କ ଆଶୀର୍ବାଦ



ରାଜଧାନୀରେ ଫୁଟବଲ ଖେଳର ବିକାଶ କରିବାକୁ ଅନ୍ୟ ସ୍ଥାନରୁ ଡେପୁଟେସନରେ ଆସିଥିବା ଜଣେ ବାବୁ ଆଉ ରାଜଧାନୀ ଛାଡୁ ନାହାନ୍ତି। ଏହି ବାବୁଙ୍କ ଡେପୁଟେସନ କାର୍ଯ୍ୟକାଳକୁ ଇତି ମଧ୍ୟରେ ଛଅ ବର୍ଷ ଚାଲିଥିବାବେଳେ ନିକଟରେ ନିଜ ପତ୍ନୀଙ୍କ ଆଣି ବି ଏଠାରେ ଥଇଥାନ କରିଦେଇଛନ୍ତି। ଯିଏ ପଚାରିଲେ କହୁଛନ୍ତି ସବୁ ସେହି କ୍ରୀଷ୍ଣାଙ୍କ ଆର୍ଶୀବାଦ। କ୍ରୀଷ୍ଣାଙ୍କ ଆର୍ଶୀବାଦରୁ ଧଡଡା ମୋଟର ସାଇକେଲ ଧରି ରାଜଧାନୀକୁ ଆସିଥିବା ଏହି ଖେଳୁଆଡ ଜଣଙ୍କ କାର୍ ପରେ କାର୍ କିଣି ଚାଲିଲେ। ଏବେ ତାଙ୍କ ମାଲିକାନାରେ କୁଆଡେ ଚାରି ପାଞ୍ଚଟି ଏସୟୁଭି ରହିଛି। ନିକଟରେ ନିଜ ପତ୍ନୀଙ୍କୁ ଆଣି ରାଜଧାନୀରେ ରଖିବାରେ ସଫଳ ହୋଇଛନ୍ତି। କ୍ରୀଡା ବିଭାଗର ଏହି ଖେଳାଳୀଙ୍କୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ସେ କିନ୍ତୁ ନିଜକୁ କ୍ରୀଷ୍ଣାଭକ୍ତ ବୋଲି କହି ବୁଲୁଛନ୍ତି। ତେବେ ଖେଳ ବିଭାଗର କିଛି ବାବୁ ବି ତାଙ୍କ ଭକ୍ତିଭାବ ପଣିଆକୁ ସଠିକ୍ ବୋଲି ଦର୍ଶାଇଛନ୍ତି। କ୍ରୀଷ୍ଣାଙ୍କ ଆର୍ଶୀବାଦରୁ ରାଜଧାନୀକୁ ଆସି ତାଙ୍କରୀ ଆର୍ଶୀବାଦରେ କାୟା ବିସ୍ତାର କରି ଗୋଟିଏ ସ୍ଥାନରେ ୬ବର୍ଷ ରହିବାପରେ ଏବେ ପତ୍ନୀଙ୍କୁ ଆଣି ଏଠାରେ ଥଇଥାନ କରିଦେଇଛନ୍ତି।

## ବନ୍ଦ କୋଠରିରେ କ୍ରିକେଟ୍ ଖେଳ



ରାଜଧାନୀର ଗୋଟିଏ ବନ୍ଦ କୋଠରୀରେ କ୍ରିକେଟ ଖେଳ ହୋଇଛି। ଖେଳରେ ଅଂଶଗ୍ରହଣ କରିଥିବା ଖେଳାଳୀମାନେ ନୂଆ ଗଞ୍ଜି ପିନ୍ଧି ଫଟୋ ଉଠାଇଛନ୍ତି। ଶକ୍ତି ସଂସ୍ଥାର ଏହି ପାୱାର କ୍ରିକେଟର ଗୁମର ସେତେବେଳେ ଜଣାପଡିଲା ଯେତେବେଳେ ଉକ୍ତ ସଂସ୍ଥାରୁ କ୍ରିକେଟ ଖେଳ ଆୟୋଜନ ବାବଦରେ ପଇସା ଉଠାଣ ହେଲା। ହେଉଥିବା ଆଲୋଚନା ଅନୁଯାୟୀ ଗୋଟିଏ ଶକ୍ତି ଉତ୍ପାଦନକାରୀ ସଂସ୍ଥା ପ୍ରତିବର୍ଷ ପାୱାର କ୍ରିକେଟ ଆୟୋଜନ କରିଥାଏ। ହେଲେ ଚଳିତ ବର୍ଷ ମୁଖିଆଙ୍କ ମନ ଭଲ ନଥିବାରୁ ପଡିଆରେ ଖେଳ ଆୟୋଜନ ହୋଇପାରିଲା ନାହିଁ। ତେବେ ଖେଳ ପଇସା କେମିତି ଖୋଳ ହେବ ସେଥିପାଇଁ କିଛି ବାବୁଙ୍କ ମଗଜରେ ବୁଦ୍ଧି ଜୁଟିଲା। ଚୁପ୍‌ଚାପ୍ ରାଜଧାନୀରେ ଖେଳର ଆୟୋଜନ ହେଲା। ଶହୀଦନଗର ଅଞ୍ଚଳରେ ଏକ କୋଠରୀରେ ରାତିରେ ଖେଳାଳୀମାନେ ଏକଜୁଟ ହେଲେ। କିଣାହୋଇ ଆସିଥିବା ନୂଆ ଗଞ୍ଜି ପିନ୍ଧି ଫଟୋ ଉଠାଇଲେ। ଭୋଜି ଖାଇ ଘରକୁ ଫେରିଲେ। ହେଲେ ଯେତେବେଳେ ପାୱାର କ୍ରିକେଟ ପାଇଁ ଅଫିସ୍‌ରୁ ପଇସା ଉଠାଣ ପ୍ରସ୍ତୁତି ଆରମ୍ଭ ହେଲା ସେତେବେଳେ କିଛି ବାବୁ ଖେଳ କେଉଁଠାରେ କେତେବେଳେ ହେଲା ତାହାକୁ ଖୋଜିବାରେ ଲାଗିଲେ। ଶେଷରେ ଜାଣିଲେ ଥିବା ପାୱାରଫୁଲ୍ ବାବୁମାନେ ବନ୍ଦ କୋଠରୀରେ ପାୱାର କ୍ରିକେଟ ଖେଳି ଦେଇଛନ୍ତି। କାନମୁଣ୍ଡା ଆଉଁଷି ରହିବାକୁ ଉଚିତ୍ ମଣିଲେ।

## କୁମ୍ଭ ମେଳାରେ ମନ ନାହିଁ




କୁମ୍ଭମେଳା ପାଇଁ ଓଡିଶାକୁ ନିମନ୍ତ୍ରଣ କରିବାକୁ ଆସିଥିବା ନିଜ ଦଳର ଲୋକଙ୍କୁ ଦେଖା ଦେଇନାହାନ୍ତି ଜଣେ ବରିଷ୍ଠ ନେତ୍ରୀ। ତାଙ୍କର ଏଭଳି ବ୍ୟବହାର ଦେଖିବାପରେ କୁମ୍ଭ ମେଳାରେ ତାଙ୍କ ମନ ନାହିଁ ବୋଲି ନିମନ୍ତ୍ରଣକାରୀମାନେ କହିଛନ୍ତି। ଏ ସଂକ୍ରାନ୍ତରେ ହେଉଥିବା ଆଲୋଚନାରୁ ଜଣାଯାଇଛି ଯେ ଉତ୍ତରପ୍ରଦେଶରୁ ସଂଘ ପରିବାରର ସଦସ୍ୟ କୁମ୍ଭମେଳା ବୁଲିଯିବାପାଇଁ ନିମନ୍ତ୍ରଣ କରିବାକୁ ଓଡିଶା ଆସିଥିଲେ। ନିଜ ଦଳର ଲୋକ ହୋଇଥିବାରୁ ବିଜେପିର କିଛି ଲୋକ ସେମାନଙ୍କୁ ପାଛୋଟି ନେଇଥିଲେ। ହେଲେ ଜଣେ ବରିଷ୍ଠ ନେତ୍ରୀ କିନ୍ତୁ ସମୟ ନଥିବା କହି ସେମାନଙ୍କୁ ଫେରାଇ ଦେଇଥିଲେ। ଏହା ଏବେ ସଂଘ ପରିବାର ଓ ସରକାରରେ ଚର୍ଚ୍ଚାର ବିଷୟ ପାଲଟିଛି। ନିମନ୍ତ୍ରଣକାରୀମାନେ କିଛି ନକହି ଫେରି ଯାଇଥିବାବେଳେ ଏହାର କିନ୍ତୁ ସୁଦୂରପ୍ରସାରୀ ପ୍ରଭାବ ପଡିବ ବୋଲି ପରୋକ୍ଷରେ ସୂଚନା ଦେଇଯାଇଛନ୍ତି। ତେବେ କୁମ୍ଭମେଳା ନିମନ୍ତ୍ରଣର ପ୍ରଭାବ କ'ଣ ରହିବ ତାହା ଉପରେ ଏବେ ନିମନ୍ତ୍ରଣକାରୀଙ୍କୁ ବାଟ କଢ଼ାଇ ନେଉଥିବା କିଛି ଉତ୍ସାହୀ ଯୁବକ ଅପେକ୍ଷାକରି ରହିଛନ୍ତି।

# ପାଣି ପଞ୍ଚାୟତର ନିର୍ବାଚନ ଓ ଅଡିଟ୍ ହେବ



- ସବୁ ଜଳସେଚନ ପ୍ରକଳ୍ପ ଯୁଦ୍ଧକାଳୀନ ଭିତ୍ତିରେ ସାରିବାକୁ ନିର୍ଦ୍ଦେଶ
- ୧.୪୨ଲକ୍ଷ ହେକ୍ଟର ଜମିରେ ଜଳସେଚନର ସୁବିଧା ହେବ

ଭୁବନେଶ୍ୱର,୫।୧ (ସଂଚାର ବ୍ୟୁରୋ):ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ବରମୁଣ୍ଡା ଖେଳ ପଡିଆ ଠାରେ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପନ ଅବସରରେ ପାଣି ପଞ୍ଚାୟତଗୁଡିକର ନିୟମ ଅନୁଯାୟୀ ନିର୍ବାଚନ ଓ କାଗଜ ପତ୍ର ଅଡିଟ୍ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ପାଣି ପଞ୍ଚାୟତ ଗୁଡିକୁ ସଶକ୍ତ କରି ଏଗୁଡିକୁ କୃଷି ବିପଣନ କେନ୍ଦ୍ର ଭାବେ ବିକଶିତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ଜଳସେଚନ ଏବଂ କୃଷି ବୈଜ୍ଞାନିକଙ୍କ ଗବେଷଣା ସହିତ ଚାଷୀ ଭାଇମାନଙ୍କ ପରିଶ୍ରମ ଯୋଗୁ ଆଜି ଆମେ ୧୪୦ କୋଟି ଲୋକଙ୍କୁ ଖାଦ୍ୟ ଯୋଗାଇ ପାରୁଛୁ ଏବଂ ବିଦେଶକୁ ମଧ୍ୟ ରପ୍ତାନୀ କରିପାରୁଛୁ । ଏଥିପାଇଁ ଚାଷୀର ଜମିକୁ ଜଳଯୋଗାଣ ଅତ୍ୟନ୍ତ ଆବଶ୍ୟକ । ତେଣୁ, ଜଳସେଚନର ସମସ୍ତ ପ୍ରକଳ୍ପ ଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟର କୃଷକମାନଙ୍କ ଜମିକୁ ପାଣି ଯୋଗାଇଦେବା ପାଇଁ ନୂଆ ଫିଲ୍ଡ ଚ୍ୟାନେଲ ନିର୍ମାଣ ସହିତ ପୁରୁଣା ଚ୍ୟାନେଲ ଗୁଡିକୁ କଂକ୍ରିଟ୍ ଚ୍ୟାନେଲରେ ପରିଣତ କରିବା ପାଇଁ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷରୁ ୨୦୨୮-୨୯ ଆର୍ଥିକ ବର୍ଷ ମଧ୍ୟରେ ୮୦ ହଜାର ହେକ୍ଟର ଜଳସେଚିତ ଅଞ୍ଚଳରେ ୨୪୦୦ କିଲୋମିଟର ନୂତନ କଂକ୍ରିଟ୍ କରନାଳୀ ନିର୍ମାଣ କରାଯିବ । ଏହା ସହିତ ୬୨ହଜାର ହେକ୍ଟର ଜଳସେଚିତ ଅଞ୍ଚଳରେ ୧୮୬୦ କିଲୋମିଟର ଅତି ପୁରୁଣା ଓ ଜରାଜୀର୍ଣ୍ଣ କ୍ଷେତ୍ରନାଳୀକୁ କଂକ୍ରିଟ ନାଳୀରେ ପୁନଃନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

ରାଜ୍ୟରେ ଜଳ ସମ୍ପଦର ବିକାଶ ପାଇଁ ଚଳିତ ବର୍ଷର ବଜେଟରେ ୧୩ ହଜାର ୨୨୩ କୋଟିରୁ ଅଧିକ ଟଙ୍କା ପ୍ରାବଧାନ କରାଯାଇଛି । ଚଳିତ ବଜେଟରେ ନୟାଗଡ ଜିଲ୍ଲାରେ ବୃତଙ୍ଗ ଜଳସେଚନ ପ୍ରକଳ୍ପ, ଗଂଜାମ ଜିଲ୍ଲାର ପିପଳପଙ୍କ ପ୍ରକଳ୍ପ, ବଲାଙ୍ଗିର ଜିଲ୍ଲାର ଉପର ଲାନ୍ତ ଜଳସେଚନ ପ୍ରକଳ୍ପ, ଅନୁଗୁଳ ଜିଲ୍ଲାର ସମାକୋଇ ବ୍ୟାରେଜ ପ୍ରକଳ୍ପ, ବରଗଡ ଜିଲ୍ଲାରେ ୩ଟି ଓ ନୂଆପଡା ଜିଲ୍ଲାର ୭ଟି ଉଠାଜଳସେଚନ ପ୍ରକଳ୍ପ, କଳାହାଣ୍ଡି ଜିଲ୍ଲାରେ ୩ଟି ଓ ନୂଆପଡା ଜିଲ୍ଲାରେ ୨ଟି ଏମ.ଆଇ.ପି., କଳାହାଣ୍ଡି, ବଲାଙ୍ଗିର, ବରଗଡ ଓ ନୂଆପଡା ଜିଲ୍ଲାରେ ୩୫୯ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ଏବଂ ୧୧,୮୮୬ ଗଭୀର ନଳକୂପ ପ୍ରକଳ୍ପ ଆରମ୍ଭ କରିବା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି।

# ନୂଆପଡ଼ାରେ କଲରାପତରିଆ ଆତଙ୍କ

**୧୧ ମେଣ୍ଢା ମୃତ, ୧୦ ରୁ ଊର୍ଦ୍ଧ୍ୱ ଗୁରୁତର**



ନୂଆପଡ଼ା,୫।୧ (ସଂଚାର ବ୍ୟୁରୋ): ପୁଣି ନୂଆପଡ଼ା ଜିଲ୍ଲାରେ ବାଘ ଆତଙ୍କ । ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ବାଗବାହାଳ ଭୋଇ ପଡ଼ାରେ କଲରା ପତରିଆ ବାଘ ଆତଙ୍କ ଖେଲାଇଛି । ବାଗ ବାହାଳ ଗ୍ରାମର ମେଣ୍ଢା ମାଲିକ ଭଜ ହାତୀ ରାତ୍ରୀରେ ଶୋଇ ଥିବା ସମୟରେ ଅର୍ଦ୍ଧ ରାତ୍ରୀରେ ଦୁଇରୁ ଅଧିକ କଲରା ପତରିଆ ବାଘ ମେଣ୍ଢା ଗୁହାଳକୁ ପଶି ୧୦ରୁ ଊର୍ଦ୍ଧ୍ୱ ମେଣ୍ଢାକୁ ମାରି ଖାଇଥିବା ବେଳେ ୧୦ ରୁ ଊର୍ଦ୍ଧ୍ୱ ମେଣ୍ଢାକୁ ଆକ୍ରମଣ କରିଛି । ଏମିତିକି ତିନିରୁ ଚାରି ମେଣ୍ଢାଙ୍କୁ ସ୍ଥାନୀୟ ବୁଦା ମୂଳରେ ଖାଇ ଅଧା ଅଧା ଛାଡ଼ି ମେଣ୍ଢାମାନଙ୍କୁ ଛାଡି ନିକଟସ୍ଥ ଜଙ୍ଗଲକୁ ଚାଲି ଯାଇଥିବା କହିଛନ୍ତି। ଏହା ଜାଣି ପାରି ପ୍ରଥମେ ବନ ବିଭାଗ କର୍ମଚାରୀ ଚାଲିଯାଇଛନ୍ତି। ବାଘ କାମୁଡ଼ାରେ ଗୁରୁତର ମେଣ୍ଢାମାନେ ମଧ୍ୟ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି। ବନ ବିଭାଗ ତରଫରୁ ସେମାନଙ୍କର ଚିକିତ୍ସା ଜାରି ରହିଛି। ଏହାର ଆନୁମାନିକ ମୁଲ୍ୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପରିବାର ପକ୍ଷରୁ କୁହାଯାଇଛି। ପରେ ଭଜ ହାତୀଙ୍କ ପରିବାର ଲୋକ ଜାଣି ହୋ ହାଲ୍ଲା ହେବାପରେ ବାଘ ସାରଦା ମାଝି ଓ ୱାଚର୍ ବିଦ୍ୟାଧର ମାଝୀ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରି ଘଟଣା ଉପରେ ବୁଝା ଶୁଝା କରି ପରିବାର ଲୋକଙ୍କୁ ଯଥା ଶୀଘ୍ର ଏହାର ସମାଧାନ କରାଯିବ ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇ କ୍ଷୟକ୍ଷତି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପୁଣି ଗ୍ରାମରେ ଭୟରେ ବାତାବରଣ ଦେଖିବାକୁ ମିଳିଛି ।

# ପୁଣି ଶ୍ରୀମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍

ପୁରୀ,୫।୧ (ସଂଚାର ବ୍ୟୁରୋ): ସବୁ ନିୟମକୁ ଫୁଁ' କରି, ଶହ ଶହ ଭକ୍ତଙ୍କ ସାମ୍ନାରେ ଶ୍ରୀମନ୍ଦିରର ଖୁବ୍ ନିକଟରେ ଡ୍ରୋନ୍ ସହାୟତାରେ ଭିଡିଓ ଶୁଟ୍ କରାଯାଇଛି। ନୋ ଫ୍ଲାଇଂ ଜୋନ୍ ସତ୍ତ୍ୱେ ଅଧ ଘଣ୍ଟା ଧରି ଶ୍ରୀମନ୍ଦିର ପରିସର ଓ ଆଖପାଖରେ ଏକ ଡ୍ରୋନ ଘୂରି ବୁଲିବା ପରେ ବି ପୁଲିସ୍ କି ପ୍ରଶାସନ କେହି ନା ଜାଣିପାରିଲେ ନା ଏବେ ଯାଏଁ ଅଭିଯୁକ୍ତଙ୍କୁ ଧରିପାରିଲେ। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ସମୟ ଭୋର୍ ପ୍ରାୟ ୪ଟା ୧୦ ମିନିଟ୍, ଶ୍ରୀମନ୍ଦିର ମୁଖ୍ୟ ଦ୍ୱାର ଖୋଲିବା ପୂର୍ବରୁ ବାହାରେ ଅପେକ୍ଷା କରିଥାନ୍ତି ଶ୍ରଦ୍ଧାଳୁ। ଆଉ ଠିକ୍ ଏହି ସମୟରେ ସିଂହଦ୍ୱାର ସମ୍ମୁଖ ଦୋଳମଣ୍ଡପ ସାହିରୁ ଉଡ଼ିଆସିଲା ଡ୍ରୋନ। ଶ୍ରୀମନ୍ଦିର ମେଘନାଦ ପାଚେରୀ, ଦଧିନଉତି, ନୀଳଚକ୍ର ସବୁଠି ଅଟକି ଅଟକି ଭିଡିଓ ଶୁଟ୍ କରିଥିଲା। ଏମିତିକି ବେଶ ତଳକୁ ଓହ୍ଲାଇ ବି ଭିଡିଓ ରେକର୍ଡ କରିଥିବା ଜଣାପଡ଼ିଛି। ଏସବୁକୁ ବାହାରେ ଥିବା ଶ୍ରଦ୍ଧାଳୁ ଦେଖିଥିଲେ ଓ ନିଜ ଫୋନରେ ରେକର୍ଡିଂ ବି କରିଥିଲେ। ପ୍ରାୟ ଅଧଘଣ୍ଟା ଧରି ଡ୍ରୋନ୍ ଉଡ଼ିଲା, ଆଉ ଲୋକେ ଏସବୁକୁ ଦେଖିପାରିଲେ। ହେଲେ ନା ପୁଲିସ୍ ନା ଶ୍ରୀମନ୍ଦିର ପ୍ରଶାସନର କୌଣସି ଅଧିକାରୀ ଏସମ୍ପର୍କରେ ଟିକିଏ ବି ଟେର ପାଇଲେନି।

# ସଜେଇ ହେଲାଣି ଜନତା ମଇଦାନ, ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କଲେ ଡିଜିପି




ଭୁବନେଶ୍ୱର,୫।୧ (ସଂଚାର ବ୍ୟୁରୋ): ଆଉ ମାତ୍ର ଦୁଇ ଦିନର ଅପେକ୍ଷା। ଭୁବନେଶ୍ୱର ଦେଖିବ ପ୍ରବାସୀ ଭାରତୀୟଙ୍କ ମହାମେଳି। ଗୋଟିଏ ଛାତ ତଳେ ଏକାଠି ହେବେ ସାରା ବିଶ୍ୱରୁ ସାଢ଼େ ୩ ହଜାରରୁ ଅଧିକ ପ୍ରବାସୀ ଭାରତୀୟ। ଏମିତି କି ସେମାନଙ୍କ ମଧ୍ୟରୁ ଅନେକ ଓଡ଼ିଆ ଲୋକଙ୍କ ଘରେ ରହିବେ, ଓଡ଼ିଆ ଖାଦ୍ୟର ମଜା ନେବେ। ଏପଟେ ପ୍ରବାସୀ ଭାରତୀୟ ଦିବସକୁ ସଫଳ କରିବା ପାଇଁ କସରତ ଚଳାଇଛି ପୂରା ସରକାରୀ କଳ। ପ୍ରବାସୀ ଭାରତୀୟଙ୍କୁ ମିଳିବ ଓଡ଼ିଆ ଚଳଣୀର ଅନୁଭୂତି। ଓଡ଼ିଆଙ୍କ ଘରେ ରହିବେ, ଓଡ଼ିଆ ପରଷା ଖାଇବେ। ହୋମ ଷ୍ଟେ' ବୁକ୍ କରିଥିବା ପ୍ରବାସୀ ଭାରତୀୟ ପାଇବେ ଏଭଳି ସୁବିଧା। ସେ ମଧ୍ୟରୁ ଗୋଟିଏ ହେଉଛି ପଟିଆ ଅଞ୍ଚଳର ସ୍ୟାଣ୍ଡ ପେବେଲ୍ସ ହୋମ୍ ଷ୍ଟେ'। ୪ଟି ରୁମ୍ ଥିବା ଏହି ଘର ପ୍ରବାସୀ ଭାରତୀୟଙ୍କୁ ସେବା ଯୋଗାଇବାକୁ ପର୍ଯ୍ୟଟନ ବିଭାଗରେ ପଞ୍ଜୀକୃତ ହୋଇଛି। ଏଠାରେ ଘର ଭଳି ଡାଇନିଂ ହଲ୍, ଡ୍ରଇଂ ରୁମ୍, କିଚେନ୍, ବାଲ୍କୋନୀ ଆଦି ସବୁକିଛି ଅତିଥିଙ୍କ ପାଇଁ ସଜେଇ ହୋଇ ରହିଛି।

# ସାମାଜିକ ସମସ୍ୟାର ସମାଧାନ ଦାୟିତ୍ୱ ନେଉ ସମ୍ବଲପୁର ବିଶ୍ୱବିଦ୍ୟାଳୟ

- ହାଭାର୍ଡ, ଏମଆଇଟି ଓ ଷ୍ଟାନଫୋର୍ଡ ଭଳି ପରିସଂସ୍ଥାନ ସୃଷ୍ଟି କରାଯିବ
- ସମ୍ବଲପୁର ହେବ ଜ୍ଞାନ ଆଧାରିତ ଅର୍ଥନୀତିର ପେଣ୍ଠସ୍ଥଳି
- ବିଶ୍ୱବିଦ୍ୟାଳୟ ଶୈକ୍ଷିକ, ଗବେଷଣା ଓ ନବସୃଜନର କେନ୍ଦ୍ରବିନ୍ଦୁ
- ମାତୃଭାଷାରେ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଉ



ସମ୍ବଲପୁର,୫।୧ (ସଂଚାର ବ୍ୟୁରୋ): ପ୍ରାୟ ୧୧ ବର୍ଷ ପରେ ୨୦୩୬ ମସିହା ଏପ୍ରିଲ ପହିଲାରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବ । ୨୦୪୭ ସୁଦ୍ଧା ଆଉ ପ୍ରାୟ ୨୨ ବର୍ଷ ପରେ ଭାରତ ସ୍ୱାଧୀନତା ପ୍ରାପ୍ତିର ଶତବାର୍ଷିକୀ ପାଳନ କରିବ । ଏହି ଦୁଇ ଦଶନ୍ଧି ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ । ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ବିଶ୍ୱବିଦ୍ୟାଳୟ କେବଳ ଉଚ୍ଚ ଶିକ୍ଷା କ୍ଷେତ୍ରରେ ନୁହେଁ ବରଂ ରାଜ୍ୟରେ ସାମାଜିକ, ମୌଳିକ ସମସ୍ୟା ତଥା ପାନୀୟଜଳ, ସ୍ୱାସ୍ଥ୍ୟ, କ୍ୟାନସରର ମୁକାବିଲା, ଚାଷୀ ସମସ୍ୟା ଏବଂ ପରିବେଶ ସୁରକ୍ଷାର ସମାଧାନ ବାହାର କରିବା ଦିଗରେ ମଧ୍ୟ ଦାୟିତ୍ୱ ନେବା ଦରକାର ବୋଲି ସମ୍ବଲପୁର ବିଶ୍ୱବିଦ୍ୟାଳୟର ୫୮ ତମ ପ୍ରତିଷ୍ଠା ଦିବସ ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଦେଶକୁ ସ୍ୱାଧୀନତା ଦେବାରେ ହେଉ କିମ୍ବା ଇଂରେଜମାନଙ୍କ ସହ ସାଲିସ ବୀହିନ ସଂଘର୍ଷ କରିବାରେ, ସମ୍ବଲପୁର ସବୁବେଳେ ନିଜ ବୀରତ୍ୱ ଓ ପରାକ୍ରମ ଦେଖାଇଆସିଛି । ଦେଶକୁ ସ୍ୱତନ୍ତ୍ରତା ଦେବାରେ ସମ୍ବଲପୁର ସମେତ ଓଡ଼ିଶାର ପଶ୍ଚିମାଞ୍ଚଳ ବିଶେଷ ଭାବରେ ବୀର ସୁରେନ୍ଦ୍ର ସାଏ, ଧ୍ରୁବ ସାଏ ଉଜ୍ଜଳ ସାଏ, ଛବିଲ ସାଏ, ଯାଜ୍ଜଳ ସାଏ, ମେଦିନୀ ସାଏ, କୋଲାବିରା ଜମିଦାର କରୁଣାକର ସିଂହ ନାଏକ, ଘେଁସ ଜମିଦାର ପରିବାରର ମାଧୋ ସିଂହ, କୁଞ୍ଜଲ ସିଂହ, ଐରୀ ସିଂହ, ବୈରୀ ସିଂହ, ହଟେ ସିଂହ, ଶହୀଦ ମଧୁ ଗଡତିଆଙ୍କ ଅବଦାନ ଅତୁଳନୀୟ। ସମ୍ବଲପୁରର ହୀରାକୁଦ ନଦୀବନ୍ଧ ଯୋଜନା ଓଡ଼ିଶାରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ବୋଲି ସେ କହିଥିଲେ। ସମ୍ବଲପୁର ଗୋଟିଏ ସାରସ୍ୱତ କ୍ଷେତ୍ର । ସମ୍ବଲପୁରରେ ଜାତୀୟ ସ୍ତରର ଆଇଆଇଏମ ସମ୍ବଲପୁର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ବୁର୍ଲା ମେଡିକାଲ କଲେଜ, ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି, ଓୟୁଏଟିର ଚିପିଲିମା କ୍ୟାମ୍ପସ ଏବଂ ଓପନ ୟୁନିଭରସିଟି ମଧ୍ୟ ଅଛି । ସମ୍ବଲପୁରକୁ ଏକ ଜ୍ଞାନ ଆଧାରିତ ଅର୍ଥନୀତିର ପେଣ୍ଠସ୍ଥଳି କରିବା ପାଇଁ ଆମେ ସମସ୍ତେ ଦାୟିତ୍ୱ ନେବା ଉଚିତ୍ । ଓଡ଼ିଶାରେ ହାଭାର୍ଡ, ଏମଆଇଟି ଓ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଭଳି ପରିସଂସ୍ଥାନ ସୃଷ୍ଟି କରିବା ଆମର ଲକ୍ଷ୍ୟ ବୋଲି ସେ କହିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆହୁରି କହିଛନ୍ତି ଯେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏକ ଶୈକ୍ଷିକ, ଗବେଷଣା ଏବଂ ନବସୃଜନର କେନ୍ଦ୍ରବିନ୍ଦୁ । ଏହାର ଚରିତ୍ର ନିରୂପଣ କରିବାର ସମୟ ଆସିଛି । ସ୍ଥାନୀୟ ଅଞ୍ଚଳରେ ଶିକ୍ଷା ମାଧ୍ୟମରେ ସାମଗ୍ରିକ ବିକାଶ କରିବା କେବଳ କହିଲେ ହେବ ନାହିଁ ବରଂ ଏଥିପାଇଁ ଦାୟିତ୍ୱ ନେବା ପାଇଁ ପଡିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ମାତୃଭାଷାରେ ଶିକ୍ଷାକୁ ପ୍ରୋତ୍ସାହିତ କରିବାକୁ ହେବ । ଭାରତୀୟ ଜ୍ଞାନ ପରମ୍ପରାରେ ଆଗକୁ ବଢିବାକୁ ହେବ। ସମ୍ବଲପୁର ଅଞ୍ଚଳରେ ଶିକ୍ଷାର ବୃଦ୍ଧି ପାଇଁ ସ୍ଥାନୀୟ ଭାଷାରେ ଶିକ୍ଷା ଦେବାକୁ ପଡ଼ିବ । ଏହି ଅବସରରେ ଶ୍ରୀ ପ୍ରଧାନ ଶିକ୍ଷାନୁଷ୍ଠାନ ପରିସରରେ ମହିମା ଧର୍ମର ମହାନ ପ୍ରଚାରକ ସନ୍ଥକବି ଭୀମ ଭୋଇ, ସ୍ୱଭାବ କବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ, ଭକ୍ତକବି ମଧୁସୂଦନ ରାଓ ଏବଂ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ଓଡ଼ିଶାର ଭାଷା ସାହିତ୍ୟକୁ ସୁସମୃଦ୍ଧ କରିବା ସହ ଜାତୀୟ ସ୍ତରରେ ଆମ ରାଜ୍ୟକୁ ସ୍ୱତନ୍ତ୍ର ପରିଚୟ ଦେବାରେ ଏହି ମହାନ ବରପୁତ୍ରଙ୍କ ଯୋଗଦାନ ଅତୁଳନୀୟ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଥିଲେ ।

# କାଲିଠୁ ବଦଳିବ ପାଗ: ବଢ଼ିବ ତାପମାତ୍ରା

ଭୁବନେଶ୍ୱର,୫।୧ (ସଂଚାର ବ୍ୟୁରୋ): ଆଜି ପାଇଁ ଓଡ଼ିଶାରେ ଅନୁଭୂତ ହେବ ଶୀତ ଲହରୀ । ଥରିବ ଉପକୂଳ ଓଡିଶା ସମେତ ଆଭ୍ୟନ୍ତରୀଣ ଓଡ଼ିଶା । ଆସନ୍ତାକାଲି (୬ ତାରିଖ) ରୁ ପାଗରେ ପରିବର୍ତ୍ତନ ଆସିବ । ପୁଣି ଉପରମୁହାଁ ହେବ ପାରଦ । ସ୍ୱାଭାବିକ ଠାରୁ ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବା ସହ ଶୀତର ପରିମାଣର ମଧ୍ୟ ହ୍ରାସ ପାଇବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର ।ବର୍ତ୍ତମାନ ସାରା ରାଜ୍ୟରେ ଶୁଖିଲା ପାଗ ରହିଥିବା ବେଳେ ୭ଦିନ ଯାଏଁ ଏଭଳି ପାଗ ଲାଗି ରହିବ । ଉତ୍ତର-ପୂର୍ବ ଭାରତରୁ ରାଜ୍ୟକୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହ ଫଳରେ ଶୀତ ଲହରୀ ଜାରି ରହିଛି । ଆସନ୍ତାକାଲି ପର୍ଯ୍ୟନ୍ତ ଏଭଳି ପାଗ ଜାରି ରହିବ । ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ସୁନ୍ଦରଗଡ, ଝାରସୁଗୁଡା, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ଅନୁଗୋଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ,ବଲାଙ୍ଗୀର ସମେତ ଟୁଇନ୍-ସିଟି କଟକ ଏବଂ ଭୁବନେଶ୍ୱରରେ ଶୀତର ପ୍ରକୋପ ଅନୁଭୂତ ହେବ । ଥଣ୍ଡା ସହ ଘନକୁହୁଡିର ପ୍ରଭାବ ସାଧାରଣ ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରିବ । ଏଥିପାଇଁ ୪ଟି ଜିଲ୍ଲା ସୁନ୍ଦରଗଡ, କଳାହାଣ୍ଡି ,କେନ୍ଦୁଝର, କନ୍ଧମାଳ ଏବଂ କୋରାପୁଟକୁ ୟେଲୋ ଆଲର୍ଟ ଜାରି କରାଯାଇଛି । ଏହି ସବୁ ଜିଲ୍ଲାରେ ଦୃଶ୍ୟମାନ ଦୂରତା ପ୍ରାୟ ୫୦ ମିଟର ତଳକୁ ଖସିଆସିବ। ସେହିଭଳି ଅନୁଗୋଳ, ଢେଙ୍କାନାଳ, ଯାଜପୁର ,ଖୋର୍ଦ୍ଧା, କଟକ, ଗଞ୍ଜାମ, ଗଜପତି, ଏବଂ ରାୟଗଡାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ନେଇ ସତର୍କତା ଜାରି କରାଯାଇଛି । ୬ ତାରିଖରୁ ପୁଣି ତାପମାତ୍ରା ବଢିବା ସହ ଶୀତ କମିବ । ପଶ୍ଚିମା ଝଡର ପ୍ରଭାବରେ ରାଜ୍ୟକୁ ପ୍ରଚୁର ପରିମାଣର ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବାହ ବଢିବ ।

# ଯାଜପୁର ଗୁଳିକାଣ୍ଡର ଏସ୍‌ଟିଏଫ୍‌ର ତନାଘନା: ଆସିଲା ସିସିଟିଭି ଫୁଟେଜ୍

ଭୁବନେଶ୍ୱର,୫।୧ (ସଂଚାର ବ୍ୟୁରୋ): ଯାଜପୁର ଗୁଳିମାଡ ଘଟଣାରେ ଆରମ୍ଭ ହେଲା ଏସଟିଏଫ୍ ତଦନ୍ତ। ପାଣିକୋଇଲିର ପଣ୍ଡା ଅଳଙ୍କାର ସୋ' ରୁମରେ ଲୁଟ୍ ହୋଇଥିବା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ଏସଟିଏଫ୍‌ର ତିନି ଜଣିଆ ଟିମ୍ । ଗତକାଲି ଲୁଟ ପାଇଁ ପିଛା କରି ବିଚ ରାସ୍ତାରେ ଗୁଳି ଚଳାଇଥିଲେ ଲୁଟେରା। ଲୋକେ କାବୁ କରିବାକୁ ଉଦ୍ୟମ କରିବାରୁ ଲୋକଙ୍କ ଉପରେ ବି ଗୁଳି କରିଥିଲେ। ଯାଜପୁର ପାଣିକୋଇଲିରେ ଏହାକୁ ନେଇ ହୋଇଥିଲା ମହାଭାରତ । ଲୁଟେରାଙ୍କ ଗୁଳିରେ ଦୁଇଜଣଙ୍କ ଜୀବନ ବି ଯାଇଥିଲା। ପରେ ଉତ୍ୟକ୍ତ ଲୋକଙ୍କ ମାଡ ମାରି ଜଣେ ଲୁଟେରା ଗୁରୁତର ହୋଇଥିଲେ। ଏବେ ଏସସିବିରେ ଚିକିତ୍ସିତ ହେଉଛନ୍ତି। ଗୁଳିକାଣ୍ଡ ସମୟର ସିସିଟିଭି ଫୁଟେଜ୍ ମଧ୍ୟ ପଦାକୁ ଆସିଛି। ମାମଲର ତଦନ୍ତ ଏବେ ଏସ୍‌ଟିଏଫ୍ ଟିମ୍ କରୁଛି।




ଆଦିବାସୀ ମେଳା ଉଦ୍‌ଘାଟିତ : ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଆଦିବାସୀ ନୃତ୍ୟାଙ୍ଗନାଙ୍କ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଅବିବାହିତ ଯୋଡ଼ିଙ୍କୁ ଓୟୋ ମନା

**ନୂଆଦିଲ୍ଲୀ,୫।୧:** ହୋଟେଲ ବୁକିଂ ଆପ ଓୟୋ ଗ୍ରାହକଙ୍କୁ ଏକ ବଡ଼ ଝଟକା ଦେବାକୁ ପ୍ରସ୍ତୁତ ହେଉଛି। ବର୍ତ୍ତମାନଠାରୁ, ଅବିବାହିତ ଦମ୍ପତିଙ୍କୁ ଓୟୋରେ ଚେକ୍ ଇନ୍ କରିବାକୁ ଅନୁମତି ଦିଆଯିବ ନାହିଁ । ଓୟୋ ସହଭାଗୀ ହୋଟେଲଗୁଡିକ ପାଇଁ ଏକ ନୂତନ ଚେକ୍ ଇନ୍ ପଲିସି ଆରମ୍ଭ କରିଛି ଯାହା ଚଳିତ ବର୍ଷ ଠାରୁ କାର୍ଯ୍ୟକାରୀ ହେବ । ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ ଅବିବାହିତ ଦମ୍ପତିଙ୍କୁ ଓୟୋ ହୋଟେଲ ରୁମ୍‌ରେ ଚେକ୍ ଇନ୍ କରିବାକୁ ଅନୁମତି ଦିଆଯିବ ନାହିଁ। କମ୍ପାନୀ ମେରଟରୁ ଏହା ଆରମ୍ଭ କରିଛି ଏବଂ ଏଥିପାଇଁ ଏକ ନୂତନ ନିୟମ କରିଛି। ଏହି ଖବର ସେହିମାନଙ୍କ ପାଇଁ ଭଲ ନୁହେଁ ଯେଉଁମାନେ ଓୟୋ ହୋଟେଲକୁ ଯାଆନ୍ତି ବିବାହ ପୂର୍ବରୁ ସମୟ ବିତାଇବା ପାଇଁ । ସଂଶୋଧିତ ନୀତି ଅନୁଯାୟୀ, ସମସ୍ତ ଦମ୍ପତିଙ୍କୁ ଚେକ୍ ଇନ୍ ସମୟରେ ସେମାନଙ୍କ ସମ୍ପର୍କର ବୈଧ ପ୍ରମାଣ ଉପସ୍ଥାପନ କରିବାକୁ କୁହାଯିବ ଏବଂ ଏଥିରେ ଅନଲାଇନ୍ ବୁକିଂ ମଧ୍ୟ ଅନ୍ତର୍ଭୁକ୍ତ । ତୁରନ୍ତ ପ୍ରଭାବ ସହିତ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଓୟୋ ମେରଟରେ ଥିବା ଅଂଶୀଦାର ହୋଟେଲମାନଙ୍କୁ ନିର୍ଦ୍ଦେଶ ଦେଇଛି। ସଂଶୋଧିତ ନୀତି ବିଷୟରେ ଅବଗତ ଥିବା ଲୋକମାନେ କହିଛନ୍ତି ଯେ ଗ୍ରାଉଣ୍ଡ ସ୍ତରରେ ଗ୍ରହଣ କରାଯାଇଥିବା ପ୍ରତିକ୍ରିୟା ଉପରେ ନିର୍ଭର କରି କମ୍ପାନୀ ଏହାକୁ ଅନ୍ୟ ସହରରେ ମଧ୍ୟ କାର୍ଯ୍ୟକାରୀ କରିପାରିବ। ବାସ୍ତବରେ, କେତେକ ସହରର ବାସିନ୍ଦା ଅବିବାହିତ ଦମ୍ପତିଙ୍କୁ ଓୟୋ ହୋଟେଲରେ ଚେକ୍ ଇନ୍ କରିବାକୁ ଅନୁମତି ନଦେବା ପାଇଁ ଏକ ଆବେଦନ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଓୟୋ ଏହାର ନୀତି ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛନ୍ତି। କମ୍ପାନୀ କହିଛି ଯେ ସ୍ଥାନୀୟ ସାମାଜିକ ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଦମ୍ପତିଙ୍କ ବୁକିଂକୁ ପ୍ରତ୍ୟାଖ୍ୟାନ କରିବାକୁ ଓୟୋ ଏହାର ଅଂଶୀଦାର ହୋଟେଲଗୁଡ଼ିକୁ ଅଧିକାର ପ୍ରଦାନ କରିଛି।




# ଓଡ଼ିଶାରେ ୫ଜି ମୋବାଇଲ ସେବାକୁ ୨ ବର୍ଷ ମନ୍ତ୍ରୀଙ୍କ ଘୋଷଣା ସତ୍ତ୍ୱେ ସାରା ରାଜ୍ୟରେ ପହଞ୍ଚି ପାରିଲାନି

**ଭୁବନେଶ୍ୱର,୫।୧:** ଓଡ଼ିଶାରେ ପଞ୍ଚମ ପିଢ଼ି (୫ଜି) ମୋବାଇଲ ସେବା ପ୍ରଦାନକୁ ଆଜି ଦୁଇବର୍ଷ ପୂରଣ ହୋଇଛି। ୨ ବର୍ଷ ତଳେ ୨୦୨୩ ଜାନୁଆରି ୫ ତାରିଖରେ ତତ୍କାଳୀନ ଟେଲି ଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱରରେ ଏହି ସେବାକୁ ଆନୁଷ୍ଠାନିକଭାବେ ଆରମ୍ଭ ଘୋଷଣା କରିଥିଲେ। ଭୁବନେଶ୍ୱର ଓ କଟକର କେତେକ ସ୍ଥାନରେ ସେହିଦିନ ଏହି ସେବାକୁ ସକ୍ରିୟ କରାଯାଇଥିଲା। ୨ ବର୍ଷ ମଧ୍ୟରେ ସାରା ରାଜ୍ୟରେ ଏହି ସେବା ଉପଲବ୍ଧ ହେବ ବୋଲି ବିଭାଗୀୟ ମନ୍ତ୍ରୀ ସେଦିନ ଘୋଷଣା କରିଥିଲେ। ଓଡ଼ିଶାରେ ଏହି ସେବା ଆରମ୍ଭ ହେଲେ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆସିବ। ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିସହିତ କୃଷି, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି କୁହାଯାଇଥିଲା। ଟେଲିକମ୍ ବିଭାଗର ସୂଚନା ଅନୁଯାୟୀ, ରାଜ୍ୟରେ ୫ଜି ସେବା ଆରମ୍ଭ ହେବା ଦିନ(୨୦୨୩ ଜାନୁଆରି ୫) ୬୨୪ଟି ବିଟିଏସ୍ ଲାଗିଥିଲା। ୨୦୨୩ ଡିସେମ୍ବର ୩୧ ବେଳକୁ ଏହା ୧୧,୨୬୪ରେ ପହଞ୍ଚିଥିଲା। କିନ୍ତୁ ୨୦୨୪ରେ ବିଟିଏସ୍ ସ୍ଥାପନ ସଂଖ୍ୟା ଅତ୍ୟନ୍ତ ଧିମା ହୋଇଯାଇଛି। ୨୦୨୪ ଡିସେମ୍ବର ୩୧ରେ ରାଜ୍ୟରେ ୫ଜି ବିଟିଏସ୍ ସଂଖ୍ୟା ୧୨,୬୭୮ ରହିଛି। ୨୦୨୩ ମସିହାରେ ୫ଜି ସେବା ପ୍ରଦାନ ପାଇଁ ଯେଭଳି ଆଗ୍ରହର ସହିତ ବିଟିଏସ୍ କମ୍ପାନିଗୁଡ଼ିକ ସ୍ଥାପନ କରିଥିଲେ ତାହା ୨୦୨୪ ମସିହାରେ ଦେଖିବାକୁ ମିଳିନାହିଁ। ଉକ୍ତ ତଥ୍ୟକୁ ଦେଖିଲେ ୨୦୨୪ ମସିହାରେ ୧୪୧୪ଟି ୫ଜି ବିଟିଏସ୍ ଓଡ଼ିଶାରେ ସ୍ଥାପନ ହୋଇଛି। ଓଡ଼ିଶାରେ ବର୍ତ୍ତମାନ ରାଷ୍ଟ୍ରାୟତ୍ତ ବିଏସ୍ଏନ୍ଏଲ୍‌କୁ ମିଶାଇ ମୋଟ ୪ଟି କମ୍ପାନି




ଟେଲିକମ୍ ସେବା ପ୍ରଦାନ କରୁଛନ୍ତି। କିନ୍ତୁ ସେଥିରୁ ଦୁଇଟି ଘରୋଇ କମ୍ପାନି ୫ଜି ମୋବାଇଲ ସେବା ପ୍ରଦାନ କରୁଛନ୍ତି। ସେମାନେ ହେଲେ ଜିଓ ଏବଂ ଏୟାରଟେଲ। ଟେଲିକମ୍ ଶିଳ୍ପ ସହ ଜଡ଼ିତ ଜଣେ ବିଶେଷଜ୍ଞଙ୍କ କହିବାନୁଯାୟୀ ରାଜ୍ୟରେ ପ୍ରାୟ ୮୦ ପ୍ରତିଶତ ପାଖାପାଖି ୫ଜି ବିଟିଏସ୍ ଜିଓ ସ୍ଥାପନ କରିଥିବାବେଳେ ୨୦ ପ୍ରତିଶତ ବିଟିଏସ୍ ଏୟାରଟେଲ ବସାଇଛି। ଜିଓ ଉଭୟ ୩୫୦୦ ମେଗାହର୍ଜ ଏବଂ ୭୦୦ ମେଗାହର୍ଜର ରେଡିଓ ଫ୍ରିକ୍ୱେନ୍ସି ଜରିଆରେ ୫ଜି ସେବା ଯୋଗାଇ ଦେଉଛି। ଏୟାରଟେଲ ୩୫୦୦ ମେଗାହର୍ଜର ରେଡିଓ ଫ୍ରିକ୍ୱେନ୍ସି ଜରିଆରେ ୫ଜି ସେବା ପ୍ରଦାନ କରୁଛି। ୫ଜି ସେବା ଆରମ୍ଭ ଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ଆଦି କ୍ଷେତ୍ରରେ ଯେଉଁ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଥିଲା ତାହା ହୋଇପାରିନାହିଁ। ତେବେ ୫ଜି ଆସିବା ପରେ ରାଜ୍ୟରେ ମୋବାଇଲ ଫୋନ ବ୍ୟବହାରକାରୀଙ୍କ ଡାଟା ବ୍ୟବହାର ବଢ଼ିଛି। କିନ୍ତୁ ୫ଜି ସେବା ଯେତିକି ମାତ୍ରାରେ ପ୍ରସାର ହେବ ବୋଲି ଆକଳନ କରାଯାଇଥିଲା ତାହା ହୋଇ ପାରିନାହିଁ।

# ସ୍ଥିର ରହିଛି ସୁନା ଦର



**ନୂଆଦିଲ୍ଲୀ,୫।୧:** ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୨ ହଜାର ୧୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୮ ହଜାର ୭୧୦ ଟଙ୍କା ରହିଛି । ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୨, ୧୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୮,୭୧୦ ଟଙ୍କା ଥିଲା । ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୨,୧୫୦ ଟଙ୍କା ଓ ୭୮,୭୧୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୨,୩୦୦ ଟଙ୍କା ଓ ୭୮, ୮୬୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୨,୧୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୮,୭୧୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୨,୧୫୦ ଟଙ୍କା ଓ ୭୮, ୭୧୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୧,୫୦୦ ହଜାର ଟଙ୍କା ହୋଇଛି ।

# ଭାରତର ଦାରିଦ୍ର୍ୟ ହାରରେ ଉଲ୍ଲେଖନୀୟ ହ୍ରାସ



**ନୂଆଦିଲ୍ଲୀ,୫।୧:** ଚଳିତ ଆର୍ଥିକ ବର୍ଷରେ ଗ୍ରାମୀଣ ଦାରିଦ୍ର୍ୟ ହାର ଉଲ୍ଲେଖନୀୟ ଭାବେ ହ୍ରାସ ପାଇ ୪.୮୬% ରେ ପହଞ୍ଚିଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ର ସଦ୍ୟତମ ଗବେଷଣା ରିପୋର୍ଟରେ ବିସ୍ତୃତ ଉଲ୍ଲେଖ କରାଯାଇଛି। ଏପରିକି ଏହି ହାର ଗତ ଆର୍ଥିକ ବର୍ଷରେ ୭.୨% ଏବଂ ୨୦୧୧-୧୨ ଆର୍ଥିକ ବର୍ଷରେ ୨୫.୭% ରହିଥିଲା। ସେହିଭଳି ଏହି ଅବଧି ମଧ୍ୟରେ ସହରୀ ଦାରିଦ୍ର୍ୟ ହାର ହ୍ରାସ ପାଇ ୪.୦୯%ରେ ପହଞ୍ଚିଥିବା ଏସବିଆଇର ଉପଭୋକ୍ତା ବ୍ୟୟ ସର୍ବେକ୍ଷଣରେ ବିସ୍ତୃତ ଭାବେ ଦର୍ଶାଯାଇଛି। ଏପରିକି ସାମଗ୍ରିକ ଭାବେ ଦାରିଦ୍ର୍ୟ ହାର ୪ ରୁ ୪.୫% ସ୍ତରକୁ ଖସି ଆସିଛି। ଅପରପକ୍ଷରେ ସରକାରୀ ସହାୟତା, ଉପଭୋକ୍ତା ବ୍ୟୟ ବୃଦ୍ଧି, ଖାଦ୍ୟ ମୂଲ୍ୟ ପରିବର୍ତ୍ତନ କେବଳ ଖାଦ୍ୟଜନିତ ବ୍ୟୟ ନୁହେଁ ବରଂ ସାମଗ୍ରିକ ବ୍ୟୟ ଉପରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି। ଏପରିକି ସର୍ବନିମ୍ନ ଖୁଚୁରା ମୂଲ୍ୟକୁ ଆଧାର କରି ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମା ୨୦୨୩-୨୪ ଆର୍ଥିକ ବର୍ଷରେ ୧୬୩୨ଟଙ୍କା ରହିଥିବା ବେଳେ ସହରାଞ୍ଚଳରେ ୧୯୪୪ ଟଙ୍କା ରହିଥିବା ଏନଏସଏସଓ ରିପୋର୍ଟକୁ ଉଲ୍ଲେଖ କରି ଏସବିଆଇ ପକ୍ଷରୁ କୁହାଯାଇଛି। ସେହିପରି ୨୦୧୧-୧୨ ଆର୍ଥିକ ବର୍ଷରେ ଏହା ଯଥାକ୍ରମେ ୮୧୬ ଏବଂ ୧୦୦୦ ଟଙ୍କା ଥିଲା। ଏପରିକି ଉପଭୋକ୍ତା ଖର୍ଚ୍ଚ ବୃଦ୍ଧି କାରଣରୁ ଗ୍ରାମୀଣ ଦାରିଦ୍ର୍ୟ ଅନୁପାତ ୨୦୨୩-୨୪ଆର୍ଥିକ ବର୍ଷରେ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିଲାବେଳେ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଠରୁ ୫% ହ୍ରାସ ପାଇଛି। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ମଧ୍ୟରେ ମାସିକ ମୁଣ୍ଡପିଛା ଉପଭୋକ୍ତା ବ୍ୟୟ (ଏମପିସିଇ) ହାରରେ ରହିଥିବା ତାରତମ୍ୟ ହ୍ରାସ ପାଇଛି। ୨୦୦୯-୧୦ ଆର୍ଥିକ ବର୍ଷରେ ଏହା ୮୮.୨% ଥିବାବେଳେ ୨୦୨୩-୨୪ଆର୍ଥିକ ବର୍ଷରେ ୬୯.୭%କୁ ହ୍ରାସ ପାଇଛି।



# ପିଲାଙ୍କ ପାଇଁ ସୋସିଆଲ ମିଡିଆ ବ୍ୟବହାର ଉପରେ ଲାଗିବ କଟକଣା

**ନୂଆଦିଲ୍ଲୀ,୫।୧:** ଦେଶରେ ଖୁବ୍‌ଶୀଘ୍ର ପିଲାଙ୍କ ପାଇଁ ସୋସିଆଲ ମିଡିଆ ବ୍ୟବହାର ଉପରେ କଟକଣା ଲାଗିବ । କୌଣସି ଅଳ୍ପ ବୟସର ପିଲା ସୋସିଆଲ ମିଡିଆରେ ଆକାଉଣ୍ଟ ଖୋଲିଲେ ଅଭିଭାବକଙ୍କ ଅନୁମତି ଦରକାର ପଡ଼ିବ । କେନ୍ଦ୍ର ସରକାର ଜାରି କରିଥିବା ଚିଠା ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନରେ ଏହି ବ୍ୟବସ୍ଥା କରିଛନ୍ତି । ଏହା ଉପରେ ଫେବ୍ରୁଆରି ୧୮ ସୁଦ୍ଧା ମତାମତ ଦେବାକୁ ଅଂଶୀଦାରମାନଙ୍କୁ କୁହାଯାଇଛି । ନୂଆ ଆଇନରେ ଲୋକମାନଙ୍କ ପାଖରେ ସେମାନଙ୍କ ତଥ୍ୟର ଅଧିକ ନିୟନ୍ତ୍ରଣ ରହିବ। ଲୋକମାନେ ଚାହିଁଲେ କୌଣସି ତଥ୍ୟ ଡିଲିଟ୍ କରିବା ଲାଗି ଦାବି କରିପାରିବେ । ବ୍ୟକ୍ତିଗତ ତଥ୍ୟ ଅଧିକାରକୁ ନେଇ କମ୍ପାନିଗୁଡ଼ିକ ଅଧିକ ସ୍ୱଚ୍ଛ ନୀତି ଆଣିବେ ଏବଂ ଲୋକଙ୍କ ତଥ୍ୟ ସଂଗ୍ରହ ପୂର୍ବରୁ ସେମାନଙ୍କୁ ତାହାର କାରଣ ବିଷୟରେ କମ୍ପାନି ଆଗୁଆ ଜଣାଇବା ଭଳି ବ୍ୟବସ୍ଥା ନୂଆ ଆଇନରେ ରହିବ । ଏହି ଆଇନର ଉଲ୍ଲଂଘନ କଲେ କମ୍ପାନିକୁ ୨୫୦ କୋଟି ଟଙ୍କା ପର୍ଯ୍ୟନ୍ତ ମୋଟା ଅଙ୍କର ଜରିମାନା ଗଣିବାକୁ ପଡ଼ିବ । ଶିଶୁ ଓ ଦିବ୍ୟାଙ୍ଗମାନଙ୍କ ତଥ୍ୟ ପ୍ରକ୍ରିୟାକରଣ ପୂର୍ବରୁ ଅଭିଭାବକଙ୍କ ଅନୁମତି ନେବାକୁ ଚିଠା ଆଇନରେ ବ୍ୟବସ୍ଥା କରାଯାଇଛି । ଏଥିରେ ଇ-କମର୍ସର ମଧ୍ୟ ସଂଜ୍ଞା ନିର୍ଦ୍ଧାରଣ କରାଯାଇଛି ।

# କେତେ ରହିଛି ପେଟ୍ରୋଲ ଓ ଡିଜେଲର ମୂଲ୍ୟ ?




**ଭୁବନେଶ୍ୱର,୫।୧:** ସାରା ଦେଶର ପେଟ୍ରୋଲ ଡିଜେଲର ନୂଆ ମୂଲ୍ୟ ପ୍ରକାଶ ପାଇଛି । କିଛି ସ୍ଥାନରେ ଦର ବୃଦ୍ଧି ପାଇଥିବା ବେଳେ ଆଉ କିଛି ସ୍ଥାନରେ ଦର ସ୍ଥିର ରହିଛି । ଆସନ୍ତୁ ଜାଣିବା କେଉଁ ସହରର କେତେ ରହିଛି ଡିଜେଲ-ପେଟ୍ରୋଲ୍ ମୂଲ୍ୟ ? ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧. ୩୯ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି । କେମିତି ଜାଣିବେ ଆପଣଙ୍କ ସହରରେ କେତେ ଅଛି ଦାମ୍ : ପେଟ୍ରୋଲ ଏବଂ ଡିଜେଲ ଦାମ୍ ଆପଣ ଏସ୍ଏମ୍ଏସ୍ ମାଧ୍ୟମରେ ମଧ୍ୟ ଜାଣିପାରିବେ। ଇଣ୍ଡିଆନ ଅଏଲ ୱେବସାଇଟ ଅନୁଯାୟୀ ଆପଣଙ୍କୁ ଏବଂ ନିଜ ସହରର କୋଡ୍ ଲେଖି ୯୨୨୪୯୯୨୨୪୯ ନମ୍ବରକୁ ପଠାଇବାକୁ ହେବ । ପ୍ରତି ସହରର କୋଡ୍ ଅଲଗା ଅଲଗା ରହିଥାଏ। ଯାହା ଆପଣଙ୍କୁ ଆଇସିଓଏଲ ୱେବସାଇଟରୁ ମିଳିଯିବ। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ । ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ । ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ ।

# ଓୟୁଟିଆର୍‌ର 'ଏନ୍‌ଭିରୁନ୍' ମିନି ମାରାଥନ୍




**ଭୁବନେଶ୍ୱର,୫।୧:** ରାଜ୍ୟର ପ୍ରମୁଖ ସରକାରୀ ଶିକ୍ଷାନୁଷ୍ଠାନ ତଥା ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର୍)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ମେଗା ମିନି ମାରାଥନ୍ 'ଏନଭିରୁନ୍' ଶନିବାର ଆୟୋଜିତ ହୋଇଯାଇଛି। ଏହି ଅବସରରେ ୬୦୦ରୁ ଅଧିକ ଛାତ୍ରୀଛାତ୍ର ଏବଂ କର୍ମଚାରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଗେମ୍ସ ଆଣ୍ଡ ସ୍ପୋର୍ଟସ୍ ସୋସାଇଟି ତଥା ଓୟୁଟିଆର୍‌ର ଏନ୍ଏସ୍ଏସ୍ ୟୁନିଟ୍ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି ମିନିମାରାଥନ୍ ଭୁବନେଶ୍ୱରରେ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସର ପ୍ରାରମ୍ଭିକ ପର୍ଯ୍ୟାୟ ଉତ୍ସବ ଥିଲା। ଏହି ଉତ୍ସାହୀ ପଦକ୍ଷେପ କେବଳ ଏକତା ଏବଂ ସାମୂହିକ କାର୍ଯ୍ୟସାରକୁ ପାଳନ କରି ନ ଥିଲା ବରଂ ଏକ ସ୍ଥାୟୀ ଭବିଷ୍ୟତକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱପୂର୍ଣ୍ଣ କାରଣକୁ ମଧ୍ୟ ସମର୍ଥନ କରିଥିଲା। ସେହିଭଳି ଏହି ମିନିମାରାଥନ୍‌ର ମୁଖ୍ୟ ଆକର୍ଷଣ ମଧ୍ୟରେ ଶ୍ରେଷ୍ଠ ୨୦ଜଣ ଫିନିଶରଙ୍କ ପାଇଁ ରୋମାଞ୍ଚକର ପୁରସ୍କାରର ଏକ ଶୃଙ୍ଖଳା ଅନ୍ତର୍ଭୁକ୍ତ ଥିଲା। ଏହା ଅଭିଜ୍ଞତାକୁ ଆହୁରି ସମୃଦ୍ଧ କରିଥିଲା ଏବଂ ଅଂଶଗ୍ରହଣକାରୀମାନଙ୍କୁ ବିଶ୍ୱବ୍ୟାପୀ ପ୍ରଭାବ ପକାଇବା ଦିଗରେ ଅର୍ଥପୂର୍ଣ୍ଣ ଯୋଗଦାନ କରିବାକୁ ପ୍ରେରଣା ଦେଇଥିଲା।

# ୮ ମାସରେ ୫୦ ଟନ୍ ସୁନା କିଣିଲା ରିଜର୍ଭ ବ୍ୟାଙ୍କ

**ମୁମ୍ବାଇ,୫।୧:** ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଦେଖାଦେଇଥିବା ହ୍ରାସ ସାଙ୍ଗକୁ ବିଦେଶୀ ମୁଦ୍ରା ଭଣ୍ଡାର ତଳକୁ ଖସୁଥିବାଜନିତ ବିପଦକୁ ମୁକାବିଲା କରିବା ଲାଗି ରିଜର୍ଭ ବ୍ୟାଙ୍କ ଅଧିକରୁ ଅଧିକ ସୁନା କିଣିବାରେ ଲାଗିଛି। ରିଜର୍ଭ ବ୍ୟାଙ୍କ ୨୦୨୪ ଅକ୍ଟୋବର ଓ ନଭେମ୍ବରରେ ୨୦ ଟନ୍ ସୁନା କିଣିଛି। ଚଳିତ ଆର୍ଥିକବର୍ଷର ପ୍ରଥମ ୬ ମାସ ଅର୍ଥାତ୍ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ରିଜର୍ଭ ବ୍ୟାଙ୍କ ମୋଟ ୩୦ ଟିନ୍ ସୁନା କିଣିଥିବାବେଳେ ପରବର୍ତ୍ତୀ ୨ ମାସରେ ୨୦ ଟନ୍ ସୁନା କିଣିଛି। ଟଙ୍କା ମୂଲ୍ୟ ଓ ବିଦେଶୀ ମୁଦ୍ରା ଭଣ୍ଡାରରେ ହେଉଥିବା ହ୍ରାସର ବିପଦକୁ କମ୍ କରିବା ଲାଗି ବିଦେଶୀ ମୁଦ୍ରାଭଣ୍ଡାରରେ ଅଧିକ ପରିମାଣର ସୁନା ରଖିବାର ଆବଶ୍ୟକତା ରହିଛି। ୨୦୨୪ ମାର୍ଚ୍ଚ ୨୯ ବେଳକୁ ରିଜର୍ଭ ବ୍ୟାଙ୍କ ପାଖରେ ୮୨୨ ଟନ୍ ସୁନା ରହିଥିଲା। ୨୦୨୪ ନଭେମ୍ବର ୨୯ ବେଳକୁ ତାହା ୮୭୬ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ଚଳିତ ଆର୍ଥିକବର୍ଷରେ




ବର୍ତ୍ତମାନ ସୁଦ୍ଧା ସୁନା ଦରରେ ୧୯ ପ୍ରତିଶତ ବୃଦ୍ଧି ଘଟିଛି। କିନ୍ତୁ ସୁନା ଦର ଅପେକ୍ଷାକୃତ ସ୍ଥିର ଥିବା ସମୟରେ ରିଜର୍ଭ ବ୍ୟାଙ୍କ ଗତ ଅକ୍ଟୋବର ଓ ନଭେମ୍ବରରେ ଅଧିକ ସୁନା କ୍ରୟ କରିଛି।

# ଗୁପଚୁପ୍ ବ୍ୟବସାୟୀଙ୍କ ଆୟ ବାର୍ଷିକ ୪୦ ଲକ୍ଷ

**ଚେନ୍ନାଇ,୫।୧:** ଏବେ ପ୍ରାୟ ସବୁ ଲୋକ ଗୁପଚୁପ୍ ଖାଇବାକୁ ଭଲ ପାଉଛନ୍ତି। କିନ୍ତୁ ଛୋଟିଆ ଠେଲାରେ ଗୁପଚୁପ୍ ବିକୁଥିବା ଲୋକର ଆୟ ସଂପର୍କରେ କେବେ ଚିନ୍ତା କରିଛନ୍ତି ? ତାମିଲନାଡୁର ଜଣେ ଗୁପଚୁପ୍ ବ୍ୟବସାୟୀଙ୍କୁ ଜିଏସ୍‌ଟି ନୋଟିସ୍ ଆସିବା ପରେ ଏହାର ଜବାବ ମିଳିପାରିଛି । ଗୁପଚୁପ୍ ବେପାରୀଜଣଙ୍କ ୟୁପିଆଇ ଜରିଆରେ ବାର୍ଷିକ ୪୦ ଲକ୍ଷ ଟଙ୍କା ରୋଜଗାର କରୁଥିବା ଜଣାପଡ଼ିଛି। ସେପଟେ ଏନେଇ ଜଣାପଡ଼ିବା ପରେ ଜିଏସଟି ବିଭାଗର ନଜର ତାଙ୍କ ଉପରେ ପଡ଼ିଛି ଏବଂ ତାଙ୍କୁ ଜିଏସଟି ନୋଟିସ୍ ପଠାଯାଇଛି ।



# ଶକ୍ତି ସଂରକ୍ଷଣରେ ଟିପିସିଓଡିଏଲ୍ ସମ୍ବର୍ଦ୍ଧିତ




**ଭୁବନେଶ୍ୱର,୫।୧:** ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)କୁ ନିକଟରେ ଆଉ ଏକ ସମ୍ମାନ ଓ ୪-ତାରକା ମାନ୍ୟତା ମିଳିଛି। ଏପରିକି ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଟିପିସିଓଡିଲ୍‌କୁ ସମ୍ବର୍ଦ୍ଧିତ ସହ ଶକ୍ତି ସଂରକ୍ଷଣ ପୁରସ୍କାର ବା ଏନକନ-୨୦୨୪ ସମ୍ମାନରେ ସମ୍ମାନିତ କରାଯାଇଛି। ଉଲ୍ଲେଖଯୋଗ୍ୟ, କୋଲକାତାଠାରେ ଆୟୋଜିତ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ଶକ୍ତି ସମ୍ମିଳନୀ-୨୦୨୪ (ଏନର୍ଜି କନ୍‌କ୍ଲେଭ-୨୦୨୪)ରେ ଟିପିସିଓଡିଏଲ୍‌କୁ ଶକ୍ତି ସଂରକ୍ଷଣ ପୁରସ୍କାର ଓ ୪-ତାରକା ମାନ୍ୟତା ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ ସମ୍ମାନ ସମାରୋହ ଉତ୍ସରେ ଯୋଗ ଦେଇ ଟିପିସିଓଡିଏଲ୍‌ର ପ୍ରତିନିଧି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅପରପକ୍ଷରେ ଏନ୍‌କନ୍ ଫୋରମଗୁଡିକ ଶିଳ୍ପଗୁଡିକରେ ଶକ୍ତି ଦକ୍ଷତା ପଦକ୍ଷେପ ଏବଂ ପ୍ରକୃତି ପ୍ରତି ସକାରାତ୍ମକ ଅଭ୍ୟାସ ଆପଣାଉଥିବ ସଂସ୍ଥାକୁ ସମ୍ମାନିତ କରିଥାଏ। ଏପରିକି ଉତ୍ପାଦନ ଓ ସେବା କ୍ଷେତ୍ରରେ ଥିବା ୬୨ସଂସ୍ଥା ଏଥିରେ ଅଂଶ ଗ୍ରହଣ କରିଥିଲେ। ଆଇଟିସି ଲିମିଟେଡ୍, ଆଦିତ୍ୟ ବିର୍ଲା ଗ୍ରୁପ୍, ଆଇଏଫ୍ଏଫ୍‌ସିଓ, ଏକ୍ସାଇଡ୍ ଇଣ୍ଡଷ୍ଟ୍ରିଜ୍, ଜିନ୍ଦଲ ଷ୍ଟିଲ୍ସ, ନାଲ୍‌କୋ, ରାମ୍କୋ ସିମେଣ୍ଟ, ଟାଟା ଷ୍ଟିଲ୍ ଭଳି କମ୍ପାନୀ ସହ ଟିପିସିଓଡିଏଲ୍ ପ୍ରତିଦ୍ୱନ୍ଦ୍ୱିତାକରି ଏହି ସମ୍ମାନ ଲାଭ କରିଛି।

# ବର୍ଷକରେ ୧,୩୧,୮୭୧ ୟୁନିଟ୍ ଯାନ ପଞ୍ଜୀକରଣ

**ନୂଆଦିଲ୍ଲୀ,୫।୧:** ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ମାସିକ ଯାନ ବିକ୍ରି ଫଳାଫଳ ନିକଟରେ ଘୋଷଣା କରାଯାଇଛି। ୨୦୨୪ ବର୍ଷ (ଜାନୁଆରୀରୁ ଡିସେମ୍ବର) ମଧ୍ୟରେ ଏଚ୍‌ସିଆଇଏଲ୍ ମୋଟ ୧,୩୧,୮୭୧ ୟୁନିଟ୍ ଯାନ ବିକ୍ରି ହୋଇଛି। ସେହିଭଳି ୨୦୨୪ ବର୍ଷରେ କମ୍ପାନୀ ଘରୋଇ ବଜାରରେ ୬୮,୬୫୦ ୟୁନିଟ୍ ବିକ୍ରି କରିଥିଲାବେଳେ ୬୩,୨୨୧ ୟୁନିଟ୍ ଯାନ ଏହି ସମୟ ମଧ୍ୟରେ ରପ୍ତାନି କରିଥିଲା। ୨୦୨୩ ବର୍ଷ (ଜାନୁଆରୀରୁ ଡିସେମ୍ବର) ମଧ୍ୟରେ ଏଚ୍‌ସିଆଇଏଲ୍ ମୋଟ ୧,୧୦,୧୪୩ ୟୁନିଟ୍ ଯାନ ବିକ୍ରି ହୋଇଥିଲାବେଳେ ୨୦୨୩ରେ କମ୍ପାନୀ ଘରୋଇ ବଜାରରେ ମୋଟ ୮୪,୨୮୯ ୟୁନିଟ୍ ଏବଂ ୨୫,୮୫୪ ୟୁନିଟ୍ ଯାନ ରପ୍ତାନି ଆକାରରେ ପଞ୍ଜୀକରଣ କରିଥିଲା। ଏପରିକି ୨୦୨୩ ତୁଳନାରେ କମ୍ପାନୀ ୨୦୨୪ରେ ବେଶ୍ ଉତ୍ସାହଜନକ କାରବାର ସହ ବାର୍ଷିକ ଭିତ୍ତିରେ (ୱାଇଓୱାଇ) ଅଭିବୃଦ୍ଧି ହାରରେ ୨୦% ଅଧିକ ପଞ୍ଜୀକରଣ କରିଛି। ସେହିପରି ୨୦୨୪ ଡିସେମ୍ବରରେ ଏଚ୍‌ସିଆଇଏଲ୍ ମୋଟ ୯୪୬୦ ୟୁନିଟ୍ ଯାନ ବିକ୍ରି କରିଛି। ଏପରିକି କମ୍ପାନୀ ଘରୋଇ ବଜାରରେ ୫,୬୦୩ ୟୁନିଟ୍ ଯାନ ବିକ୍ରି କରିଥିଲାବେଳେ ୩୮୫୭ ୟୁନିଟ ଯାନ ରପ୍ତାନି କରିଥିଲା। ଅପରପକ୍ଷରେ ୨୦୨୩ ଡିସେମ୍ବରରେ ଏଚ୍‌ସିଆଇଏଲ୍ ମୋଟ ୧୧,୬୫୧ ୟୁନିଟ୍ ଯାନ ବିକ୍ରି କରିଛି।

HONDA

# ଆଜିଠୁ ସୁବର୍ଣ୍ଣ ଲୋକ ମହୋତ୍ସବ




**ସୁବର୍ଣ୍ଣପୁର, ୫।୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଲୋକ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ରାମେଶ୍ୱର ଷ୍ଟାଡିୟମ ଠାରେ ୬ ତାରିଖ ସୋମବାର ଠାରୁ ୧୦ତାରିଖ ପର୍ଯ୍ୟନ୍ତ ହେବ । ସୁବର୍ଣ୍ଣଲୋକ ମହୋତ୍ସବ ସହ ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ଓ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା। ଏହା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ୫ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି ମହୋତ୍ସବ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୁବର୍ଣ୍ଣପୁର ଜିଲ୍ଲା ସଂସ୍କୃତି ପରିଷଦ, ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓରମାସର ମିଳିତ ସହଯୋଗରେ ଏହି ୩୧ତମ ଲୋକ ମହୋତ୍ସବ ଆୟୋଜିତ ହେବ। ଲୋକ ମହୋତ୍ସବ ଜିଲ୍ଲାର କଳା, ସଂସ୍କୃତି, ଐତିହ୍ୟ ଓ ବିକାଶ ଧାରାର ବାର୍ତ୍ତାବହ ବୋଲି ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷା ଅନ୍ୟା ଦାସ ଶନିବାର ସନ୍ଧ୍ୟାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଚଳିତ ଥର ପଲ୍ଲିଶ୍ରୀ ମେଳା, ହସ୍ତ ଶିଳ୍ପ ପ୍ରଦର୍ଶନୀ, ଖାଦ୍ୟ ଷ୍ଟଲ ଓ ବିଭିନ୍ନ ବିଭାଗ ପକ୍ଷରୁ ମୋଟ ୩୦୦ଟି ଷ୍ଟଲ ଖୋଲାଯିବ। ପ୍ରତ୍ୟହ ସନ୍ଧ୍ୟାରେ ବିଶିଷ୍ଟ ବ୍ୟକ୍ତିମାନେ ଅତିଥି ଭାବେ ଯୋଗଦାନ କରି ବାର୍ତ୍ତା ପ୍ରଦାନ କରିବେ। ପରେ ଫକୀର ପଟ୍ଟନାୟକ ମୁକ୍ତ ମଞ୍ଚରେ ଚିତ୍ତାକର୍ଷକ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିରେ ସୁବର୍ଣ୍ଣପୁର ଜିଲ୍ଲାର ୧୭ଟି, ରାଜ୍ୟର ୧୧ଟି ଓ ରାଜ୍ୟ ବାହାର ଆସାମ, ରାଜସ୍ଥାନ, ମଣିପୁର, ଉତ୍ତର ପ୍ରଦେଶ ଓ ପଞ୍ଜାବରୁ ୬ଟି ସାଂସ୍କୃତିକ ଅଂଶଗ୍ରହଣ କରିବେ। ମୋଟ ୬୮୦ କଳାକାର ଓ ୩୪ ଗୋଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି।

# ଅଗ୍ନିକାଣ୍ଡରେ ଜଳିଗଲା ୩ ବଖରା

**ଟାଙ୍ଗୀ-ଚୌଦ୍ୱାର, ୫।୧ (ସଂଚାର ବ୍ୟୁରୋ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତର ଜେମାଦେଇପୁର ଗ୍ରାମରେ ରବିବାର ଅପରାହ୍ନରେ ଭାୟବହ ଅଗ୍ନିକାଣ୍ଡ ଘଟି ୩ ବଖରା ଚାଳ ଘର ପୋଡି ଛାରଖାର ହୋଇଯାଇଛି। ଏହି ଗ୍ରାମର ରିୟାଜଉଦ୍ଦିନ ଖାନ ଓ ସାହାଜଉଦ୍ଦିନ ଖାନଙ୍କ ଘରେ ଦିନ ପ୍ରାୟ ୧୨ଟା ସମୟରେ ଅକସ୍ମାତ ନିଆଁ ଲାଗି ଯାଇଥିଲା। ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର ସହିତ ନଗଦ ଟଙ୍କା ଓ ସୁନା ଗହଣା ଏବଂ ଗଚ୍ଛିତ ଥିବା ଧାନ ଓ ଚାଉଳ ମଧ୍ୟ ସମ୍ପୂର୍ଣ୍ଣ ପୋଡି ଯାଇଛି। ଗ୍ରାମବାସୀମାନେ ନିଆଁକୁ ଆୟତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ ହେଁ ସବୁ କିଛି ପୋଡିଜଳି ନଷ୍ଟ ହୋଇଯାଇଥିଲା। ଖବରପାଇ ସ୍ଥାନୀୟ ସରପଞ୍ଚ, ପୂର୍ବତନ ସରପଞ୍ଚଓ ସ୍ଥାନୀୟ ଆରଆଇ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ପୀଡ଼ିତ ପରିବାର ସମ୍ପୂର୍ଣ୍ଣ ନିସହାୟ ହୋଇ ପଡ଼ିଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ମହୁମାଛି ଆକ୍ରମଣର ପ୍ରତିକାର କରୁନି ପ୍ରଶାସନ

## ସ୍କୁଲ, କଲେଜ ଓ ସରକାରୀ କାର୍ଯ୍ୟାଳୟରେ ଅସଂଖ୍ୟ ମହୁ ଫେଣା

**କାକଟପୁର/ଅସ୍ତରଙ୍ଗ, ୫।୧ (ସଂଚାର ବ୍ୟୁରୋ) :** ଏବେ ରାଜ୍ୟରେ କିଛିଦିନ ହେଲା ଲଗାତର ମହୁମାଛି ଆକ୍ରମଣ ଖବରକୁ ନେଇ ଚାଞ୍ଚଲ୍ୟ ଖେଳି ଯାଇଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବି ସେଥିରୁ ବାଦ ପଡୁନି। କାରଣ ନିକଟରେ ହୋଇଥିବା ଅସ୍ତରଙ୍ଗବ୍ଲକ ଅନ୍ତର୍ଗତ ସରିପୁର ଓ ନଗର ଅଞ୍ଚଳରେ ମହୁମାଛି ଆକ୍ରମଣରେ ୧୦ରୁ ଉର୍ଦ୍ଧ୍ୱ ଆହତ ହେବା ସମସ୍ତଙ୍କୁ ଚିନ୍ତିତ କରିଦେଇଥିଲା। ଏତେ ବଡ଼ ଅଘଟଣ ପରେ ମଧ୍ୟ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ପ୍ରଶାସନ ହାଲୁକା ଭାବେ ନେବାକୁ ନେଇ ବୁଦ୍ଧିଜୀବୀ ତଥା ସାଧାରଣ ଲୋକେ ନାପସନ୍ଦ କରିଛନ୍ତି।

ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ତଥା ବଜାର ବିଭିନ୍ନ ଜାଗାରେ ଥିବା ସ୍କୁଲ, କଲେଜ, ସରକାରୀ, ବେସରକାରୀ କୋଠା ତଥା ଜନବସତି ନିକଟରେ ଥିବା ଗଛରେ ବର୍ଷ ବର୍ଷ ଧରି ମହୁମାଛି



ବସା କରି ରହୁଛନ୍ତି। କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତି ଆସିଲେ ଅବା ବିପଦର ଆଭାସ ପାଇଲେ ସେମାନେ ଲୋକଙ୍କୁ ଦଂଶନ କରୁଛନ୍ତି। ସାଧାରଣ ଲୋକ ଅଥବା ଦେଖଣାହାରୀ ମତ ଅନୁଯାୟୀ ସପ୍ତଫେଣି, ମାଙ୍କେଡିଆ, ବାଘୁଆ, ସାନମାଙ୍କେଡିଆ ଆଦି ବିଭିନ୍ନ ପ୍ରଜାତିର ମହୁମାଛି ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଅଞ୍ଚଳରେ ଦେଖାଯାଉଛନ୍ତି। ବାଘୁଆ ପ୍ରଜାତି ମହୁମାଛି ଅଧିକ ଆକ୍ରମଣତ୍ମକ। ଯେଉଁମାନେ ଏହି ସବୁ ଜନବସତି ଅଞ୍ଚଳରେ ସୁପ୍ତ ଭାବରେ ରହିଥାନ୍ତି। ଅନେକ ସମୟରେ ଆକ୍ରମଣତ୍ମକ ହୋଇ ଲୋକଙ୍କ କ୍ଷତି କରିଥାନ୍ତି। ପ୍ରଶାସନିକ ସ୍ତରରେ ସାଧାରଣଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ସେ ସବୁ ପ୍ରତି କାହାର ନଜର ରହୁନଥିବାରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି।

କିଛି ମାସ ତଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ନଗର ରେ ମହୁମାଛି ଆକ୍ରମଣ ରେ ଆହତ ହୋଇ ଚିକିତ୍ସାଳୟ ରେ ଭର୍ତି ହେବା ଘଟଣା ପରେ ସମସ୍ତଙ୍କୁ ଏଥିରୁ ସତର୍କତା ଅବଲମ୍ବନ କରିବା ପାଇଁ ଏକ ଶିକ୍ଷା ଦେଇଥିଲା। କିଛି ମାସ ତଳେ ସରିପୁର ଅଞ୍ଚଳରେ ଗୋଟିଏ ସ୍ଥାନରେ ୪ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିବା ପରେ ଡକ୍ଟର ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ।

ଗ୍ରାମାଞ୍ଚଳ ସହ ଅସ୍ତରଙ୍ଗ ବଜାର ଏଭଳି ଅନେକ ଜନବସତିରେ ଶହ ଶହ ମହୁଫେଣା ରହିଛି। ପ୍ରଶାସନିକ ସ୍ତରରେ ଏହାକୁ ଗୁରୁତର ମନେ କରି ବିପଦ ଆସିବା ପୂର୍ବରୁ ଆଗୁଆ ପଦକ୍ଷେପ ନେବାକୁ ଦାବୀ ହୋଇଛି। ଏ ସମ୍ପର୍କରେ ପ୍ରଶାସନିକ ସ୍ତରରେ କୌଣସି ବିଭାଗରେ ସେମିତି ପଦକ୍ଷେପ ନେବା ଭଳି ଦେଖାଯାଇନାହିଁ।

# ନିମ୍ନମାନର ରାସ୍ତା ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

## ଜେଇ ଓ ଠିକାଦାରଙ୍କ ଭୂମିକା ସନ୍ଦେହରେ

**ରାୟଗଡା, ୫।୧ (ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା ଚନ୍ଦ୍ରପୁରୁ ବ୍ଲକରେ ସରକାରୀ ଅଧିକାରୀମାନେ ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟକୁ ସଠିକ ଭାବେ ଲୋକଙ୍କ ପାଇଁ ବିନିଯୋଗ ନ କରି ଜନମାରଣ ନୀତିରେ ପରିଣତ କରିବାରେ ଲାଗିଛନ୍ତି। ନିମ୍ନମାନରକୋମ କରି ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତରାରେ ଅର୍ଥ ଲୁଟ୍ କରୁଥିବା ରାସ୍ତାକୁ ଗ୍ରାମବାସୀ ବନ୍ଦ କରି ବିଭାଗୀୟ ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି।

ସୂଚନାଯୋଗ୍ୟ ଚନ୍ଦ୍ରପୁରୁ ବ୍ଲକରେ ଯେତେ ରାସ୍ତା ନିର୍ମାଣ ଓ ପିଚୁ କରାଯାଇଛି ତାହା ଏତେ ନିମ୍ନମାନର ହେଉଥିଲା ଯେ ମାସକ ମଧ୍ୟରେ ପୂର୍ବ ସ୍ଥିତିରେ ପରିଣତ ହେଉଥିଲା। ତାହା କେବଳ ମଲ୍ଲିକ ଜେଇଙ୍କ ପାଇଁ ସମ୍ଭବ ହେଉଛି। ସେତେବେଳେ ବିଜେଡି ବାହୁଛାୟାତଳେ ରହି କାର୍ଯ୍ୟ ହେଉ କି ନ ହେଉ ବିଲ କରି ମିଳିମିଶି ଚଳୁ କରି ଚାକିରି ନିୟମିତ ନହେଲେ ବି କୋଟିପତି ହେବାର ସୌଭାଗ୍ୟ ଲାଭ କରିଥିବା ମଲ୍ଲିକ ଜେଇଙ୍କ ନାଁରେ ଅଭିଯୋଗ ହେଉଛି। ଏଥିପାଇଁ ଭିଜିଲାନ୍ସ ତଦନ୍ତ ଜରୁରୀ ହୋଇପଡିଛି।

ଆହୁରି ମଧ୍ୟ ଦୁର୍ନୀତିର ପେଡି ଦେଖିବାକୁ ମିଳିଛି ଚନ୍ଦ୍ରପୁରୁ ବ୍ଲକ ଡାଙ୍ଗସୋରଡା ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଉଆବାଲି, ସୁରଙ୍ଗାଗୁଡି ଗ୍ରାମ୍ୟ ଉନ୍ନୟନ ରାସ୍ତାରେ। ଏହି ରାସ୍ତାରେ ଠିକାଦାର ଓ ଯନ୍ତ୍ରୀଙ୍କ ବିନା ଉପସ୍ଥିତିରେ ଲେବରମାନଙ୍କ ଦ୍ୱାରା ନିମ୍ନମାନର ପିଚୁ ଓ ଗୁଣ୍ଡି ଚିପ୍ସ ଏବଂ କାରପେଣ୍ଟିଂ, ସ୍ଲିକୋଟିଂ ନକରି ରାତି ଦିନ ପିଚୁ ଘସି ରାସ୍ତା ସାରିଦେବାକୁ କାର୍ଯ୍ୟ କରୁଥିଲେ। ଏହା ଦେଖି ମାଦିଗୁଡା ଓ ଗାମାଗୁଡିର ଗ୍ରାମବାସୀମାନେ ରାସ୍ତା କାମ ବନ୍ଦ କରିଦେଇଛନ୍ତି। ଆଗରୁ ଆମକୁ ଭୂଆଁ ବୁଲାଇ ମାଟି ରାସ୍ତାରେ ଯେନେତେନେ ପ୍ରକାର ନାଲି ଗୋଡି ଛିଞ୍ଚି ଏହି ଜେଇ କିଭଳି ବିଲ୍ କରି ନେଇଗଲେ ତାହା ଆମକୁ ପରେ ଜଣାପଡିଲା । ଏବେ ଅଧଇଞ୍ଚରୁ ଅଧା ପିଚୁ ପକାଯାଉଛି, ଚଲାପାଦରେ ପିଚୁ ବାହାରି ମାଟି ଦିଶୁଛି, ତେଣୁ ଠିକାଦାର ଏବଂ ଉଚ୍ଚ ଅଫିସର ଆସି ଦେଖିବା ପରେ ସରକାରଙ୍କ ନିୟମ ଅନୁଯାୟୀ ଗୁଣ ମାନର କାର୍ଯ୍ୟ ହେବ ବୋଲି ଗ୍ରାମବାସୀମାନେ ଲେବରଙ୍କୁ ଚେତାବନୀ ଦେଇ କାର୍ଯ୍ୟ ବନ୍ଦ କରିଥିବା ଆମ ପ୍ରତିନିଧିଙ୍କୁ ସ୍ଥାନୀୟ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି।

ଏନେଇ ଗୁଣୁପୁରୁ ଆରଡି ବିଭାଗର ଏସଡିଓଙ୍କୁ ଫୋନରେ ପଚାରିବାରୁ କେଉଁଠି କାମ ହେଉଛି ମୁ ଜାଣିନି ଦେଖିବା କଣ ହୋଇଛି ବୁଝିବି,କିନ୍ତୁ ଆଜିକୁ ଦଶ ଦିନ ବିତିଯାଇଥିଲେ ମଧ୍ୟ ଏସଡିଓଙ୍କର ବୁଝିବା କ୍ଷମତା ଜେଇଙ୍କ ନିକଟରେ ରହିଗଲା ।

# ଗାଁ ସାଥୀ ଚୟନରେ ବିଳମ୍ବ

**ଖପ୍ରାଖୋଲ, ୫।୧ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ତଥା ଖପ୍ରାଖୋଲ ପଞ୍ଚାୟତ ଅନ୍ତର୍ଗତ ମହୁରୁଣ୍ଡି ଗ୍ରାମରେ ଗାଁ ସାଥି ଚୟନ ପାଇଁ ପଞ୍ଚାୟତିରାଜ ବିଭାଗ ପତ୍ର ସଂଖ୍ୟା ୧୫୫୩୪ ତା ୨୦/୦୮/୨୦୧୮ ଓ ଖପ୍ରାଖୋଲ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ପତ୍ର ସଂଖ୍ୟା ୧୮୭୨ ତା ୧୪/୦୯/୨୦୨୪ ଅନୁଯାଇ ବୋଲି ଉଲ୍ଲେଖ କରି ତା ୦୩/୧୨/୨୦୨୪ ଦିନ ପଲ୍ଲିସଭା ଡକାଯାଇ ମହୁରୁଣ୍ଡି ଗ୍ରାମର ମନରେଗା କାର୍ଯ୍ୟ ସକାଶେ ନୂତନ ଗାଁ ସାଥି ଚୟନ କରାଯିବା ନେଇ ଖପ୍ରାଖୋଲ ପଞ୍ଚାୟତ କାର୍ଯ୍ୟାଳୟରୁ ପତ୍ର ପଠାଯାଇଛି । ପତ୍ର ଅନୁସାରେ ଆଜକୁ ଏକ ମାସ ବିତିଗଲାଣି ହେଲେ ପଲ୍ଲିସଭା ଡକାଯାଇ ନାହିଁ । ବିନା ଗାଁ ସାଥିରେ କିପରି ମନରେଗା କାର୍ଯ୍ୟ କରାଯିବ କିଛି ଜାଣି ହେଉନାହିଁ କାରଣ ବ୍ଲକ ପ୍ରଶାସନ କିମ୍ବା ପଞ୍ଚାୟତ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜି ଦିନ ଗଡେଇ ଚାଲିଛନ୍ତି। ଦିନ ଗଡେଇବାର କାରଣ ବୋଧହୁଏ ନୂତନ ଗାଁ ସାଥି ଚୟନ କରିବାର ଆଗ୍ରହ ନରଖି ଭିତିରି କାରବାର ହେଉଥିବା ମନେ ହେଉଛି। ପଲ୍ଲୀସଭା କେବଳ କାଗଜ ପତ୍ରରେ ଦର୍ଶାଇ ଭିତିରି କରସାଡି କରି ଗାଁ ସାଥି ଚୟନ କରିବାର ଉଦେଶ୍ୟ ରଖାଯାଉଥିବା ଭଳି ସନ୍ଦେହ ମନେ ହେଉଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନିୟମ ଅନୁସାରେ ଗାଁ ସାଥି ଚୟନ କରାଯିବାକୁ ଦାବି ହେଉଛି ।

# ଲୋକଙ୍କୁ ଠକୁଛି ସ୍ପନ୍ଦନା ଫାଇନାନ୍ସିଆଲ

## ଥାନାରେ ଏତଲା

**ବାଲିଆପାଳ, ୫।୧ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ଖଗଡ଼ାପାଳ ଗ୍ରାମର ପର୍ଶୁରାମ ନାୟକ ଘରେ ସ୍ପନ୍ଦନା ଫାଇନାସିଆଲ ସଂସ୍ଥା ଅଫିସ ଖୋଲି ଲୋକଙ୍କୁ ଲୋନ ଦେଇ କିସ୍ତି ଆକାରରେ ନେଉଥିବା ଟଙ୍କାର କୌଣସି ରସିଦ୍ ଦେଉ ନ ଥିବାର ଅଭିଯୋଗ ହେଉଛି। ସଂସ୍ଥାରୁ ଲୋନ ନେଇଥିବା କଣ୍ଠାଫଳ ଗ୍ରାମର ମହିଳା ଶୁକମଣି ମଲ୍ଲିକ ୪୦, ୦୦୦ ଟଙ୍କାରେ ମାସକୁ ୨୧୩୦ ଟଙ୍କା କିସ୍ତି ଆକାରରେ ଦେଉଥିବାବେଳେ ତାଙ୍କୁ ସଂସ୍ଥା ତରଫରୁ କୌଣସି ରସିଦ୍ ମିଳୁ ନ ଥିଲା। ସେହିପରି ସେହି ଗ୍ରାମର ରୀନା ଦଳାଇ ୬୮,୦୦୦ ଟଙ୍କାରେ କିସ୍ତି ୩୨୦୦ଟଙ୍କା, ଜୟନ୍ତୀ ମହାନ୍ତି ୪୦,୦୦୦ ଟଙ୍କାରେ କିସ୍ତି




୨୧୩୦ ଟଙ୍କା, କବିତା ଦେହୁରୀ ୫୨,୦୦୦ ଟଙ୍କାରେ ୨୬୮୦ ଟଙ୍କା, ଅହଲ୍ୟା ଦେହୁରୀ ୫୮,୦୦୦ ଟଙ୍କାରେ ୩୪୮୦ ଟଙ୍କା, ପାଗଳୀ ପାତ୍ର ୬୦,୦୦୦ ଟଙ୍କାରେ ୩୨୦୦ ଟଙ୍କା, ବାସନ୍ତୀ ଦାସ ୫୮,୦୦୦ ଟଙ୍କାରେ ୩୪୮୦ ଟଙ୍କା କିସ୍ତି ଆକାରରେ ମାସକୁ ମାସ ସଂସ୍ଥାରୁ ଆସୁଥିବା କର୍ମଚାରୀଙ୍କ ହାତରେ ସେମାନେ ଟଙ୍କା ଦେଉଥିଲେ। ଏବାବଦରେ ହିତାଧିକାରୀ ରସିଦ୍ ମାଗିଲେ ସେମାନେ ରସିଦ ନ ଦେଇ ଲୋନ ଚାର୍ଟରେ ଟଙ୍କା ପଡୁଥିବା କହି ଫାଙ୍କୁଥିଲେ।

ସେହିପରି ସେମାନେ ଏହି ସଂସ୍ଥା ବ୍ୟତୀତ ଅନ୍ନପୂର୍ଣ୍ଣା ଓ ଭାରତ ଫାଇନାସ ସଂସ୍ଥାରୁ ମଧ୍ୟ ଲୋନ ଆକାରରେ ଅର୍ଥ ନେଇ କିସ୍ତି ଆକାରରେ ଟଙ୍କା ପରିଶୋଧ ସମୟରେ ରସିଦ୍ ପାଉଥିଲେ। କିନ୍ତୁ ସେଠାରେ ଲୋନ ନେଇ ପରିଶୋଧ ହେବାର ଶେଷ ସମୟରେ ପୁଣିଥରେ ଲୋନ ନେବା ପାଇଁ ସେମାନେ ଚାହିଁବାରୁ ସ୍ପନ୍ଦନା ଫାଇନାସ ସଂସ୍ଥାରୁ ଟଙ୍କା ନେଇ ଖିଲାପୀ ତାଲିକାରେ ନାମ ଥିବାରୁ ଲୋନ ପାଇ ପାରିବେ ନାହିଁ ବୋଲି ଜାଣିବାକୁ ପାଇଲେ। ଏ ବିଷୟରେ ସତ୍ୟାସତ୍ୟ ଜାଣିବା ପାଇଁ ସେମାନେ ଗତକାଲି ବାଲିଆପାଳରେ ଥିବା ସ୍ପନ୍ଦନା ସଂସ୍ଥାକୁ ଆସିଥିଲେ। ଏଠାରେ ସଂସ୍ଥାର ମ୍ୟାନେଜରଙ୍କ ଦେଖା ନ ପାଇବାରୁ ସେମାନେ ତାଙ୍କ ଘରୁ ଟଙ୍କା ଆଣୁଥିବା କର୍ମଚାରୀଙ୍କୁ ଏ ବିଷୟରେ ପଚାରିବାରୁ ରାଗିଯାଇ ଗାଳିଗୁଲଜ କରିବା ସହ ଠେଲାପେଲା କରିଥିଲେ। ଏ ବାବଦରେ ସିଂଲା ଥାନାରେ ଅଭିଯୋଗ ହେଇଛି। ତାଛଡା ପ୍ରତ୍ୟେକ ବ୍ଲକରେ ଛତୁ ଫୁଟିଲା ପରି ବ୍ୟାଙ୍କ ଓ ଶାଖା ଖୋଲୁଥିବା ବେଳେ ବିଭିନ୍ନ ଫାଇନାସିଆଲ ସଂସ୍ଥାକୁ ସରକାର କାହିଁକି ଅନୁମତି ଦେଉଛନ୍ତି ତାହା ବୁଦ୍ଧିଜୀବୀ ମହଲରେ ଆଲୋଚନା ବିଷୟରେ ହୋଇଛି।

# ଜବରଦଖଲରେ ଅନାବାଦି ଗୋଚର ଜମି

**କଣାସ, ୫।୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାର କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପତି ହୋଇଥିବା ବେଳେ ୨୮ଟି ଗ୍ରାମପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ଓ ୧୦୮ଟି ପଡ଼ା ଗ୍ରାମରେ ଥିବା ୪୯୪୩ ହେକ୍ଟର ଅନାବାଦି ଓ ଗୋଚର ଜମି ଜବରଦଖଲ ଯୋଗୁଁ ଦିନକୁ ଦିନ କଣାସ ବ୍ଲକରେ ପଶୁ ସମ୍ପଦ କମି କମି ଯାଉଥିବା ଜଣାପଡ଼ିଛି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ୧୦ବର୍ଷ ମଧ୍ୟରେ ୩୦ପ୍ରତିଶତରୁ ଅଧିକ ଗୃହପାଳିତ ପଶୁ ସଂଖ୍ୟା କମିଯାଇଛି। ଗୋଚର ଜମିରେ ଗାଈଗୋରୁ ଚରିବାକୁ ପୂର୍ବରୁ ସୁବିଧା ଥିଲା। ପ୍ରଶାସନର ଉଦାସନିତା ଯୋଗୁଁ ଏବେ ଏହି ଜମି ଜବରଦଖଲରେ। ଗୋଚର ଜମି ଅଭାବରୁ ଅନେକ ଗାଈଗୋରୁ ଆଦି ଗୃହପାଳି ପଶୁ ଘାସକେରାଏ ପାଇବା କଷ୍ଟ ହୋଇପଡ଼ିଛି। ଆଉ ଏକ ସମସ୍ୟା ହେଲା କଣାସ ବ୍ଲକର ସମସ୍ତ ଅଞ୍ଚଳ ଚିଲିକା ଉପକୂଳରେ ହୋଇଥିବା ବେଳେ ପ୍ରତ୍ୟେକ ବର୍ଷ ଅନେକ ଗାଈଗୋରୁ, ମଇଁଷି ବଜବଜିଆ, ଶାହାଣ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। କଣାସ ବ୍ଲକରେ ମୁଖ୍ୟ ସମସ୍ୟା ହେଲା ପଶୁମାନଙ୍କ ପାଇଁ କଣାସ ଠାରେ ମୁଖ୍ୟ ପଶୁଚିକିତ୍ସା କେନ୍ଦ୍ର ଥିବା ବେଳେ ବିଭିନ୍ନ ପଞ୍ଚାୟତରେ ୧୧ଟି ପ୍ରାଥମିକ ପଶୁଚିକିତ୍ସା କେନ୍ଦ୍ର ଖୋଲାଯାଇଛି। ସେଥି ମଧ୍ୟରୁ କଣାସ ପଶୁଚିକିତ୍ସା କେନ୍ଦ୍ରରେ ମୁଖ୍ୟ ପଶୁଚିକିତ୍ସକ ପଦବୀ ଦୀର୍ଘଦିନ ହେଲା ଖାଲି ପଡ଼ିଥିବା ବେଳେ ୧୧ଟି ପ୍ରାଥମିକ ପଶୁ ଚିକିତ୍ସା କେନ୍ଦ୍ର ମଧ୍ୟରେ ୬ଟି କେନ୍ଦ୍ରରେ ଚିକିତ୍ସକ ନ ଥିବାରୁ ଗାଈଗୋରୁମାନଙ୍କୁ ସଠିକ୍ ସମୟରେ ବିଭିନ୍ନ ଇଞ୍ଜେକସନ୍ ଦିଆଯାଇପାରୁନାହିଁ। ଠିକ୍ ସମୟରେ ପଶୁ ମାନଙ୍କୁ ଚିକିତ୍ସା କରାଯାଇ ପାରୁନଥିବାରୁ ଅନେକ ଗୃହପାଳିତ ପଶୁ ମୃତ୍ୟୁବରଣ କରିଛନ୍ତି।


ସଙ୍କଟରେ ପଶୁ ସମ୍ପଦ

ଏ ସମ୍ପର୍କରେ କଣାସ ତହସିଲଦାର ହିମାଂଶୁଶେଖର ଗିରିଙ୍କୁ ପଚାରିବାରୁ ସେ କୁହନ୍ତି କେଉଁମାନେ ଅନାବାଦି ଓ ଗୋଚର ଜମି ଦଖଲରେ ରଖିଛନ୍ତି ତାହାକୁ ଫେରାଇ ଆଣିବାପାଇଁ ଚେଷ୍ଟା କରିବି। ଗୋଚର ଜମିର ପୁନଃଉଦ୍ଧାର ଓ ଖାଲି ପଡ଼ିଥିବା ପଶୁ ଚିକିତ୍ସକ ପଦବୀ ପୂରଣ ପାଇଁ ଜନସାଧାରଣରେ ଦାବି ହେଉଛି।

# ଜୁନାଗଡ଼ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**କଳାହାଣ୍ଡି, ୫।୧ (ସଂଚାର ବ୍ୟୁରୋ):** ଜୁନାଗଡ଼ ସହରସ୍ଥିତ ହାଇସ୍କୁଲ୍ ଖେଳ ପଡିଆ ମା ଲଙ୍କେଶ୍ୱରୀ ମଞ୍ଚରେ ଜୁନାଗଡ଼ ମହୋତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆସନ୍ତା ଫେବୃଆରୀ ମାସରେ ୩ ଦିନ ଧରି ଜୁନାଗଡ଼ ମହୋତ୍ସବ ଅନୁଷ୍ଠିତ ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା । ନିଜ ଅଂଚଳ ର କଳା ସଂସ୍କୃତି ର ଉଜାଗର ତଥା ଅଂଚଳ ର ଜନସାଧାରଣଙ୍କ ସଂସ୍କୃତି ପ୍ରେମ କୁ ଆଖି ଆଗରେ ରଖି ଜୁନାଗଡ଼ ଅଂଚଳ ବାସି ତିନିଦିନ ଧରି ଜୁନାଗଡ଼ ମହୋତ୍ସବ କରିବା ପାଇଁ ନିଷ୍ପତି ନେଇଛନ୍ତି । ଓକିଲ ସଙ୍ଘ ସମ୍ପାଦକ ହିମାଂଶୁ ଶେଖର ବରାଡ଼ଙ୍କ ଆବାହନ ଓ ଅନୁରୋଧ ରକ୍ଷା କରି ଶହ ଶହ ଜୁନାଗଡ଼ବାସୀ ଆଜି ସ୍ଥାନୀୟ ମା ଲଙ୍କେଶ୍ୱରୀ ମଞ୍ଚ ରେ ଏକତ୍ରିତ ହୋଇ ଜୁନାଗଡ଼ ର ସ୍ୱାଭିମାନ କୁ ଆଖିଆଗରେ ରଖି ମହୋତ୍ସବ ପାଇଁ ଏକ କୋର କମିଟି ଗଠିତ ହୋଇ ଯାଇଛି। ଏଥିରେ ସର୍ବସମ୍ମତି କ୍ରମେ ଦୁର୍ଗା ପ୍ରସାଦ ନାଏକ, ଲଳିତ କୁମାର ଅଗ୍ରୱାଲ, ଶିବ ପ୍ରସାଦ ମହାନ୍ତି (ବୁଟି), ଈଶ୍ୱର ଚନ୍ଦ୍ର ପୂଝରୀ, ଅଶୋକ କୁମାର ପଟ୍ଟନାୟକ, ବିଘ୍ନ ରାଜ ବରାଡ଼, ସରୋଜ କୁମାର ପଣ୍ଡା, ସମୀର କୁମାର ସାହୁ, ରଞ୍ଜନ କୁମାର ଜାଲ, ଦିଲିପ କୁମାର ପଣ୍ଡା, ଅନିଲ କୁମାର ପଣ୍ଡା ଓ କୋର କମିଟି ଆବାହକ ହିମାଂଶୁ ଶେଖର ବରାଡ଼ ମନୋନୀତ ହୋଇଛନ୍ତି । ଶେଷରେ ମାନସ ରଞ୍ଜନ ସେଠି ଧନ୍ୟବାଦ ଦେଇ ସଭା ସାଙ୍ଗ କରାଯାଇଥିଲା



# ଠାକୁର ନିଗମାନନ୍ଦ ଆସନ ମନ୍ଦିରର ବାର୍ଷିକୋତ୍ସବ

**ମାର୍ଶାଘାଇ, ୫।୧ (ସଂଚାର ବ୍ୟୁରୋ):** ନୀଳାଚଳ ସାରସ୍ୱତ ସଂଘ, ପୁରୀ ଅନ୍ତର୍ଗତ କେନ୍ଦ୍ରାପଡ଼ା ଜିଲ୍ଲାର ପିକରାଳୀ ଶାଖା ସଂଘ ଆଶନ ମନ୍ଦିରର ୩୮ତମ ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବିଭକ୍ତ କଟକ ଜିଲ୍ଲାର ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦାନ କରି ପୂଜାର୍ଚ୍ଚନାରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟୁଷରୁ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଶ୍ରୀ ଶ୍ରୀ ଠାକୁର ମହାରାଜାଙ୍କ ଷୋଡ଼ଶ ଉପଚାର ପୂଜା, ଆରତୀ ଓ ସ୍ତୋତ୍ର ବନ୍ଦନା କରାଯାଇଥିଲା। ଦ୍ୱିତୀୟ ଅଧିବେଶନର କାର୍ଯ୍ୟକ୍ରମ ନୀଳାଚଳ ସାରସ୍ୱତ ସଂଘ, ପୁରୀର ସଭାପତି ଗଗାନେନ୍ଦ୍ରନାଥ ମହାପାତ୍ରର ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଧିବେଶନରେ ଶ୍ରୀମଦ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଓ ପଣ୍ଡିତ ବିଭୂତି ଭୂଷଣ ପାତ୍ର ଯୋଗଦାନ କରି ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଜୀବନ ଦର୍ଶନ ଓ ଆଧ୍ୟାତ୍ମିକ ଭାବଧାରା ଉପରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ସାଂପ୍ରତିକ ସମାଜରେ ଠାକୁରଙ୍କ ବାଣୀର ମହତ୍ତ୍ୱ ଉପରେ ନିଜର ଅଭିମତ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାକାଳପଡା ବିଧାୟକ ଡା. ଦୁର୍ଗାପ୍ରସନ୍ନ ନାୟକ ଯୋଗଦାନ କରି ଆଜିର ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିବାରୁ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ।

## ବୈଶିଙ୍ଗା ମହୋତ୍ସବର ୪ର୍ଥ ସନ୍ଧ୍ୟା

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଭରପୁର ଦର୍ଶକ

**ବୈଶିଙ୍ଗା, ୫।୧ (ସଂଚାର ବ୍ୟୁରୋ):** ଶିତୁଆ ସନ୍ଧ୍ୟାର ବୁନ୍ଦା ବୁନ୍ଦା କାକରକୁ ଖାତିର ନ କରି ହଜାର ହଜାର ଦର୍ଶକ ଆଜି ବୈଶିଙ୍ଗା ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିବାର ଦେଖିବାକୁ ମିଳିଥିଲା। ମହୋତ୍ସବର ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ,ସଭାପତି ଦେବେନ୍ଦ୍ର କୁମାର ପଣ୍ଡା,ସହ ସମ୍ପାଦକ ଦୀପକ କୁମାର ସିଂହ, କୋଷାଧ୍ୟକ୍ଷ ସୀତାନାଥ ବେହେରା, ଉପଦେଷ୍ଟା ସଞ୍ଜୟ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ଭକ୍ତି ପୁଷ୍ପ ପ୍ରଦାନ କରିବା ସହିତ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ସଦସ୍ୟ ବିଶ୍ୱମ୍ଭର ରାଉତ ,ଦୀପକ ପ୍ରଧାନ, ସରୋଜ ପତି, ଶୈଳେନ୍ଦ୍ର ପଣ୍ଡା, ଅଜିତ ସାସମଲ, ସତ୍ୟଜିତ୍ ରାଉତ ପ୍ରମୁଖ ସହଯୋଗ କରିଥିଲେ । ଭୁବନେଶ୍ୱରର ମେଲୋଡି କିଙ୍ଗ "ଓ ଡି ୦୧ ପପ୍ ବ୍ୟାଣ୍ଡ" ସହିତ ଗାୟକ ଶକ୍ତି ମିଶ୍ର,ରୁନୁ ପଣ୍ଡା, ଲିଲି, ବିକାଶ, ସଙ୍ଗୀତା ପ୍ରମୁଖ ସୁମଧୁର ଗୀତ ପରିବେଷଣ କରି ଦର୍ଶକଙ୍କ ମନ କିଣି ନେଇଥିଲେ । ତୃତୀୟ ବର୍ଷର ଚତୁର୍ଥ ସନ୍ଧ୍ୟା ବେଶ ଆକର୍ଷଣୀୟ ସୃଷ୍ଟି କରିଥିଲା ।



## ମା’ ବାଗଦେବୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଢୋଲମରାକୁ ୭୬ରନ୍‌ରେ ହରାଇ ମଧ୍ୟଖଣ୍ଡ ଚାମ୍ପିଅନ

**ନୟାଗଡ଼, ୫।୧ (ସଂଚାର ବ୍ୟୁରୋ):** ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ୍ ସଦର ମହକୁମାରେ ଥିବା ନୂଆଗାଁ ଗ୍ରାମ ପଞ୍ଚାୟତ ଖାଲମଡା ଗ୍ରାମରେ ଅନୁଷ୍ଠିତ ୨୭ତମ ମା ବାଗଦେବୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ମଧ୍ୟଖଣ୍ଡ କ୍ରିକେଟ୍ ଟିମ୍ ପ୍ରଥମେ ଟସ ଜିତି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ୍ ହରାଇ ୧୨୯ ରନ୍ ସଂଗ୍ରହ କରିଥିବା ବେଳେ ଢୋଲମରା କ୍ରିକେଟ୍ ଟିମ୍ ୧୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୫୩ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥଲା। ଯାହା ଫଳରେ ମଧ୍ୟଖଣ୍ଡ କ୍ରିକେଟ୍ ଟିମ୍ ଚାମ୍ପିଅନ ହୋଇଥଲା। ଆଜିର ଫାଇନାଲ ମ୍ୟାଚ୍ ରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ଯୁବ ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ମା ବାଗଦେବୀଙ୍କୁ ପ୍ରଣାମ ଜଣାଇ ନିଜେ ବ୍ୟାଟିଂ କରିବା ସହ ଖେଳାଳୀ ମାନଙ୍କୁ ଉତ୍ସାହିତ କରି ଦୈନନ୍ଦିନ ଜୀବନରେ କ୍ରୀଡ଼ାର ଆବଶ୍ୟକତା ବୁଝାଇଥିଲେ। ତତ୍ ସହିତ ବିଭିନ୍ନ ବ୍ଲକ୍‌ରୁ ୧୬ ଟି ଟିମ୍ କୁ ନେଇ ଶୃଙ୍ଖଳିତ ଭାବେ ୨୭ ତମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ କରିଥିବାରୁ ମା ବାଗଦେବୀ କ୍ରିକେଟ୍ କ୍ଲବ୍‌ର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ।

ବିଜୟୀ ହୋଇଥିବା ମଧ୍ୟଖଣ୍ଡ କ୍ରିକେଟ୍ ଟିମ୍‌କୁ ୫୫୫୫ ଟଙ୍କା ସହ ଟ୍ରଫି ଏବଂ ରନରସ୍ ଅପ୍ ହୋଇଥିବା ଢୋଲମରା କ୍ରିକେଟ୍ ଟିମ୍‌କୁ ୩୩୩୩ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ଜିଲ୍ଲା ପରିଷଦଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ଦଳ ବେହେରା,ନୂଆଗାଁ ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ପଦ୍ମଲୋଚନ ପରିଡା, ପାରାଡିପି ସରପଞ୍ଚ ବିଭୂତି ଭୂଷଣ ପ୍ରଧାନ,ଛାତ୍ର ବିଜେଡ଼ି ସଭାପତି ସୁବ୍ରତ ପରିଡ଼ା, ସାମ୍ବାଦିକ ଦିଲ୍ଲୀପ କୁମାର ଜାନୀ,ରଶ୍ମି ରଞ୍ଜନ ପରିଡ଼ା,ମାନସ ତ୍ରିପାଠୀ, ହୃଦୟା ନନ୍ଦ ସାସମଲ, ଏମ ବି ସି ସି ପୂର୍ବତନ କ୍ୟାପଟେନ ବାନାମ୍ବର ପ୍ରଧାନ, ଶିକ୍ଷକ ତଥା ଟୁର୍ଣ୍ଣାମେଣ୍ଟର ଉପଦେଷ୍ଟା ସୋମନାଥ ପରିଡା ପ୍ରମୁଖ ଉପସ୍ଥିତ ରହି ଏଭଳି ଟୁର୍ଣ୍ଣାମେଣ୍ଟର ପ୍ରଶଂସା କରିଥିଲେ।




# ନିମାପଡା କପ୍ ଉଦ୍‌ଘାଟନୀ ମ୍ୟାଚରେ ମାଷ୍ଟର୍ସ କ୍ଲବ କଟକ ବିଜୟୀ

## ପ୍ରଥମ ତାପସ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ନିମାପଡ଼ା, ୫।୧ (ସଂଚାର ବ୍ୟୁରୋ):** ନିମାପଡ଼ା ଆଥଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଅନୁଷ୍ଠିତ ହେଇଆସୁଥିବା ୨୯ତମ ନିମାପଡା କପ୍ ୨୦୨୫ ତଥା ପ୍ରଥମ ତାପସ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚ୍ ଆଜି ସ୍ଥାନୀୟ ବାରବାଟି ପଡିଆରେ ଅତ୍ୟନ୍ତ ରୋମାଞ୍ଚକର ଭାବେ ଶେଷ ହୋଇଛି । ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱର ଜୟଦେବ ସ୍ପୋର୍ଟସ ଆସୋସିଏସନ୍‌କୁ ୪ ରନରେ ହରାଇ ମାଷ୍ଟର୍ସ କ୍ଲବ କଟକ ସେମିଫାଇନାଲକୁ ପ୍ରବେଶ କରିଛି। ସୂଚନା ଅନୁଯାୟୀ ୨୫ ଓଭର ବିଶିଷ୍ଟ ମ୍ୟାଚରେ ମାଷ୍ଟର୍ସ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ପାଇଁ ନିଷ୍ପତି ନେଇ ୨୩.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୧୪ ରନ ସଂଗ୍ରହ କରି ପାରିଥିଲା। ଦଳ ପକ୍ଷରୁ ବି.ଆର୍. ଶୁଭ୍ରଦୀପ୍ ୪ଟି ଚୌକା ସହାୟତାରେ ସର୍ବାଧିକ ୬୪ ବଲ୍ ଖେଳି ୪୩ ରନ୍ ଓ ଅଭିଷେକ ପାଣ୍ଡେ ଅତୁଲ୍ ୨୧ ବଲ ଖେଳି ୨୪ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷର ବୋଲର୍ ପ୍ରତାପ ବରାଳ ୫ ଓଭର ବୋଲିଂ କରି ୧୯ ରନ୍ ଦେଇ ୪ଟି ୱିକେଟ୍ ଏବଂ ଲକ୍ଷ୍ମୀଧର ପ୍ରଧାନ ଓ ବିଦ୍ୟାଧର ବେହେରା ଉଭୟ ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ଜୟଦେବ ସ୍ପୋର୍ଟସ ଆସୋସିଏସନ୍ ନିର୍ଦ୍ଧାରିତ ଓଭରରେ ୭ଟି ୱିକେଟ୍ ହରାଇ ୧୧୦ ରନ୍ କରିବା ପାଇଁ ହିଁ ସମର୍ଥ ହୋଇପାରିଥିଲା। ଦଳ ପକ୍ଷରୁ ଅମିତାଭ ରାଉତ ଓ ଅଂଶୁମାନ ସାହୁ ଉଭୟ ୩୭ଟି ବଲ ଖେଳି ଯଥାକ୍ରମେ ୨୯ ଓ ୧୭ ରନ ସଂଗ୍ରହ କରିଥିଲେ। ମାଷ୍ଟର୍ସ କ୍ଲବ୍ ଅଲ୍ ରାଉଣ୍ଡ ପରଫର୍ମ ବୋଲର ଦେବେନ୍ଦ୍ର କୁଅଁର ସିଂ ଚମତ୍କାର ୩ ଓଭରରେ ମାତ୍ର ୧୧ ରନ୍,ଅଭିଷେକ ପାଣ୍ଡେ ଅତୁଲ୍ ୫ ଓଭର ୨୧ ରନ ଓ ଆକାଶ ଦାସ ୫ ଓଭର ୨୭ ରନ୍ ଦେଇ ୨ଟି ଲେଖାଏଁ ଅକ୍ତିଆର କରିଥିଲେ। ଫଳରେ ମାଷ୍ଟର୍ସ କ୍ଲବ୍ ମାତ୍ର ୪ ରନ୍ ରେ ଅତି ରୋମାଞ୍ଚକର ଭାବେ ବିଜୟ ଲାଭ କରିପାରିଥିଲା। ବିଜୟୀ ଦଳର ଅଧିନାୟକ ବି. ଆର୍. ଶୁଭ୍ରଦୀପଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା।

ସୋମବାର ରାମେଶ୍ୱର ସ୍ପୋଟିଂ ଭୁବନେଶ୍ୱର ସହିତ ଆଲଫା ସ୍ପୋଟିଂ ବ୍ରହ୍ମପୁର ମଧ୍ୟରେ ଦିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳାଯିବ ବୋଲି କ୍ରିକେଟ ସଂପାଦକ ଅକ୍ଷୟ ବେହେରା ସୂଚନା ଦେଇଛନ୍ତି ।




# ୯ରୁ ଖୋର୍ଦ୍ଧା ଜିଲ୍ଲା କନିଷ୍ଠ କ୍ରିକେଟ ପଞ୍ଜିକରଣ

**ଖୋର୍ଦ୍ଧା, ୫।୧ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା କ୍ରିକେଟ ଆସୋସିଏସନ୍ ଏବଂ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧାଙ୍କ ମିଳିତ ଆନୁକୁଲ୍ୟରେ ଚଳିତ ବର୍ଷର କନିଷ୍ଠ କ୍ରିକେଟ୍ ପ୍ରତିଯୋଗିତା ଜାନୁୟାରୀ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହେବ। ଏହି କନିଷ୍ଠ କ୍ରିକେଟ୍ ପ୍ରତିଯୋଗିତା ପାଇଁ ନାମ ପଞ୍ଜିକରଣ ନିମନ୍ତେ ଆସନ୍ତା ୯ ଓ ୧୦ ତାରିଖ ଦିନ ଖୋର୍ଦ୍ଧା ବି ଜେ ବି ହାଇସ୍କୁଲ ମିନି ଷ୍ଟାଡିୟମରେ ୧୪ ବର୍ଷରୁ ଅଧିକ ଏବଂ ୧୯ ବର୍ଷରୁ କମ୍ ଖେଳାଳିମାନେ ସେମାନଙ୍କର ନାମ ପଞ୍ଜିକରଣ କରିପାରିବେ। ଇଚ୍ଛୁକ ଖେଳାଳି ମାନେ ସେମାନଙ୍କର ଡିଜିଟାଲ ଜନ୍ମ ପ୍ରମାଣ ପତ୍ର,ଆଧାର କାର୍ଡ,ଫଟୋ,ସ୍କୁଲ ପ୍ରମାଣ ପତ୍ର ସହ ଉପସ୍ଥିତ ରହିବା ପାଇଁ ଜିଲ୍ଲା କ୍ରିକେଟ ସଂଘର ସମ୍ପାଦକ ବିକାଶ ପ୍ରଧାନ ପ୍ରକାଶ କରିଛନ୍ତି। ଖୋର୍ଦ୍ଧାର ସମସ୍ତ କନିଷ୍ଠ ଖେଳାଳି ମାନେ ଏହାଦ୍ୱାରା ଉପକୃତ ହେବା ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ।